ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୭ ଫେବୃୟାରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 07 FEBRUARY 2021
Vol.No. 31 ■ No. 36 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019




ଯା ଦେବୀ ସର୍ବଭୂତେଷୁ............


ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୩ ଦିନ ଯାଏଁ ପ୍ରବଳ ଶୀତ

ଭୁବନେଶ୍ୱର,୦୬।୦୨ (ନି.ପ୍ର): ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ଶୀତ ଅନୁଭୂତ ହେବ। ବିଶେଷ କରି ପଶ୍ଚିମ, ଉତର ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ଶୀତ ଲହରୀ ବହିବ। ଏଥିପାଇଁ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲାଗୁଡିକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆସନ୍ତାକାଲି ଅର୍ଥାତ୍ ୭ ତାରିଖ ସକାଳ ଠାରୁ ୮ ତାରିଖ ସକାଳ ମଧ୍ୟରେ ସୁନ୍ଦରଗଡ, ଝାରସୁଗୁଡା, ଦେବଗଡ, କେନ୍ଦୁଝର, ମୟୂରଭଂଜ, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ ପ୍ରବଳ ଶୀତ ହୋଇପାରେ। ସେହିପରି ୮ ତାରିଖ ସକାଳ ଠାରୁ ୯ ତାରିଖ ସକାଳ ମଧ୍ୟରେ ସୁନ୍ଦରଗଡ, ଝାରସୁଗୁଡା, କେନ୍ଦୁଝର, ମୟୁରଭଂଜ, ଦେବଗଡ, ସମ୍ବଲପୁର, ବରଗଡ, ଅନୁଗୁଳ, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନୂଆପଡା, ନବରଙ୍ଗପୁର, ବାଲେଶ୍ୱର, ଭଦ୍ରକ ଓ ସୋନପୁର ଏବଂ ୯ ତାରିଖ ସକାଳ ଠାରୁ ୧୦ ତାରିଖ ସକାଳ ମଧ୍ୟରେ ସୁନ୍ଦରଗଡ, ଝାରସୁଗୁଡା, କେନ୍ଦୁଝର, ଦେବଗଡ, ମୟୁରଭଂଜ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ବଲାଙ୍ଗୀର ଜିଲ୍ଲାରେ ପ୍ରବଳ ଶୀତ ଅନୁଭୂତ ହେବ। ଏହିସବୁ ଜିଲ୍ଲାଗୁଡିକୁ ପାଣିପାଗ ବିଭାଗ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି।

# ନବଦ୍ୱୀପରେ ନଡ୍ଡାଙ୍କ ପରିବର୍ତ୍ତନ ରଥଯାତ୍ରା

## ମମତାଙ୍କ ଉପରେ ବର୍ଷିଲେ ବିଜେପି ଅଧ୍ୟକ୍ଷ, ବେଙ୍ଗଲ ରାଜନୀତି ସରଗରମ

ପଶ୍ଚିମବଙ୍ଗ,୦୬।୦୨ (ନି.ପ୍ର): ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ନୂଆ ସମ୍ଭାବନା ହୋଇ ସାମ୍ନାକୁ ଆସୁଛି ବିଜେପି । ଆଉ ଏପରି ସମୟରେ ଦଳୀୟ କର୍ମୀଙ୍କ ମନରେ ନୂଆ ଉତ୍ସାହ ଓ ଜୋସ ଭରି ଦେବାକୁ ପଶ୍ଚିମବଙ୍ଗର ନବଦ୍ୱୀପରେ ପରିବର୍ତନ ରଥଯାତ୍ରାର ଶୁଭାରମ୍ଭ କରିଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା । ସମାବେଶକୁ ସମ୍ବୋଧନ କରି ସେ ମମତା ସରକାର ଉପରେ ବର୍ଷିଛନ୍ତି । ଶନିବାର ପ୍ରଥମେ ମାଲଦାରେ ପହଂଚି ସେଠାରେ କୃଷକଙ୍କ ସହ ଭୋଜନ କରିଥିଲେ ଜେପି ନଡ୍ଡା । ଏହାପରେ ବିଶାଳ ଶୋଭାଯାତ୍ରା ବାହାର କରିଥିଲେ । ମାଲଦାରେ ନଡାଙ୍କ ରାଲିରେ ରାସ୍ତା ଉପରେ



ଜନସମୁଦ୍ର ଦେଖିବାକୁ ମିଳିଛି । ଏହି ଅବସରରେ ସେ କହିଛନ୍ତି ଏଥର ଦୁର୍ନୀତିଗ୍ରସ୍ତ ସରକାରଙ୍କୁ ହଟାଇବାକୁ ପଶ୍ଚିମବଙ୍ଗର ଜନତା ମନ ବଳେଇ ସାରିଲେଣି । ସେପଟେ ବିଜେପିକୁ କାଉଁଟର କରିବାକୁ ତୃଣମୂଳ କଂଗ୍ରେସ ଜନସମର୍ଥନ ରାଲି ନାଁରେ ଦୁଇ ଦିନିଆ ବାଇକ ରାଲି କରିବ । ଏହି ଯାତ୍ରା ଛପରାରୁ ଆରମ୍ଭ ହୋଇ ତ୍ରିବେଣୀ କୃଷ୍ଣନଗର ଦେଇ ପଳାସୀରେ ଶେଷ ହେବ । ଟିଏମସିର ରାଲିକୁ ସହଜରେ ଅନୁମତି ଓ ବିଜେପିର ରାଲି ପାଇଁ ଅନୁମତି ଦେବାରେ ପୁଲିସର ଟାଳଟୁଳ ନୀତିକୁ ନେଇ ରାଜନୈତିକ ବୟାନବାଜି ବି ତେଜିଛି ।

# ଶାନ୍ତିପୂର୍ଣ୍ଣ ଭାବେ ଶେଷ ହେଲା କୃଷକଙ୍କ ଚକାବନ୍ଦ ଆନ୍ଦୋଳନ

## ଆଇନ୍ ପ୍ରତ୍ୟାହାର କରିବାକୁ ୨ ତାରିଖ ଯାଏଁ ସମୟ ଦେଲେ ଟିକାୟତ



ନୂଆଦିଲ୍ଲୀ,୦୬।୦୨ (ନି.ପ୍ର): ଦେଶବ୍ୟାପୀ ୩ ଘଂଟିଆ ଚକାବନ୍ଦ ଆନ୍ଦୋଳନରୁ ଦିଲ୍ଲୀକୁ ବାଦ ଦେଇଥିଲେ ଚାଷୀ ସଂଗଠନ । ହେଲେ ସବୁଠୁ ଅଧିକ କଡା ସୁରକ୍ଷାର ବନ୍ଦୋବସ୍ତ କରାଯାଇଥିଲା ଦେଶର ରାଜଧାନୀ ଦିଲ୍ଲୀରେ । ଜାନୁୟାରୀ ୨୬ରେ ଟ୍ରାକ୍ଟର ରାଲିର ଉପଦ୍ରବ ଓ ଲାଲକିଲ୍ଲାରେ ହିଂସାର ତିକ୍ତ ଅନୁଭୂତି ଦିଲ୍ଲୀ ପୁଲିସକୁ କୋରି ପକାଇଥିଲା । ତେଣୁ ୩ ଘଂଟିଆ ଚକାଜାମ ଡାକାରକୁ ନେଇ ସତର୍କ ପୁଲିସ ଦିଲ୍ଲୀ ଓ ଦିଲ୍ଲୀ ସୀମାରେ ଏପରି ସୁରକ୍ଷା ବ୍ୟବସ୍ଥା କରିଥିଲା, ଯାହା କେବେ ଦେଖିବାକୁ ମିଳିନଥିଲା । ଚାଷୀଙ୍କ ଚକାଜାମ୍ ଆନ୍ଦୋଳନକୁ ଆଖିରେ ରଖି ତିନି ଥାକିଆ ବ୍ୟାରିକେଡିଂ ବ୍ୟବସ୍ଥା କରିଛି ପୋଲିସ । ଦିଲ୍ଲୀକୁ ସଂଯୋଗ କରୁଥିବା ସିଂଘୁ, ଟିକରି ଓ ଗାଜିପୁର ସୀମାରେ ବ୍ୟାରିକେଡିଂ ଅଭୂତପୂର୍ବ ଦୃଶ୍ୟ ଦେଖିବାକୁ ମିଳିଛି । ଗାଜିପୁର ବର୍ଡରରେ ଲୁହବୁହା ଗ୍ୟାସ, ଓ୍ୱାଟର କ୍ୟାନନ ସହ ପ୍ରସ୍ତୁତ ହୋଇ ରହିଥିଲେ ସୁରକ୍ଷା କର୍ମୀ । ଦିଲ୍ଲୀ-ଗାଜିଆବାଦର ଲୋନି ସୀମା ସମେତ ସମ୍ବେଦନଶୀଳ ସ୍ଥାନଗୁଡିକରେ ଡ୍ରୋନ କ୍ୟାମେରା ଉଡାଇ ସ୍ଥିତି ଉପରେ ନଜର ରଖିଥିଲା ପୁଲିସ । ▶▶ପୃଷ୍ଠା ୭

# ମାହାଙ୍ଗା ଡବଲ ମର୍ଡର : ମିଳିଲା ମୁଖ୍ୟ ଅଭିଯୁକ୍ତଙ୍କ ମୃତଦେହ

କଟକ,୦୬।୦୨ (ନି.ପ୍ର): କଟକ ଜିଲ୍ଲା ସାଲେପୁରରେ ବିଜେପି ନେତା ତଥା ମାହାଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳ ମୃତ୍ୟୁ ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ବିଶ୍ୱାଳଙ୍କ ମୃତ୍ୟୁ ଘଟିଛି। ପ୍ରାଥମିକ ତଦନ୍ତ ପରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ପୁଲିସ୍ ସୂଚନା ଦେଇଛି। ଟାଙ୍ଗୀ ପୁଲିସ୍ ଉପସ୍ଥିତିରେ ପ୍ରଫୁଲ୍ଲଙ୍କ ପରିବାର ଲୋକେ ତାଙ୍କ ମୃତଦେହକୁ ଚିହ୍ନଟ କରିଥିଲେ।



ଟାଙ୍ଗୀ ପୁଲିସ୍ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ରାତି ପ୍ରାୟ ସାଢେ ୯ଟାରୁ ୧୦ଟା ମଧ୍ୟରେ ନୂଆବନ୍ଦାଳ ଛକରେ ଏକ ଦୁର୍ଘଟଣା ଘଟିଥିଲା। ଖବର ପାଇ ସେଠାରେ ଏକ ଟିମ୍ ଯାଇ ପହଞ୍ଚିଥିଲେ। କିନ୍ତୁ ମୃତକଙ୍କୁ ଚିହ୍ନଟ କରିବା ସମ୍ଭବ ହୋଇପାରି ନ ଥିଲା। ତେବେ ଘଟଣାସ୍ଥଳରୁ ଏକ ମୋବାଇଲ, ହେଲମେଟ, ଗାଡ଼ି କାଗଜପତ୍ର ଓ ଡ୍ରେସ୍ ମିଳିଥିଲା। ଜବତ ମୋବାଇଲରୁ ଫୋନ୍ କରିବାରୁ ମୃତକଙ୍କ ସ୍ତ୍ରୀ ଉଠାଇଥିଲେ। ଏହା ପରେ ତାଙ୍କ ପରିବାର ଲୋକଙ୍କୁ ମୃତଦେହ ଚିହ୍ନଟ କରିବାକୁ କଟକ ଏସ୍ସିବିକୁ ଡକା ଯାଇଥିଲା। ମାହାଙ୍ଗା ଡବଲ ମର୍ଡର ଘଟଣାରେ ପୁଲିସ୍ ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ଫେରାର ଥିଲେ। ପୁଲିସ୍ ତାଙ୍କ ଟେର ପାଉ ନଥିଲା। ତେବେ ଗତକାଲି ମୋବାଇଲ ଟ୍ରାକିଂରୁ ପ୍ରଫୁଲ୍ଲ ଟାଙ୍ଗୀ ଅଞ୍ଚଳରେ ଥିବା ସୂଚନା ପାଇଥିଲା ପୁଲିସ୍। ଏଥିପାଇଁ ବିଭିନ୍ନ ସ୍ଥାନରେ ତଲାସୀ କରିଥିଲା। ▶▶ପୃଷ୍ଠା ୭

# ପଶ୍ଚିମବଙ୍ଗରେ କାର୍ଯ୍ୟକାରୀ ହେଉଥିବା ତୈଳ ଓ ଗ୍ୟାସ ପ୍ରକଳ୍ପର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

## ଉର୍ଜାର ନୂଆ ପ୍ରବେଶ ଦ୍ୱାର ହେବ ପୂର୍ବ ଭାରତ : ଧର୍ମେନ୍ଦ୍ର



ପଶ୍ଚିମବଙ୍ଗ/ଭୁବନେଶ୍ୱର,୦୬।୦୨ (ନି.ପ୍ର): ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଉତର ପଶ୍ଚିମ ସମେତ ପୂର୍ବ ଭାରତ ଆଗାମୀ ଦିନରେ ଉର୍ଜା କ୍ଷେତ୍ରର ନୂଆ ପ୍ରବେଶ ଦ୍ୱାର ହେବାକୁ ଯାଉଥିବା ବେଳେ ପ୍ରାକୃତିକ ଗ୍ୟାସ, ସିବିଜି, ସିବିଏମ, ସିଜିଡ଼ି, ସିନଗ୍ୟାସ ଏବଂ ଏଲଏନଜିର ସମ୍ଭାବନା ପୂର୍ବାଂଚଳର ବିକାଶରେ ଗେମଚେଞ୍ଜର ହେବ ବୋଲି କହିଛନ୍ତି ତିନିଦିନିଆ ପଶ୍ଚିମ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଗସ୍ତର ଦ୍ୱିତୀୟ ଦିନରେ ଶ୍ରୀ ପ୍ରଧାନ ପଶ୍ଚିମବଙ୍ଗର ହଳଦିଆ ଠାରେ ପେଟ୍ରୋଲିୟମ ମନ୍ତ୍ରଣାଳୟର ସଚିବ ତରୁଣ କାପୁରଙ୍କ ସହ ବିଭାଗୀୟ ଶିଳ୍ପ ଅଧିକାରୀଙ୍କ ସହ ଶ୍ରୀ ପ୍ରଧାନ ପଶ୍ଚିମବଙ୍ଗରେ ଇଣ୍ଡିଆନ ଅଏଲ, ବିପିସିଏଲ, ଏଚପିସିଏଲ ଏବଂ ଗେଲ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ତୈଳ ଓ ଗ୍ୟାସ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଏହି ଆଲୋଚନା କାଳରେ ଶ୍ରୀ ପ୍ରଧାନ ତୈଳ ଓ ଗ୍ୟାସ ଶିଳ୍ପର ଅଧିକାରୀଙ୍କ ମନୋବଳ ବୃଦ୍ଧି କରିବା ସହ ନୂଆ ଚିନ୍ତାଧାରା ଏବଂ ଯୋଜନାର ରୂପରେଖ ପ୍ରସ୍ତୁତ କରି ବିକଳ୍ପ ଉର୍ଜା କରିବା ପାଇଁ କହିଥିଲେ। ▶▶ପୃଷ୍ଠା ୭

# ଖୋଲିବ ପ୍ରଥମରୁ ଅଷ୍ଟମ

ଭୁବନେଶ୍ୱର,୦୬।୦୨ (ନି.ପ୍ର): ଦୀର୍ଘ ମାସ ପରେ ମହାମାରୀ କରୋନା କୋପ କମିବାକୁ ଲାଗିଥିବା ବେଳେ ଟିକା ଆସିବା ପରଠୁ ଏହାକୁ ନେଇ ଭୟ ଦୂର ହେବାରେ ଲାଗିଛି। ଫଳରେ ଦୀର୍ଘ ମାସ ଧରି ଠପ୍ ହୋଇଯାଇଥିବା ଶିକ୍ଷା ବ୍ୟବସ୍ଥାକୁ ପୁଣି ଥରେ ଟ୍ରାକ୍‌କୁ ଫେରାଇ ଆଣିବାକୁ ଫୁଲ୍ ଦମ୍‌ରେ ଚାଲିଛି ପ୍ରୟାସ। ଏହା ମଧ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ, କଲେଜଠାରୁ ଆରମ୍ଭ କରି ଦଶମ, ଦ୍ୱାଦଶ ଶ୍ରେଣୀ ଖୋଲି ସାରିଥିବା ବେଳେ ଅଙ୍ଗନବାଡି ପିଲା ବି କେନ୍ଦ୍ର ମୁହାଁ ହେଲେଣି। ଏହାପରେ ଏବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିବା ସମ୍ଭାବନା



ଦେଖାଦେଇଛି। ତେବେ କେବେଠୁ ଆରମ୍ଭ ହେବ ପ୍ରଥମରୁ ଅଷ୍ଟମ ଶ୍ରେଣୀ ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ଏନେଇ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ କହିଛନ୍ତି, ପ୍ରଥମରୁ ଅଷ୍ଟମ ଶ୍ରେଣୀ ଖୋଲିବାକୁ ଏସ୍ଓପି ପ୍ରସ୍ତୁତ କରାଯାଉଛି। ଅଷ୍ଟମ ଶ୍ରେଣୀ ଖୋଲିବା ପାଇଁ ୫ଜଉ ମାର୍ଗଦର୍ଶିକା ଜାରି କରିଛନ୍ତି। ଅଙ୍ଗନବାଡ଼ି ଯେହେତୁ ଖୋଲି ସାରିଲାଣି, ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ ଖୁବ୍ ଶୀଘ୍ର ଖୋଲାଯିବ। ତେବେ କେବେ ଖୋଲିବ ସେ ନେଇ କିଛି ସ୍ପଷ୍ଟ କରିନାହାନ୍ତି ମନ୍ତ୍ରୀ।

## ମୁଣ୍ଡବିହୀନ ଶବର ମିଳୁନି ପରିଚୟ : ଲାଗିଲା ପୋଷ୍ଟର, ପରିଚୟ ଦେଲେ ମିଳିବ ୫୦ ହଜାର ଟଙ୍କା

ଭୁବନେଶ୍ୱର,୦୬।୦୨ (ନି.ପ୍ର): ଭୁବନେଶ୍ୱରରୁ ମିଳିଥିବା ମୁଣ୍ଡବିହୀନ ଶବର ପରିଚୟ ଖୋଜୁଛି ପୋଲିସ । ଏନେଇ ମହିଳାଙ୍କ ପୋଷ୍ଟର ଲଗାଇଛି ପୋଲିସ, ପରିଚୟ ଦେଲେ ୫୦ ହଜାର ଟଙ୍କା ଦିଆଯିବ ବୋଲି ଘୋଷଣା ମଧ ହୋଇଛି । ମିଳିଥିବା କଟାମୁଣ୍ଡ ମହିଳାଙ୍କ ପରିଚୟ ପାଇବା ପାଇଁ ଏଭଳି ପଦକ୍ଷେପ ନେଇଛି ପୁଲିସ । କେବଳ ସେତିକି ନୁହେଁ ଲୋକଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରିବା ପାଇଁ ବିଭିନ୍ନ ସ୍ଥାନରେ ଲଗାଇଛି କଟାମୁଣ୍ଡ ମହିଳାଙ୍କ ପୋଷ୍ଟର । ହିନ୍ଦି ଓ ଓଡିଆ ଭାଷାରେ ମୃତ ମହିଳାଙ୍କ ପରିଚୟ ପାଇବା ପାଇଁ ତିଆରି ହୋଇଛି ପୋଷ୍ଟର । ଏଥିରେ ରହିଛି ମୃତଦେହ ନିକଟରୁ ମିଳିଥିବା ପୋଷାକ, ଡାହାଣ ହାତ କହୁଣୀ ତଳକୁ ଥିବା ଏକ ତ୍ରିଶୂଳ ଆକାର ଚିତା ଏବଂ ମୁଣ୍ଡ ବିହିନ ମୃତ ଦେହର ଚିତ୍ର । ପୋଷ୍ଟରରେ ଉଲ୍ଲେଖ ଅଛି, ମହିଳା ଜଣ ପ୍ରାୟ ୫ ଫୁଟ୍ ୩ ଉଚ୍ଚ ବିଶିଷ୍ଟ ଏବଂ ରଙ୍ଗ ଗହମ ବର୍ଣ୍ଣ । ତାଙ୍କ ଦେହର ଗଠନ ମଧ୍ୟମ । ତେବେ କୌଣସି ବ୍ୟକ୍ତି ଏମହିଳାଙ୍କ ସଂପର୍କରେ କୌଣସି ତଥ୍ୟ ପାଇଲେ ଚନ୍ଦକା ଥାନା ଅଧିକାରୀ ଏବଂ ଏସିପିଙ୍କୁ ଜଣାଇବା ପାଇଁ ଫୋନ ନମ୍ବର ମଧ ଦିଆଯାଇଛି । ▶▶ପୃଷ୍ଠା ୭

## ଡିଜିଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ନେଲେ କରୋନା ଟିକା

ଭୁବନେଶ୍ୱର,୦୬।୦୨ (ନି.ପ୍ର): ଫ୍ରଂଟ ଲାଇନ କରୋନା ଯୋଦ୍ଧାଙ୍କ ଟୀକାକରଣ ଆଜି ଠାରୁ ଆରମ୍ଭ ହୋଇଛି । ଏହି କ୍ରମରେ ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକ ଅଭୟ କରୋନା ଟୀକା ନେଇଛନ୍ତି । କଟକର ଇଣ୍ଡୋର ଷ୍ଟାଡିୟମ ଠାରେ ସେ ଏହି ଟୀକା ନେଇଛନ୍ତି । ଏହା ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଓ କୌଣସି ପାର୍ଶ୍ଵ ପ୍ରତିକ୍ରିୟା ତାଙ୍କର ଦେଖା ଯାଇ ନ ଥିବା ସେ ପ୍ରକାଶ କରିଛନ୍ତି । ସେ ଓଡିଶା ପୋଲିସର ଅଫିସର ଓ କର୍ମଚାରୀ ମାନଙ୍କୁ ଏହି ଟୀକା ନେବାକୁ ଆହ୍ୱାନ କରିଛନ୍ତି । ସେହିପରି ଓଡିଶା ପୋଲିସର ବରିଷ୍ଠ ଅଧିକାରୀ ବାଇ.କେ ଜେଠବା, ଅମିତେନ୍ଦ୍ର ନାଥ ସିନ୍‌ହା, ଲଳିତ ଦାସ, ସୌମେନ୍ଦ୍ର ପ୍ରିୟଦର୍ଶୀ, ଅମିତାଭ ଠାକୁର, ଏସ ପ୍ରବୀଣ କୁମାର, ସୁଧାଂଶୁ ଷଡଙ୍ଗୀ, ସତୀଶ ଗଜଭିଏ, ବି. ଯୁଗଳ କିଶୋର ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଟୀକା ନେଇଥିବା ନେଇ ଟ୍ୱିଟ ଯୋଗେ ସୂଚନା ଦେଇଛନ୍ତି ।

# ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟବ୍ୟାପି ଚକାଜାମ

ଭୁବନେଶ୍ୱର,୦୬।୦୨ (ନି.ପ୍ର): କୃଷକ ବିରୋଧୀ କଳାକାନୁନ୍ ପ୍ରତ୍ୟାହାର ଦାବିରେ ୨ ମାସରୁ ଅଧିକ କାଳ ଧରି ଦିଲ୍ଲୀ ସୀମାନ୍ତ ଟିକିରି, ଗାଜିପୁର ଓ ସିଂଘୁ ବର୍ଡରରେ ଆନ୍ଦୋଳନ ଚଳାଇ ଆସିଥିବା ଚାଷୀ ନେତୃତ୍ୱ ଦେଶସାରା ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ଚକାଜାମ ଆନ୍ଦୋଳନର ଡାକରା ଦେଇଥିଲେ। ସଂଯୁକ୍ତ କିଶାନ ମୋର୍ଚ୍ଚାର ଏହି ଆହ୍ୱାନ ଅନୁଯାୟୀ ରାଜ୍ୟର ପ୍ରମୁଖ କୃଷକ ସଙ୍ଗଠନ ନବନିର୍ମାଣ କୃଷକ ସଙ୍ଗଠନ ସାରା ରାଜ୍ୟର ଏହି ଚକାବନ୍ଦ ଆନ୍ଦୋଳନ କରିଛି। ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଅନୁଗୁଳ, ବୌଦ୍ଧ, ବରଗଡ଼ଠାରୁ ମୟୂରଭଞ୍ଜ ଯାଏଁ ଚାଷୀମାନେ ନବନିର୍ମାଣ ବ୍ୟାନରରେ ରାସ୍ତାରୋକ କରିଥିଲେ। ଭୁବନେଶ୍ୱରରେ ସଙ୍ଗଠନର ରାଜ୍ୟ ସଂଯୋଜକ




ଶେଷଦେବ ନନ୍ଦ, ଉମାକାନ୍ତ ଭାରତ ଯୁବଛାତ୍ର ସଂଯୋଜକ ମନଓ୍ୱର ଅଲ୍ଲୀ ପ୍ରମୁଖ ହଂସପାଳ ଛକଠାରେ ରାସ୍ତାରୋକ କରିଥିଲେ। ଗଣମାଧ୍ୟମ ଉଦ୍ଦେଶ୍ୟରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଥିଲେ ଯେ କେନ୍ଦ୍ର ସରକାର ଏବେ ଭାରତ ବିକ୍ରି ପର୍ବ ଆରମ୍ଭ କରିଛନ୍ତି। ଦେଶର ଅମୂଲ୍ୟ ସମ୍ପଦ ବିକ୍ରି ପରେ କିଭଳି ଭାବରେ କୃଷିକ୍ଷେତ୍ରରୁ କୃଷକ, ବ୍ୟବସାୟ କ୍ଷେତ୍ରରୁ କ୍ଷୁଦ୍ର ବ୍ୟବସାୟୀ ଓ ଖାଦ୍ୟ ବଜାରରେ ମଜଦୁରମାନେ ହାତ ମାରିପାରିବେ ନାହିଁ ସେହି ଷଡ଼ଯନ୍ତ୍ରକୁ ସାକାର ପାଇଁ କଳାକୃଷି ଆଇନ୍ ହୋଇଛି। କଳା କୃଷି ଆଇନରେ ଦେଶର ୮୦ ଭାଗ କୃଷକ, ମଜଦୁର ଓ କ୍ଷୁଦ୍ର ବ୍ୟବସାୟୀ କିଭଳି କ୍ଷତିଗ୍ରସ୍ତ ହେବେ ଏହାକୁ ଆନ୍ଦୋଳନ ମାଧ୍ୟମରେ ସନ୍ଦେଶ ଦିଆଯାଇଛି। ଗୋଟେ କୃଷିପ୍ରଧାନ ଦେଶରେ କୃଷିମାନଙ୍କୁ ବିରୋଧ କଲେ ପରିଣତି କିଭଳି ହେବ ସରକାର ଏପର୍ଯ୍ୟନ୍ତ ଆକଳନ କରିପାରୁନାହାନ୍ତି। ସରକାର ନିସର୍ତ୍ତ ଭାବରେ ଯଦି କୃଷି ବିଲ୍ ପ୍ରତ୍ୟାହାର ନ କରନ୍ତି ତେବେ ଯେଉଁ ରାଜନୈତିକ ପରିସ୍ଥିତି ଉପୁଜିବ ସେଥିପାଇଁ କେନ୍ଦ୍ର ସରକାର ଦାୟୀ ରହିବେ ବୋଲି ଶ୍ରୀ ନନ୍ଦ କହିଛନ୍ତି।

## ଓଡ଼ିଶା ଗାଁରେ ଭୋଟ କରି କବଜା କରିବାକୁ ଆନ୍ଧ୍ର କରୁଛି ଷଡଯନ୍ତ୍ର

ଭୁବନେଶ୍ୱର,୦୬।୦୨ (ନି.ପ୍ର): କୋରାପୁଟର କୋଟିଆ ଅଂଚଳର କିଛି ଗାଁରେ ଆନ୍ଧ୍ର, ପଂଚାୟତ ନିର୍ବାଚନ କରି କିପରି ଏହି ଗାଁଗୁଡିକୁ ନିଜ ଅକ୍ତିଆରକୁ ନେବା ପାଇଁ ଚକ୍ରାନ୍ତ କରୁଛି, ତାହା ସାମନାକୁ ଆସିବା ପରେ ଗଂଜାମ ପାତ୍ରପୁର ବ୍ଲକର ୪ଟି ପଂଚାୟତରେ ଅନୁରୂପ ପ୍ରୟାସ କରୁଛି ଆନ୍ଧ୍ର । ଏବେ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର କିଛି ଗାଁ ଉପରେ ପଡିଛି ଆନ୍ଧ୍ରର ଆଖି । ସୀମାକୁ ନେଇ ବିବାଦ ଚାଲିଥିବା ଗଙ୍ଗାବାଡ଼ ପଂଚାୟତର ଅନେକ ଗ୍ରାମବାସୀଙ୍କ ନାଁ ରହିଛି ଆନ୍ଧ୍ର ପ୍ରଦେଶର ▶▶ପୃଷ୍ଠା ୭

# ମହାନଦୀ ପାଣି ପାଇଁ ପୁଣି ହେବ ଆନ୍ଦୋଳନ



ଭୁବନେଶ୍ୱର,୦୬।୦୨ (ନି.ପ୍ର): ମହାନଦୀ ପାଣି ପାଇଁ ପୁଣି ହେବ ଆନ୍ଦୋଳନ। ଆଜି ମହାନଦୀ ଟ୍ରିବ୍ୟୁନାଲର ୧୯ତମ ଶୁଣାଣି ପରେ କହିଛନ୍ତି ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ। ତେବେ ଆଜିର ଶୁଣାଣି ବେଳେ କମନ୍ ଇନ୍‌ଫରମେସନ୍ ଫର୍ମାଟ୍ ଚୂଡାନ୍ତ ହୋଇପାରିନାହିଁ। ଟ୍ରିବ୍ୟୁନାଲର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୩ ତାରିଖକୁ ଧାର୍ଯ୍ୟ କରାଯାଇଛି। ତେବେ ଟ୍ରିବ୍ୟୁନାଲରୁ ଓଡ଼ିଶାକୁ ଆଖିଦୃଶିଆ ସଫଳତା ମିଳୁନାହିଁ ବୋଲି କହିଛନ୍ତି ସୁଦର୍ଶନ। ସେ କହିଛନ୍ତି, ଆସନ୍ତା ମାର୍ଚ୍ଚ ୧୨ରେ ମହାନଦୀ ଟ୍ରିବ୍ୟୁନାଲ୍ ଗଠନକୁ ୩ ବର୍ଷ ପୂରୁଛି। ହେଲେ ମହାନଦୀ ଜଳ ବିବାଦ ସମାଧାନର ଅଗ୍ରଗତି ହୋଇନି। ଟ୍ରିବ୍ୟୁନାଲରୁ ଓଡ଼ିଶା ମଧ କୌଣସି ଅନ୍ତରୀଣ ଆଦେଶ ପାଇପାରିଲାନି। ପ୍ରତିପକ୍ଷ ଛତିଶଗଡ଼ ଯେଉଁସବୁ ନିର୍ମାଣ କାମ କରୁଛି, ତାକୁ ମଧ ରୋକା ଗଲାନି। ଟ୍ରିବ୍ୟୁନାଲର କାର୍ଯ୍ୟକାଳ ମଧରେ ଚୂଡ଼ାନ୍ତ ରାୟ ପ୍ରକାଶ ପାଇବା ନେଇ ଆଶଙ୍କା ଥିବାରୁ ସରକାର ଆଉ ରାଜନୀତି କରନ୍ତୁନି ବୋଲି କହିଛନ୍ତି ସୁଦର୍ଶନ।

# ପଥ ବିକ୍ରେତା ସଂଘର ଦୁଃଖ ଶୁଣିଲେ ସଦର ବିଧାୟକ

## ଆଗ ଥାଇଥାନ ପରେ ହେବ ଉଚ୍ଛେଦ



ବାଲେଶ୍ୱର,୬।୨ (ନି.ପ୍ର): ଦୀର୍ଘବର୍ଷ ଧରି ସହର ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରିଆସୁଥିବା ଦୋକାନୀଙ୍କୁ ଉଚ୍ଛେଦ ପାଇଁ ପୌରପାଳିକାର ନୋଟିସ ପରେ ସେମାନଙ୍କ ଦୁଃଖ ଶୁଣିଛନ୍ତି ବାଲେଶ୍ୱର ସଦର ବିଧାୟକ। ଏନେଇ ଓଡ଼ିଶା ପଥ ବିକ୍ରେତା ସଂଘ, ବାଲେଶ୍ୱର ଟାଉନ ଶାଖାର ଏକ ବୈଠକ ସିନେମା ଛକଠାରେ ଆୟୋଜିତ ହୋଇଯାଇଛି। ସଦର ବିଧାୟକ ସ୍ୱରୂପ ଦାସ ଏହି ବୈଠକରେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ରାସ୍ତାପାର୍ଶ୍ୱ ଦୋକାନୀମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ବିଶେଷ କରି ରାସ୍ତାପାର୍ଶ୍ୱ ଦୋକାନୀଙ୍କ ଜୀବିକା ସୁରକ୍ଷା ଦେବା ନେଇ ସରକାରଙ୍କ ସମସ୍ତ ନିୟମ ପାଳନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମାତ୍ର ବାଲେଶ୍ୱର ପୌରପାଳିକା ପକ୍ଷରୁ ଏହି ନିୟମ ପାଳନ ହେଉ ନଥିବା ଜାଣି ବିଧାୟକ ଶ୍ରୀ ଦାସ ଉଦବେଗ ପ୍ରକାଶ କରିଥିଲେ। ବିଶେଷ କରି କରୋନା ସ୍ଥିତିରୁ ମୁକୁଳିବା ପାଇଁ ସରକାରଙ୍କ ପକ୍ଷରୁ ପଥପାର୍ଶ୍ୱ ଦୋକାନୀଙ୍କ ନିମନ୍ତେ ମିଳିଥିବା ୩ହଜାର ଲେଖାଏଁ ଟଙ୍କା ପ୍ରଦାନରେ ପୌର କର୍ତ୍ତୃପକ୍ଷଙ୍କ ଅବହେଳାକୁ ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ସମସ୍ତ ରାସ୍ତାପାର୍ଶ୍ୱ ଦୋକାନୀଙ୍କୁ ପଞ୍ଜୀକରଣ କରିବା ଓ ସେମାନଙ୍କୁ ସରକାରୀ ପ୍ରଦତ୍ତ ସହାୟତା ପ୍ରଦାନ ଦିଗରେ ସେ ଉଚିତ ପଦକ୍ଷେପ ନେବେ ବୋଲି କହିଥିଲେ। ଅନ୍ୟପକ୍ଷରେ ବିନା ଥଇଥାନରେ କୌଣସି ଦୋକାନୀଙ୍କୁ ରାସ୍ତାପାର୍ଶ୍ୱରୁ ଉଚ୍ଛେଦ କରାଯିବ ନାହିଁ ବୋଲି ବିଧାୟକ ଶ୍ରୀ ଦାସ ପ୍ରତିଶ୍ରୁତି ଦେଇଥିଲେ। ବିଜେଡି ଟାଉନ ସଭାପତି ସନତ ଦାସ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ଯୁବନେତା ସଂଜୀବ ଦାସ, ପୂର୍ବତନ କାଉନସିଲର ଲକ୍ଷ୍ମଣ ବେହେରା ଓ ମୁନା ସ୍ୱାଇଁ ପ୍ରମୁଖ ଏଥିରେ ଯୋଗଦେଇ ପଥ ବିକ୍ରେତାଙ୍କ ବିଭିନ୍ନ ସମସ୍ୟା ଏବଂ ତା'ର ନିରାକରଣର ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ପଥବିକ୍ରେତା ସଂଘର ଟାଉନ ସମ୍ପାଦକ ମୋହିନୀ ମୋହନ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକ ପରିଚାଳନାରେ ଉପ-ସଭାପତି ଆବିଦ୍ ଖାଁ, ପୂର୍ଣ୍ଣଚନ୍ଦ୍ର ଦାସ, ବଳରାମ ପୃଷ୍ଟି, ଶେଖ ରିଆଜ, ଶେଖ ଆଲ୍ଲାଉଦ୍ଦିନ, ଶେଖ ସଲିମ, ପ୍ରଦୀପ କର, ପ୍ରେମ ପାଣ୍ଡେ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ଶକ୍ତି ଉତ୍ପାଦନ ଓ ବିତରଣ ଉପରେ ଗୃହ କମିଟି ବୈଠକ : ପ୍ରତ୍ୟେକ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର,୬।୨ (ନି.ପ୍ର): ଆଜି ଶକ୍ତି ଉତ୍ପାଦନ ଓ ବିତରଣ ସମ୍ପର୍କିତ ଗୃହ କମିଟି ବୈଠକ ବିଧାନସଭା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ଡ଼ଃ. ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଓ ବିତରଣ ଉପରେ ଓଡ଼ିଶାର ସାମଗ୍ରିକ ସ୍ଥିତି ଉପରେ ବିଶଦ ଆଲୋଚନା ହୋଇଥିଲା। ଉନ୍ନତମାନର ବିଦ୍ୟୁତ୍ ଶକ୍ତି ଯୋଗାଣ ସହ ଉପଭୋକ୍ତାମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ବାଚସ୍ପତି ଡ଼ଃ. ପାତ୍ର ଟାଟା ପାୱାରକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ବିଦ୍ୟୁତ୍ କ୍ଷେତ୍ରରେ ରାଜ୍ୟର ସାମଗ୍ରିକ ସ୍ଥିତି ନେଇ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ଟାଟା ପାୱାରର ଓଡ଼ିଶା ମୁଖ୍ୟ ସଞ୍ଜୟ ବାଙ୍ଗା ତଥ୍ୟ ଉପସ୍ଥାପନ କରିଥିଲେ। ଶକ୍ତି ସଚିବ ଧଳ ପ୍ରକାଶ କରିଥିଲେ ଯେ ରାଜ୍ୟରେ ୪୦୫୦ ମେଗାୱାଟ୍ ଶକ୍ତି ଉତ୍ପାଦନ ହେଉଥିବା ସ୍ଥଳେ ୨୯୫୦ ମେଗାୱାଟ୍ ଶକ୍ତି ବିନିଯୋଗ ହେଉଛି ଏବଂ ଅବଶିଷ୍ଟ ଶକ୍ତି ନଷ୍ଟ ହେଉଛି। ଫଳତଃ ଏ ଦିଗରେ କ୍ଷତି ସହିବାକୁ ପଡୁଛି। କେନ୍ଦ୍ର ସରକାର ଅକ୍ଷୟ ଶକ୍ତି ବିକାଶ ଉପରେ ଗୁରୁତ୍ୱ ଦେବା ସହ ଶକ୍ତି ଉତ୍ପାଦନର ଶତକଡା ୧୯ ଭାଗ ୨୦୨୧ ମସିହା ସୁଦ୍ଧା ଏବଂ ୨୦୨୨ ମସିହା ସୁଦ୍ଧା ଶତକଡା ୨୨ ଭାଗ ଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ମଧ୍ୟ ସେ ସୂଚନା ଦେଇଥିଲେ। ଏଥି ଯୋଗୁଁ ଶକ୍ତି କ୍ଷେତ୍ରରେ ଆମ ରାଜ୍ୟ କ୍ଷତି ସହିବା ନିଶ୍ଚିତ। ତେବେ ପରିବେଶ ପ୍ରଦୂଷଣଜନିତ ସମସ୍ୟା ରୋକିବା ଏବଂ ଜାତୀୟ ସ୍ତରରେ ଅନୁସୃତ ହେଉଥିବା ନୀତି ଅନୁଯାୟୀ ଅକ୍ଷୟ ଶକ୍ତିର ମଧ୍ୟ ବିକାଶ ହେବା ଆବଶ୍ୟକ ବୋଲି ବିଧାୟକ ଅମର ପ୍ରସାଦ ଶତପଥୀ ମତ ରଖିଥିଲେ। ରାଜ୍ୟରେ ସଠିକ୍ ବିଦ୍ୟୁତ୍ ଉତ୍ପାଦନ ଓ ବିତରଣ ନିୟମ ନିର୍ଦ୍ଧାରଣ କରି କ୍ଷତି ରୋକିବା ଉପରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ମତ ଦେଇଥିଲେ। ଚିପିଲିମା ଓ ବୁର୍ଲାର ୪ଟି ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ଦୀର୍ଘ ୬ ବର୍ଷ ହେଲା ବନ୍ଦ ହୋଇ ପଡିଥିବାରୁ ବିଧାୟକ କିଶୋର ମହାନ୍ତି ଉଦବେଗ ପ୍ରକାଶ କରିଥିଲେ। ନିରନ୍ତର ଉତ୍କର୍ଷମାନର ବିଦ୍ୟୁତ୍ ସେବା ଯୋଗାଇବା ଟାଟା ପାୱାରର ଆଭିମୁଖ୍ୟ ବୋଲି ସମ୍ପୃକ୍ତ ଓଡ଼ିଶା ମୁଖ୍ୟ ପ୍ରକାଶ କରିଥିଲେ। ବ୍ୟବସ୍ଥାରେ ଉନ୍ନତି, ବିଦ୍ୟୁତ୍ ବକେୟା ଶୁଳ୍କ ଆଦାୟ ଏବଂ ସାମାଜିକ ଦାୟିତ୍ୱବୋଧ ସହ ଟାଟା ପାୱାର କାର୍ଯ୍ୟ କରିବ ଏବଂ ଚୁକ୍ତି ମତାବକ ଆଗାମୀ ୨୦୨୩ ମସିହା ସୁଦ୍ଧା ଶତକଡା ୩ ଭାଗ କ୍ଷତି କମାଇବ, ସଚେତ୍ ଶତକଡା ୧ ପ୍ରତି ୩୦ କୋଟି ଟଙ୍କା କ୍ଷତିପୂରଣ ସମ୍ପୃକ୍ତ କମ୍ପାନୀ ତରଫରୁ ବହନ କରାଯିବ। ଏହି ବୈଠକରେ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ ଯୋଜନା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଏନ୍.ଟି.ପିସି ଏବଂ ପି.ଟି.ସି.ଏଲ୍ ତରଫରୁ ରାଜ୍ୟର ୧୫ଟି ଲେଖାଏଁ ଜିଲ୍ଲାରେ ବିଦ୍ୟୁତ୍ କରଣ ଯୋଜନା କାର୍ଯ୍ୟକାରୀ ହେଉଛି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଜାତୀୟ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, କିଶୋର କୁମାର ମହାନ୍ତି, ଅମର ପ୍ରସାଦ ଶତପଥୀ, ସନ୍ତୋଷ ସିଂ ସାଲୁଜା, ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ସୁକାନ୍ତ କୁମାର ନାୟକ, ବିଧାନସଭା ସଚିବ ଦାଶରଥୀ ଶତପଥୀ ଏବଂ ଶକ୍ତି ବିଭାଗ ଓ ବିତରଣ କମ୍ପାନୀର ଉଚ୍ଚ ପଦସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ।

## ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଉତ୍କଳ ସମ୍ମିଳନୀର ପତ୍ର

ଭୁବନେଶ୍ୱର,୬।୨ (ନି.ପ୍ର): ଆନ୍ଧ୍ର ପ୍ରଦେଶ ସରକାର କୋରାପୁଟ ଜିଲ୍ଲା ପଟ୍ଟାଙ୍ଗୀ ବ୍ଲକର କୋଟିଆ ଗ୍ରାମ ପଂଚାୟତରେ ପଂଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରିବା ସହିତ ପ୍ରାର୍ଥୀପତ୍ର ଦାଖଲ କାମ ଭଳି ବେଆଇନ୍ କାମ କରୁଥିବାରୁ ଉତ୍କଳ ସମ୍ମିଳନୀ ଏହାକୁ ବନ୍ଦ କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗକୁ ଚିଠି ଲେଖି ଅନୁରୋଧ କରିଛି। ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିକ୍ଷାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶ ଶର୍ମାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରବିନ୍ଦ୍ର ନାଥ ସାହୁ, ଭା.ପ୍ର.ସେ., ସଚିବ, ରାଜ୍ୟ ନିର୍ବାଚନ ଆୟୋଗ, ଓଡ଼ିଶାଙ୍କୁ ସାକ୍ଷାତ କରି ବେଆଇନ୍ ନିର୍ବାଚନ ବନ୍ଦ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଆଲୋଚନ କରିଥିଲେ। ସଚିବ ଶ୍ରୀ ସାହୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉତ୍କଳ ସମ୍ମିଳନୀର ଏହି ପ୍ରତିନିଧି ମଣ୍ଡଳୀରେ ଶ୍ରୀ ଦାଶଶର୍ମାଙ୍କ ସହିତ ବରିଷ୍ଠ ସଦସ୍ୟ ମହେଶ୍ୱର ବିଶ୍ୱାଳ ଓ ଅଧିବକ୍ତା ଅକ୍ଷୟ କୁମାର ଜେଠୀ ସାମିଲ ହୋଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# କନ୍ଧମାଳ ଜିଲ୍ଲାର ଜାତୀୟ ସ୍ୱାସ୍ଥ୍ୟ ମିଶନ ମେନେଜେରିଆଲ କର୍ମଚାରୀଙ୍କ ଆନ୍ଦୋଳନ

କନ୍ଧମାଳ,୬।୨ (ନି.ପ୍ର): ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ସମସ୍ତ ୩ ହଜାର ମେନେଜେରିଆଲ ଠିକା କର୍ମଚାରୀ ମାନେ ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳପାଇଁ ଆନ୍ଦୋଳନ ଆରମ୍ଭ କରିଛନ୍ତି। କନ୍ଧମାଳ ଜିଲ୍ଲାରେ କାର୍ଯ୍ୟରତ ଥିବା ସମସ୍ତ ମେନେଜେରିଆଲ ଠିକା କର୍ମଚାରୀ ମାନେ ମଧ୍ୟ ଆଜିଠାରୁ ଆନ୍ଦୋଳନ ଆରମ୍ଭ କରିଛନ୍ତି। ପ୍ରଥମେ ସେମାନେ ଏହି ସଂକ୍ରନ୍ତରେ ଏକ ଦାବୀପତ୍ର ମିଶନ ଡାଇରେକ୍ଟରଙ୍କ ଉଦେଶ୍ୟରେ କନ୍ଧମାଳ ଜିଲ୍ଲାପାଳ ଡା.ବୃନ୍ଦା ଡିଙ୍କୁ ପ୍ରଦାନ କରିଛନ୍ତି। ଏହାପରେ ସେମାନେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଫୁଲବାଣୀ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିବା ଜଣାପଡିଛି। ସେମାନଙ୍କର ଦାବୀ ମୁତାବକ ନନ୍ ମେଡିକୋ ପବ୍ଲିକ ହେଲ୍‌ଥ ମେନେଜମେଣ୍ଟ କ୍ୟାଡର ସୃଷ୍ଟି କରି ସେହି ପଦବୀରେ ସ୍ଥାୟୀ ନିଯୁକ୍ତି କରାଯିବା, ସ୍ଥାୟୀ ନିଯୁକ୍ତି ହେବା ପର୍ଯ୍ୟନ୍ତ ୭ମ ବେତନ ଆଧାରରେ ସେମାନଙ୍କୁ ଦରମା ପ୍ରଦାନ କରାଯିବା, ସମସ୍ତଙ୍କୁ କର୍ମଚାରୀ ଭବିଷ୍ୟନିଧି ବ୍ୟବସ୍ଥା ଲାଗୁ କରାଯିବା ଏବଂ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯିବା ଆଦି ଦାବୀ ଗୁଡିକ ଉଲ୍ଲେଖ ଥିବା ଏହି ଦାବୀ ପତ୍ରକୁ ପ୍ରଦାନ କରାଯାଇଛି। ସେମାନଙ୍କର ଏହି ଦାବୀ ଗୁଡିକ ପୁରଣ ନହେବା ପର୍ଯ୍ୟନ୍ତ ସେମାନଙ୍କର ଆନ୍ଦୋଳନ ଜାରୀ ରହିବ ବୋଲି କହିଛନ୍ତି ସେମାନେ।

# ବାଲେଶ୍ୱର ଜିଲ୍ଲା ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରିଣୀ ବୈଠକ

ବାଲେଶ୍ୱର,୬।୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବିଜୁ ଯୁବ ଜନତା ଦଳର ଏକ ସମ୍ବର୍ଦ୍ଧନା ଉତ୍ସବ ଓ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ମେରିଡିଆନ ହୋଟେଲ ପରିସରରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ଜନତା ଦଳ ଜିଲ୍ଲା ସଭାପତି ତାପସ ପରିଡାଙ୍କ ପୌରହିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏଥିରେ ଯୋଗଦେଇ ପ୍ରତିଭା ସମ୍ପନ୍ନ ଯୁବକଙ୍କୁ ନେଇ ଜିଲ୍ଲା ବିଜୁ ଯୁବ ଜନତା ଦଳର ନୂତନ ସାଙ୍ଗଠନିକ ଭିତ୍ତିଭୂମି ତିଆରି ହୋଇପାରିଛି ବୋଲି କହିଥିଲେ। ଆଗାମୀ ପୌର ନିର୍ବାଚନ ହେଉ କି ପଞ୍ଚାୟତ ନିର୍ବାଚନ, ପ୍ରତ୍ୟେକ କ୍ଷେତ୍ରରେ ଦଳକୁ ସଫଳତା ପ୍ରଦାନରେ ଯୁବଗୋଷ୍ଠୀଙ୍କ ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ଶ୍ରୀ ଜେନା କହିଥିଲେ। ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ନାରିନେତ୍ରୀ ସୁବାସିନୀ ଜେନା ପ୍ରମୁଖ ଏଥିରେ ଯୋଗଦେଇ ଦଳର ସାଂଗଠନିକ ସ୍ଥିତିକୁ ମଜବୁତ କରିବା ପାଇଁ ଯୁବଗୋଷ୍ଠୀଙ୍କର ସର୍ବଦା ଅବଦାନ ରହିଆସିଛି ବୋଲି ମତପ୍ରକାଶ କରିଥିଲେ। ତେବେ ରାଜ୍ୟର ସର୍ବମାନ୍ୟ ନେତା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି-ଆଦର୍ଶରେ ଅନୁପ୍ରାଣୀତ ଯୁବ ନେତୃତ୍ୱ ଜିଲ୍ଲାର ରାଜନୀତିକୁ ନୂଆ ଦିଶା ଦେବେ ବୋଲି ସେମାନେ ଆଶାପ୍ରକାଶ କରିଥିଲେ। ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ରାଜ୍ୟ ସାଧାରଣ ସମ୍ପାଦକ ତାପସ ପାଣିଗ୍ରାହୀ, ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରିନ୍ସ ରାକେଶ ନାୟକ, ଜୋନାଲ ସଭାପତି ଜୟରାମ ଦାସ, ମନୋଜ ରାଉତ, ଭୁବନାନନ୍ଦ ଦାସ, ବରଦା ପ୍ରସନ୍ନ ପଟ୍ଟନାୟକ, ଯଯାତି ଦାସ, ଗୌରୀ ରାଉତ, ବିଜୁ ମହିଳା ଜନତା ଦଳର ଟାଉନ ସଭାନେତ୍ରୀ ରଞ୍ଜିତା ମହାପାତ୍ର, କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଜୁ ଯୁବ ଜନତା ଦଳ ବାଲେଶ୍ୱର ଜିଲ୍ଲା ସଂଗଠନର ୫୬ ଜଣ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଗୌତମ ସାହୁ, ଅନୁପମ ମହାନ୍ତି, ଦେବେନ୍ଦ୍ର ଦାସ, ଶିବଶଙ୍କର ପରଡ଼ା ପ୍ରମୁଖଙ୍କ ସମେତ ବିଜୁ ଯୁବ ଜନତା ଦଳର ବହୁ କର୍ମକର୍ତ୍ତା ସମସ୍ତ କାର୍ଯ୍ୟ ପରିଚାଳନାର ସକ୍ରିୟ ସହଯୋଗ କରିଥିଲେ।

## ଯୁକ୍ତ ୨ ବିଦ୍ୟାର୍ଥୀ ମାନଙ୍କର ତୁରନ୍ତ ଶୁଳ୍କ ଛାଡ କରନ୍ତୁ ରାଜ୍ୟ ସରକାର: ଏବିଭିପି

ଭୁବନେଶ୍ୱର,୬।୨ (ନି.ପ୍ର): ଯୁକ୍ତ ୨ ବିଦ୍ୟାର୍ଥୀ ମାନଙ୍କର ତୁରନ୍ତ ଶୁଳ୍କ ଛାଡ କରିବାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଦାବି କରା ଯାଇଛି। ପରିଷଦର ରାଜ୍ୟ ସମ୍ପାଦକ ଶଶୀକାନ୍ତ ମିଶ୍ର କହିଛନ୍ତି ଯେ ଚଳିତ ବର୍ଷ ଆଇଟିଆଇ ଏବଂ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଛାତ୍ର ଛାତ୍ରୀ ମାନଙ୍କ ପରୀକ୍ଷା ଫି ଛାଡ଼ କରିବା ପାଇଁ ବିଦ୍ୟାର୍ଥୀ ପରିଷଦ ରାଜ୍ୟ ସରକାରଙ୍କ ଆଗରେ ପୂର୍ବରୁ ଦାବି ରଖିଥିଲା ବିଦ୍ୟାର୍ଥୀ ପରିଷଦର ଏହି ଦାବିକୁ ରାଜ୍ୟ ସରକାର ମାନିନେଇ ଫି ଛାଡ଼ କରିଥିବାରୁ ବିଦ୍ୟାର୍ଥୀ ପରିଷଦ ସରକାରଙ୍କୁ ଧନ୍ୟବାଦ ଜଣାଉଛି। ବର୍ତ୍ତମାନ ଯୁକ୍ତ ୨ ପଢୁଥିବା ସମସ୍ତ ଛାତ୍ର ଛାତ୍ରୀଙ୍କ ପରିବାରର ଆର୍ଥିକ ଅବସ୍ଥାକୁ ଦୃଷ୍ଟିରଖି ଯୁକ୍ତ ୨ ପିଲାମାନଙ୍କର ପରୀକ୍ଷା ଫି ଛାଡ଼ କରିବା ପାଇଁ ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସମ୍ପାଦକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଗରେ ଦାବି ରଖୁଛନ୍ତି ଯଦି ଫି ଛାଡ଼ ନ ହୁଏ ତେବେ ବିଦ୍ୟାର୍ଥୀ ପରିଷଦ ଆଗାମୀ ଦିନରେ ରାଜ ରାସ୍ତାକୁ ଓହ୍ଲାଇବ ବଲି ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର କହିଛନ୍ତି।

# ଆଇନଜୀବିଙ୍କ ଅକାଳ ବିୟୋଗରେ ଶୋକ

ବାଲେଶ୍ୱର,୬।୨ (ନି.ପ୍ର): ଆଇନଜୀବୀ ନାରାୟଣ ନନ୍ଦୀଙ୍କ ଅକାଳ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ଗତ ୨ ତାରିଖ ପୂର୍ବାହ୍ନରେ କଚେରୀରେ ବସିଥିବା ବେଳେ ହଠାତ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ପରୀକ୍ଷାରୁ ତାଙ୍କୁ ବ୍ରେନ ଷ୍ଟ୍ରୋକ ହୋଇଥିବା ଡାକ୍ତରମାନେ ଜଣାଇଥିଲେ। ଗୋଟିଏ ଦିନର ଚିକିତ୍ସାରେ ତାଙ୍କର ଅବସ୍ଥା ସଂକଟାପନ୍ନ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ୩ ତାରିଖରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ଅର୍ଥାତ ୪ ତାରିଖ ରାତି ପ୍ରାୟ ୧୦ଟା ବେଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ହୋଇଥିଲା। କଟକରୁ ତାଙ୍କର ପ୍ରାର୍ଥିବ ଶରୀର ସହରର ହେମକାପଦା ବାସଭବନରେ ପହଞ୍ଚିବା ପରେ ଶେଷ ଦର୍ଶନ ପାଇଁ ଶୁକ୍ରବାର ସକାଳେ ଲୋକଗହଳି ହୋଇଥିଲା। ସମାଜସେବୀ ସୁବାସିନୀ ଜେନା, କଂଗ୍ରେସ ନେତ୍ରୀ ଅର୍ଚ୍ଚନା ନନ୍ଦୀ, ପୂର୍ବତନ ପୌରପାଳ ଆଲୋକ ସାହୁ, ପିଜେପି ନେତା ସୁଜିତ୍ ଦେବ ବିଜେଡି ନେତା ସୁବ୍ରତ ଦାସ, ଆଇନଜୀବୀ ଅଶୋକ ସେନାପତି ପ୍ରମୁଖଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ। ତାଙ୍କର ମରଶରୀରକୁ ଏକ ଶୋଭାଯାତ୍ରାରେ ନେଇ ବାଲିଘାଟ ଶ୍ମଶାନରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପାଦନ କରାଯାଇଥିଲା। ତାଙ୍କର ତିନି ପୁତ୍ର ଥିବା ବେଳେ ଜ୍ୟେଷ୍ଠପୁତ୍ର ମୁଖାଗ୍ନି ଦେଇଥିଲେ। ବୃତ୍ତିରେ ଆଇନଜୀବୀ ହୋଇଥିଲେ ବି ଜଣେ ସଂଗଠକ ଭାବେ ଯୁବଗୋଷ୍ଠୀଙ୍କ ପାଇଁ ସେ ପ୍ରେରଣା ଥିଲେ। ସର୍ବଦା ହସ ହସ ମୁହଁରେ ଲୋକଙ୍କ ଦୁଃଖରେ ଦଃଖୀ ଓ ସୁଖରେ ସୁଖୀ ହୋଇ ଆସୁଥିବା ଜଣେ ଯୁବ ମାନସର ବ୍ୟକ୍ତିତ୍ୱ ଥିଲେ ସେ। ତାଙ୍କର ଅକାଳ ବିୟୋଗରେ ହେମକାପଦା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ରାଜଧାନୀ ସ୍ମାର୍ଟସିଟି କାର୍ଯ୍ୟର ଅଗ୍ରଗତି ନେଇ ଅସନ୍ତୋଷ ପ୍ରକାଶ କଲା କଂଗ୍ରେସ

## ପ୍ରକଳ୍ପ ନାଁ ଦେବାରେ ସରକାର ଆଗୁଆ, କାର୍ଯ୍ୟରେ ପଛୁଆ

ଭୁବନେଶ୍ୱର,୬।୨ (ନି.ପ୍ର): ରାଜ୍ୟ ରାଜଧାନୀ ମନ୍ଦିରମାଳିନୀ ଭୁବନେଶ୍ୱରକୁ ସ୍ମାର୍ଟ କରିବା ପାଇଁ ୫ ବର୍ଷ ପୂର୍ବରୁ ସ୍ୱପ୍ନ ଦେଖାଇଥିଲେ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବହୁତଳ କମର୍ସିଆଲ ମଲ୍, ଚିକ୍‌ଣ ରାସ୍ତା, ଆଲୋକମାଳାରେ ଝଲସୁଥିବା ଫୁଟ୍‌ପାତ୍, ସ୍ମାର୍ଟ ଟଏଲେଟ୍ ବ୍ୟବସ୍ଥା, ବ୍ୟବସ୍ଥିତ ସ୍ୱରେଜର ଶହ ଶହ ଭିତିପ୍ରସ୍ତର ଶୁଭ ପଡିଥିଲା। ରାଜଧାନୀବାସୀ ବହୁ ସ୍ୱପ୍ନ ଦେଖିଥିଲେ। ଭାରତର ମାନଚିତ୍ରରେ ବିକଶିତ ସହର ହିସାବରେ ସ୍ୱଚ୍ଛ ସର୍ବେକ୍ଷଣର ମାପଦଣ୍ଡ ପାଇଁ କୋଟି କୋଟି ଟଙ୍କା ସରକାରୀ ତହବିଲ୍ (ବିଏମ୍‌ସି ଓ ବିଡିଏ)ରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରାହାଗିରି ମାଧ୍ୟମରେ ଆୟୋଜନ କରାଗଲା। କିନ୍ତୁ ଆଜି ୫ ବର୍ଷ ପୁରି ଯାଇଥିଲେ ମଧ୍ୟ କାମ ଅଧାପନ୍ତରିଆ ହୋଇ ପଡିରହିଛି ବୋଲି କଂଗ୍ରେସ ଏକାମ୍ର ବିଧାୟିକା ପ୍ରାର୍ଥୀ ତଥା ପୂର୍ବତନ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରୀମତୀ ରଶ୍ମି ମହାପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ନବୀନ ସରକାର ଫନି ମହାବାତ୍ୟା ଓ କୋଭିଡ୍‌କୁ ଦାୟୀ କରୁଛନ୍ତି। କିନ୍ତୁ ଭୁଲି ଯାଉଛନ୍ତି ଜଳ ଉତ୍ସକୁ ସଜାଡିବା ଏବଂ ସ୍ୱରେଜ ସଂଯୋଗୀକରଣ କାର୍ଯ୍ୟ ମଧ୍ୟ ୨୦୧୫ ସୁଦ୍ଧା ସଂପୂର୍ଣ୍ଣ ହେବାର ଥିଲା। ତାହା ମଧ୍ୟ ଆଜି ଅଧା ହୋଇ ପଡିରହିଛି। ଜଳବନ୍ଦୀରେ ରାଜଧାନୀ ବାସୀ ଅତିଷ୍ଠ। ବିଭିନ୍ନ ଡ୍ରେନ ଖୋଲା ପଡିଥିବାରୁ ନାଳଗୁଡିକ ଅଳିଆ ଆବର୍ଜନାରେ ପୋତି ହୋଇପଡିଛି। ଏସବୁ ପ୍ରକଳ୍ପକୁ ବର୍ଷାଦିନ ପୂର୍ବରୁ ଶେଷ କରିବା ପାଇଁ ସରକାରଙ୍କ ନିଘା ନାହିଁ ବୋଲି ଶ୍ରୀମତୀ ମହାପାତ୍ର ଅଭିଯୋଗ କରିଛନ୍ତି। ସ୍ମାର୍ଟ ସିଟିର ନାମ କେବଳ ନାମଫଳକରେ ରହିଯାଇଛି। ବିଭିନ୍ନ ଲେନ୍‌ଗୁଡିକ, କେନାଲ୍‌ବନ୍ଧ ଓ ନଦୀବନ୍ଧଗୁଡିକ ଉପରେ ଆଲୋକୀକରଣର ବ୍ୟବସ୍ଥା ନଥିବାରୁ ପ୍ରତିନିଧି ଅପରାଧ ବୃଦ୍ଧି ପାଉଛି। ମହିଳାମାନଙ୍କ ଉପରେ ଅକ୍ରମଣ, ଛିନ୍‌ତାଇ, ହତ୍ୟା ଭଳି ବିଭିନ୍ନ ଅପରାଧିକ ଘଟଣା ଘଟୁଛି ବୋଲି ପିସିସିର ପୂର୍ବତନ ମୁଖପାତ୍ର ପଦ୍ମାକର ଗୁରୁ ପ୍ରକାଶ କରିଛନ୍ତି। ଦିନକୁ ଦିନ ରାଜଧାନୀ ବାସିନ୍ଦାଙ୍କ ଉପରେ ବିଏମ୍‌ସିର ହୋଲ୍ଡିଂ ଟ୍ୟାକ୍ସ ବହୁଗୁଣିତ ଭାବରେ ଲଦି ଦିଆଯାଇଛି। ଏବେ ନୂତନ ଭାବରେ ପୁଣି ଏକ ଟ୍ୟାକ୍ସ ସଫେଇ ଟ୍ୟାକ୍ସ ଲଦି ଦେବାର ଯୋଜନା କଲେଣି ସରକାର। ତୁରନ୍ତ ଏହି ଟ୍ୟାକ୍ସକୁ ଖାରଜ ନକଲେ ଆଗାମୀ ଦିନରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଚୁପ୍ ବସିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ।

## ବାଲିଆପାଳ ବ୍ଲକର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀରୁ ମୂଲ୍ୟବାନ ସାମଗ୍ରୀ ଚୋରୀ ଘଟଣା

# ଚୋରି ସାମଗ୍ରୀ ବିକ୍ରି ଓ କ୍ରୟ କରିଥିବା ପାଂଚଜଣଙ୍କୁ ଧରିବାରେ ପୋଲିସ ସଫଳ

ବାଲିଆପାଳ ,୬।୨ (ନି.ପ୍ର): ବାଲିଆପାଳ ବ୍ଲକରେ ଗତ କେଇମାସ ଭିତରେ ୧୫ରୁ ଉର୍ଦ୍ଧ ବାତ୍ୟା ଆଶ୍ରୟସ୍ଥଳୀ ଚୋରୀ ରହିଛି। ଏହି ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକରୁ ଜେନେରେଟର, ଗଛ କଟା କରତ ସମେତ ଅନେକ ମୂଲ୍ୟବାନ ସାମଗ୍ରୀ ଚୋରୀ ହୋଇଯାଉଛି। ଏହି ଘଟଣା କୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ବାଲେଶ୍ୱର ଏସ.ପି ସୁଧାଂଶୁଶେଖର ମିଶ୍ର ଏବଂ ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଗୁରୁତରସହ ନେଇ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଚୋରୀ ସାମ୍ରୀ ଜବତ ସାଙ୍ଗକୁ ଚୋରକୁ ଧରିବା ପାଇଁ ବାଲିଆପାଳ ପୋଲି ଉପରେ ପ୍ରବଳ ଚାପ ପକାଇଆସୁଥିଲେ। ବାଲିଆପାଳ ପୋଲିସ ଏହି ଘଟଣାରେ ଗୁରୁବାର ବିକ୍ରୀ ଖର୍ଦ୍ଦୀରେ ସାମିଲଥିବା ଚୌମୁଖ କମର୍ଦ୍ଦା ଏବଂ ଡଗରା ଅଞ୍ଚଳର ଅନ୍ୟ ତିନିଜଣଙ୍କୁ ଥାନାକୁ ଆଣି ପଚରା ଉଚୁରା ଜାରି ରଖିଛି। ତେବେ ଘଟଣା ସଂପର୍କରେ ବାଲିଆପାଳ ଆଇଆଇସିଙ୍କୁ ପଚାରିବାରୁ ତଦନ୍ତ ଚାଲିଥିବାବେଳେ ପ୍ରେସ ବିବୃତି ଜରିଆରେ ସବିଶେଷ ତଥ୍ୟ ପ୍ରଦାନକାଯିବ ବୋଲ କହିଛନ୍ତି।

## ରେଳ ବଜେଟରେ ଓଡିଶା ପ୍ରତି ବୈମାତୃକ ମନୋଭାବ: ବିଜେଡି

ଭୁବନେଶ୍ୱର,୬।୨ (ନି.ପ୍ର): ୨୦୨୧-୨୨ ପାଇଁ ଆଗତ ହେଇଥିବା ରେଳବାଇ ବଜେଟ୍ ଓଡ଼ିଶା ରାଜ୍ୟକୁ ନ୍ୟାୟ ଦେଇପାରିନାହିଁ। ରାଜ୍ୟ ସରକାରଙ୍କର ସମସ୍ତ ପ୍ରକାର ସହଯୋଗ ସତ୍ୱେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ହୋଇଥିବା ରେଳ ବଜେଟରେ ଓଡିଶା ପାଇଁ ବୈମାତୃକ ମନୋଭାବ ପ୍ରଦର୍ଶନ କରା ଯାଇଛି। ଏହା ନୈରାଶ୍ୟଜନକ ଏବଂ ଉଦ୍ଦେଶ୍ୟମୂଳକ ଭାବେ ଲୁଣ୍ଠନ ପାଇଁ ଚେଷ୍ଟା କରୁଥିବା ରେଳବାଇ ବଜେଟ ଭଳି ଆମକୁ ଲାଗୁଛି ବୋଲି ବିଜେଡି ପକ୍ଷରୁ କୁହା ଯାଇଛି। ଦଳୀୟ ପ୍ରବକ୍ତା ଲେନିନ ମହାନ୍ତି କହିଛନ୍ତି ଯେ ସ୍ୱାଧୀନତା ପରେ ଓଡ଼ିଶା ପାଇଁ କେବଳ ୬ଟା ନୂଆ ରେଳ ଲାଇନ ପାଇଁ ବ୍ୟବସ୍ଥା କରାଯାଇଛି। ଯାହା ଆଂଶିକଭାବେ (୩୦%) କାର୍ଯ୍ୟ ସମ୍ପନ୍ନ ହୋଇଛି। ବ୍ରିଟିଶ ଅମଳରେ ଖଣିଜାତ ଦ୍ରବ୍ୟକୁ ଚୋରି କରିବାପାଇଁ ରେଲୱେ ଲାଇନର ବ୍ୟବହାର କରାଯାଉଥିଲା। ଦୁଃଖର କଥା ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଏବେକାର କେନ୍ଦ୍ର ସରକାର ସେଇଆ ହିଁ କରୁଛନ୍ତି ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ପ୍ରତ୍ୟେକ ବର୍ଷ ଭାରତୀୟ ରେଳବାଇ ଓଡ଼ିଶାରୁ ୨୦,୦୦୦ କୋଟିର ରାଜସ୍ୱ ଆଦାୟ କରିଥାନ୍ତି। ଯଦି ୭ ବର୍ଷର ହିସାବ କରାଯାଏ ତେବେ ତାହା ହେବ ୧୪୦,୦୦୦ କୋଟି କିନ୍ତୁ ପାଇଛନ୍ତି କେତେ ? ବିଗତ ସାତ ବର୍ଷରେ ଓଡ଼ିଶା ୨୦୦୦ରେ ବାର୍ଷିକ ହିସାବରେ ଆମେ ପାଇଛେ ୨୦୦୦ ଘ ୭ = ୧୪,୦୦୦ କୋଟି ବିଜେପିର ରାଜ୍ୟ ଏବଂ କେନ୍ଦ୍ରୀୟ ନେତୃତ୍ୱମାନେ ଉତର ଦେବା ଦରକାର ବୋଲି କହିବା ସହ ୧୪୦,୦୦୦ କୋଟି ଦେଇଥିବା ରାଜ୍ୟ ୧୪,୦୦୦କୋଟି କେଉଁ ହିସାବରେ ପାଇବେ। ଏହା ଆମ ରାଜ୍ୟପ୍ରତି ବୈମାତୃକ ମନୋଭାବର ନିଦର୍ଶନ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଗତ ୭ ବର୍ଷ ଭିତରେ ମାତ୍ର ଗୋଟିଏ ଜିଲ୍ଲାକୁ ନୂଆ ରେଳ ଲାଇନ ଛୁଇଁପାରିଛି। ଯଦି ଏତିକି କରାଗଲା ତେବେ ରେଳ ଲାଇନ ନଥିବା ୬ଟି ଜିଲ୍ଲାକୁ ପାଖାପାଖି ୪୨ ବର୍ଷ ଲାଗିବ ବୋଲି ଅନୁମାନ କରାଯାଇପାରେ। ଯଦି ଦମ୍ ଅଛି ବିଜେପିର ଶୀର୍ଷ ନେତୃତ୍ୱ ଆମ ସାଙ୍ଗରେ ବିତର୍କକୁ ଆସନ୍ତୁ ବୋଲି ସେ ଆହ୍ୱାନ କରିଛନ୍ତି।

# ବାଲେଶ୍ୱର ବିକାଶ ଦାବିରେ ଛାତ୍ର କଂଗ୍ରେସର କମ୍ପନ ପଦଯାତ୍ରା




ବାଲେଶ୍ୱର,୬।୨ (ନି.ପ୍ର): ଅବହେଳିତ ବାଲେଶ୍ୱର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଦାବିରେ ଛାତ୍ର କଂଗ୍ରେସ ପକ୍ଷରୁ ଆଜି କମ୍ପନ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସହରର ଗାନ୍ଧୀସ୍ମୃତି ଭବନରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ନ୍ୟାସନାଲ ଷ୍ଟୁଡେଣ୍ଟ ୟୁନିୟନ ଅଫ୍ ଇଣ୍ଡିଆ (ଏନଏସୟୁଆଇ)ର ଓଡ଼ିଶା ସଭାପତି ୟାସିର ନୱାଜ, ରାଜ୍ୟ ସମ୍ପାଦକ ନରୋସନ ଲାଲଙ୍କ ସମେତ ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି, ଜିଲ୍ଲା ଯୁବକଂଗ୍ରେସ ସଭାପତି ରଂଜନ ଦାସ, ସମ୍ପାଦକ ଭବାନୀ ମହାଳିକ, ଗୌତମ ସାହୁ, ସଦର କଂଗ୍ରେସ ମମତା କୁଣ୍ଡୁ, କଂଗ୍ରେସ ର ବରିଷ୍ଠ ନେତ୍ରୀ ଅର୍ଚ୍ଚନା ନନ୍ଦୀ ପ୍ରମୁଖ ଯୋଗଦେଇ ବାଲେଶ୍ୱର ସମେତ ସମଗ୍ର ଓଡ଼ିଶା ବିକାଶରେ ରାଜ୍ୟ ସରକାରଙ୍କ ଅବହେଳାକୁ ତୀବ୍ର ସମାଲୋଚନା କରିଥିଲେ। ତେବେ ସଂସ୍କୃତି ସମ୍ପନ୍ନ ବାଲେଶ୍ୱର ଜିଲ୍ଲା ସମ୍ପ୍ରତି ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଛି ବୋଲି ସେମାନେ କହିଥିଲେ। ନିଯୁକ୍ତି ନପାଇ ଶିକ୍ଷିତ ଯୁବଗୋଷ୍ଠୀ ବାଟବଣା ହେବାରେ ଲାଗିଛନ୍ତି। ଚାଷୀଙ୍କ ସ୍ୱାର୍ଥରକ୍ଷା ଦିଗରେ ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ଯୋଜନା ନାହିଁ। ତେବେ ଉତ୍ତର ଓଡ଼ିଶାର ବ୍ୟବସାୟିକ ପ୍ରାଣକେନ୍ଦ୍ର ଭାବେ ବାଲେଶ୍ୱରରେ ରେଳ ଡିଭିଜନ ପ୍ରତିଷ୍ଠା, ଫକୀର ମୋହନ ସରକାରୀ ମେଡିକାଲ କଲେଜ ଗେଟ୍ ସମ୍ମୁଖରେ ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ ରୋକିବା, ବାଲେଶ୍ୱରରେ ଏକ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଓ କୃଷକଙ୍କ ବିରୋଧରେ ଯାଉଥିବା କଳା କୃଷି ଆଇନକୁ ତୁରନ୍ତ ପ୍ରତ୍ୟାହାର ପାଇଁ ବକ୍ତାମାନେ ଦାବି କରିଥିଲେ। ଏହି ଅବସରରେ ଛାତ୍ରକଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଛାତ୍ର ଓ ଯୁବ କଂଗ୍ରେସର ବହୁ ସଦସ୍ୟ ଏହି ବିକ୍ଷୋଭ ସମାବେଶରେ ଯୋଗ ଦେଇଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୭ ଜାନୁଆରୀ, ୨୦୨୧
email : rabibarachayan2015@gmail.com
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ - ୧୪

(ପୂର୍ବପ୍ରକାଶିତ ଉତ୍ତାରୁ...)

ସମ୍ବଲପୁର ଲୋକଙ୍କ କଥିତ ଭାଷାର ସାମାନ୍ୟ ଭାବରେ ହିନ୍ଦୀ ମିଶ୍ରିତ ଥିଲେ ହେଁ ଲୋକେ ଓଡ଼ିଆ- ଏମାନଙ୍କ ଭାଷା ଓଡ଼ିଆ- ରୀତି ନୀତି, ସାମାଜିକ ବ୍ୟବହାର ସମସ୍ତ ଓଡ଼ିଆ । ସ୍କୁଲ ସମୂହରୁ ଓଡ଼ିଆ ଭାଷାର ପ୍ରଚଳନ ଉଠିଯାଇ ହିନ୍ଦୀ ଭାଷାର ପ୍ରଚଳନର ଉଦ୍ୟମ ହେଲା । ଅଦାଲତରୁ ଓଡ଼ିଆଭାଷା ଉଠାଇ ଦିଆଗଲା । ଏହା ହେଲା ମଧ୍ୟପ୍ରଦେଶର ତଦାନୀନ୍ତନ ଚିଫ୍ କମିଶନର ସର୍ ଜନ୍ ଉଡ୍‌ବର୍ଣ୍ଣଙ୍କ ଅମଳରେ । ଲୋକେ ମାଲିମକଦ୍ଦମାରେ ଅତ୍ୟନ୍ତ ଅସୁବିଧା ଭୋଗକଲେ । ହାକିମଙ୍କ ମଧ୍ୟରେ ଓଡ଼ିଆ କେହି ନାହାଁନ୍ତି- ଏକମାତ୍ର ଓଡ଼ିଆ, ଏକ୍‌ଷ୍ଟ୍ରା ଆସିଷ୍ଟାଣ୍ଟ କମିଶନର ଶ୍ରୀ ବୈକୁଣ୍ଠନାଥ ପୂଜାରୀ, ଏମ୍.ଏ.- ଥିଲେ ନାଗପୁରରେ । ୧୯୦୩ ମସିହାରେ ତାଙ୍କର ଅକାଳ ବିୟୋଗ ହୋଇଗଲା । ଏହାଙ୍କ ଉତ୍ତାରେ ଉଚ୍ଚପଦରେ ରାଜକର୍ମଚାରୀ ଆଉ କେହି ରହିଲେ ନାହିଁ । ସେତେବେଳେ ସମ୍ବଲପୁରର ଜିଲ୍ଲା ହାକିମ ଡେପୁଟି କମିଶନର ଶଙ୍କର ମାଧୋଚିଟ୍‌ବିନିସ୍- ମରହଟ୍ଟା । ଅଧୀନସ୍ଥ ହାକିମ, କିରାଣୀ ପ୍ରାୟ ସମସ୍ତେ ମରହଟ୍ଟା ବା ହିନ୍ଦୁସ୍ଥାନୀ । ଏହି ପରିସ୍ଥିତିରେ ଓଡ଼ିଆ ମୁଣ୍ଡଟେକି ରହିବା କଷ୍ଟକର ବ୍ୟାପାର ହୋଇଥିଲା । କିନ୍ତୁ ସମ୍ବଲପୁରରେ ସ୍ୱଦେଶ ଓ ସ୍ୱଭାଷାପ୍ରେମର ଅଭାବ ନଥିଲା । ଏହି ଜୀବନମରଣ ସମସ୍ୟାର ସମାଧାନ ସକାଶେ ସମ୍ବଲପୁରର ବୀର ସନ୍ତାନଗଣ ଲାଗିପଡ଼ିଲେ । ମାତୃଭାଷାକୁ ସଜୀବ ରଖିବା ସକାଶେ ଉପାୟ ଉଦ୍ଭାବନ କଲେ । ସ୍ଥାନେ ସ୍ଥାନେ ସଭାହୋଇ ଜିଲ୍ଲାବାସୀଙ୍କୁ ମାତୃଭାଷା ରକ୍ଷାର ମହାମନ୍ତ୍ରରେ ଉଦ୍‌ବୁଦ୍ଧ କରାହେଲା । ତଦାନୀନ୍ତନ ଭାରତର ବଡ଼ଲାଟ୍ ଲର୍ଡ କର୍ଜନଙ୍କ ସହିତ ସାକ୍ଷାତ କରି ତାଙ୍କଠାରେ ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃପ୍ରତିଷ୍ଠା କରି ଓଡ଼ିଆ ଜାତିର ଜାତୀୟତା ରକ୍ଷା ସକାଶେ ଗୁହାରୀ କରିବା ପାଇଁ ଏକ ଦଳ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ପଠାଇବା ପାଇଁ ସ୍ଥିର ହେଲା । ଏହି ଗୁରୁତର କାର୍ଯ୍ୟ ସ୍ୱର୍ଗୀୟ ଶ୍ରୀପତି ମିଶ୍ର, ବ୍ରଜମୋହନ ପଟ୍ଟନାୟକ, ବିହାରୀ ଦାସ ମହନ୍ତ, ବଳଭଦ୍ର ସୁପକାର ଓ ମଦନମୋହନ ମିଶ୍ରଙ୍କ ଉପରେ ନ୍ୟସ୍ତ ହେଲା । ଏମାନେ ସିମଳା ଯାତ୍ରାକଲେ । କିନ୍ତୁ ସିମଳାରେ ଉପସ୍ଥିତ ହୋଇ ଲର୍ଡ କର୍ଜନଙ୍କ ସଙ୍ଗେ ସାକ୍ଷାତ କରିବା ଆବଶ୍ୟକ ହେଲାନାହିଁ । ସିମଳା ଭାରତ ସରକାରଙ୍କ ଗ୍ରୀଷ୍ମବାସ । ଏମାନେ ସିମଳାରେ ଶୁଣିଲେ ଯେ ମଧ୍ୟପ୍ରଦେଶର ଚିଫ୍ କମିଶନର ସାର୍ ଏଣ୍ଡ୍ରୁ ଫ୍ରେଜର ମଧ ସିମଳାରେ ଅଛନ୍ତି । ଫ୍ରେଜର ସାହେବ ସମ୍ବଲପୁରରେ ଅପରିଚିତ ନଥିଲେ । ସେ ଭାରତବର୍ଷକୁ ଆସି ସର୍ବପ୍ରଥମରେ ଆସିଷ୍ଟାଣ୍ଟ କମିଶନର ହୋଇ ସମ୍ବଲପୁରରେ ଅବସ୍ଥାପିତ ହୋଇଥିଲେ । ପରେ ସମ୍ବଲପୁରର ଡେପୁଟି କମିଶନର, ଛତିଶଗଡ଼ ବିଭାଗର କମିଶନର ଓ ସର୍ବଶେଷରେ ମଧ୍ୟପ୍ରଦେଶ ଚିଫ୍ କମିଶନର ହୋଇଥିଲେ । ଶ୍ରୀ ବ୍ରଜମୋହନ ପଟ୍ଟନାୟକ ପ୍ରଭୃତି କେତେକ ବିଶିଷ୍ଟ ବ୍ୟକ୍ତି ତାଙ୍କଠାରେ ସୁପରିଚିତ ଥିଲେ । ଏମାନେ ତାଙ୍କ ସଙ୍ଗେ ସାକ୍ଷାତକରି ସେମାନଙ୍କ ସିମଳା ଆଗମନର ଉଦ୍ଦେଶ୍ୟ ଜ୍ଞାପନ କଲେ । ଫ୍ରେଜର ସାହେବ ସମସ୍ତ ବିଷୟ ଶୁଣି ନିଜେ ସମ୍ବଲପୁରବାସୀଙ୍କ ଅଭିଯୋଗର ମୀମାଂସା କରିଦେବେ ବୋଲି ପ୍ରତିଶ୍ରୁତି ଦେଲେ । ତାଙ୍କଠାରୁ ଏ ପ୍ରକାର ଆଶ୍ୱାସବାଣୀ ଶୁଣି ଏମାନେ ଫେରିଆସିଲେ । ସିମଳାଯାତ୍ରାର ଏକ ବିଶଦ୍ ବିବରଣୀ ସ୍ୱର୍ଗୀୟ ଶ୍ରୀପତି ମିଶ୍ରଙ୍କ ପ୍ରଣୀତ 'ସିମଳା ଯାତ୍ରା' ନାମକ ପୁସ୍ତକରେ ଲିପିବଦ୍ଧ ହୋଇଅଛି ।

ଅଳ୍ପଦିନ ଉତ୍ତାରେ ଫ୍ରେଜର ସାହେବ ସ୍ୱୟଂ ସମ୍ବଲପୁର ପରିଦର୍ଶନ କଲେ । ସମ୍ବଲପୁର ରୋଡ ଷ୍ଟେସନରେ ତାଙ୍କୁ କେବଳ ରାଜୋଚିତ ନୁହେଁ, ଦେବୋଚିତ ବିପୁଳ ସମ୍ବର୍ଦ୍ଧନାରେ ଅଭିନନ୍ଦିତ କରାହେଲା । ସମ୍ବଲପୁରର ନେତୃସ୍ଥାନୀୟ ବ୍ୟକ୍ତିଙ୍କଠାରୁ ଜିଲ୍ଲାବାସୀଙ୍କ ଅଦାଲତ ସମୂହରୁ ଓଡ଼ିଆ ଭାଷା ବିତାଡ଼ନ ଓ ସ୍କୁଲ ସମୂହରେ ହିନ୍ଦୀଭାଷାର ପ୍ରଚଳନର ଉଦ୍ୟମ ଜନିତ ଅସୁବିଧା ବିଷୟ ଶୁଣି କହିଲେ ଯେ, କେବଳ ଓଡ଼ିଆ ଭାଷାର ପୁନଃପ୍ରତିଷ୍ଠାରେ ଯେ ସମ୍ବଲପୁରର ଅଭିଯୋଗର ମୀମାଂସା ହେବ, ତାହା ନୁହେଁ । ସମ୍ବଲପୁରକୁ ଓଡ଼ିଶା ସହିତ ମିଶାଇବାକୁ ହେବ । ଏଥିରେ ସମ୍ବଲପୁରବାସୀ ଆନନ୍ଦରେ ପୁଲକିତ ହେଲେ। ବାସ୍ତବରେ ମଧ୍ୟପ୍ରଦେଶର ମରହଟ୍ଟୀ, ହିନ୍ଦୁସ୍ଥାନୀ ଓ ଓଡ଼ିଆ, ଏପରି ତିନୋଟି ଭାଷା ପ୍ରଚଳିତ ଥିବାରୁ ମଧ୍ୟପ୍ରଦେଶ ସରକାର ଶାସନରେ କିଞ୍ଚିତ୍ ଅସୁବିଧା ଭୋଗ କରୁଥିବା ଆଶ୍ଚର୍ଯ୍ୟ ନଥିଲା। ମରହଟ୍ଟୀ ଓ ହିନ୍ଦୁସ୍ଥାନୀ ମଧ୍ୟରେ ବ୍ୟବଧାନ ଓଡ଼ିଆ ଭାଷାଠାରୁ ଅଳ୍ପ । ସୁତରାଂ ଓଡ଼ିଆ ଭାଷାକୁ ଦୂର କରିଦେଲେ ଏହି ଅସୁବିଧା ବହୁପରିମାଣରେ ଦୂର ହୋଇଯିବ ବୋଲି ମଧ୍ୟପ୍ରଦେଶ ସରକାର ମନେକରି ସମ୍ବଲପୁର ମଧ୍ୟପ୍ରଦେଶରୁ ବିଚ୍ଛିନ୍ନ ହେବା ବିଷୟରେ ଆପତ୍ତି କଲେ ନାହିଁ । ୧୯୦୫ ମସିହା ଅକ୍ଟୋବର ୧୬ ତାରିଖ ଦିନ ସମ୍ବଲପୁର ବଙ୍ଗପ୍ରଦେଶ ଅନ୍ତର୍ଗତ ଓଡ଼ିଶା ବିଭାଗ ସହିତ ମିଳିତ ହେଲା । ସେହି ସମୟରେ ବଙ୍ଗ, ବିହାର ଓ ଓଡ଼ିଶା ମିଶି ବଙ୍ଗ ପ୍ରଦେଶ ଗଠିତ ହୋଇଥିଲା । ସମ୍ବଲପୁର ଓଡ଼ିଶାକୁ ଫେରି ଆସୁଥିଲେ ହେଁ ସମଗ୍ର ସମ୍ବଲପୁର ନଆସି ଫୁଲ୍‌ଝର୍ ଜମିଦାରୀ, ପଦ୍ମପୁର ଓ ଚନ୍ଦ୍ରପୁର ତାଲୁକ ରହିଗଲା । ଏହି ଅଞ୍ଚଳରେ ଓଡ଼ିଆ ଅଧିବାସୀ ସଂଖ୍ୟାଗରିଷ୍ଠ ଥିଲେ ହେଁ ମରହଟ୍ଟା ଓ ହିନ୍ଦୁସ୍ଥାନୀଙ୍କ ଚକ୍ରାନ୍ତରେ ତାହାକୁ ସମ୍ବଲପୁର ସହିତ ଅଣାଯାଇ ପାରିଲାନାହିଁ । ଏହି ଅଞ୍ଚଳର ଓଡ଼ିଆ ଅଧିବାସୀ ଏ ପର୍ଯ୍ୟନ୍ତ ଭୋଗ କରିଆସୁଥିବା ଅସୁବିଧା ଯୋଗୁଁ ଓଡ଼ିଶା ସହିତ ମିଳିତ ହେବା ସକାଶେ ଆନ୍ଦୋଳନ କରିଆସୁଅଛନ୍ତି । ଅତ୍ୟନ୍ତ ପରିତାପର ବିଷୟ, ଭାରତର ସ୍ୱାଧୀନତା ଉତ୍ତାରେ ସୁଦ୍ଧା ଏମାନଙ୍କ ଆନ୍ଦୋଳନ ନିଷ୍ଫଳ ହୋଇଅଛି ।

୧୯୦୫ ମସିହା ଅକ୍ଟୋବର ୧୬ ତାରିଖ ଭାରତର ଏକ ସ୍ମରଣୀୟ ଦିବସ । ଏହିଦିନ ବଙ୍ଗପ୍ରଦେଶର ଅଙ୍ଗବ୍ୟବଚ୍ଛେଦ ମଧ ହୋଇଥିଲା । ବଙ୍ଗପ୍ରଦେଶ ଅନ୍ତର୍ଗତ ପୂର୍ବାଞ୍ଚଳର ଢାକା ପ୍ରଭୃତି କେତେକ ଜିଲ୍ଲାକୁ ବିଚ୍ଛିନ୍ନକରି ଆସାମ ସହିତ ପୂର୍ବବଙ୍ଗ ଓ ଆସାମ ନାମରେ ଏକ ସ୍ୱତନ୍ତ୍ର ନୂତନ ପ୍ରଦେଶ ଗଠିତ ହେଲା । ବଙ୍ଗବାସୀଗଣ ଏହାର ତୀବ୍ର ପ୍ରତିବାଦ କଲେ ଓ ଏଥିରେ ସେମାନେ ପ୍ରାୟ ସମଗ୍ର ଭାରତବର୍ଷର ସହାନୁଭୂତି ଆକର୍ଷଣ କରିପାରିଥିଲେ । ଭାରତର ଅନ୍ୟାନ୍ୟ ଅଞ୍ଚଳମାନ ସେମାନଙ୍କ ପ୍ରତି ସମପ୍ରାଣତା ଜଣାଇଲେ । ଏହି ନୂତନ ପ୍ରଦେଶର ପ୍ରଥମ ଶାସନକର୍ତ୍ତା ଗଭର୍ଣ୍ଣର ସର୍ ବ୍ଯାମ୍‌ଫିଲ୍ଡ ଫୁଲର । ଏହାଙ୍କ ଅମଳରେ ରାଜପୁରୁଷଗଣଙ୍କ ପ୍ରରୋଚନାରେ ସଂଖ୍ୟାଗରିଷ୍ଠତା ମୁସଲମାନ ଓ ସଂଖ୍ୟାଲଘିଷ୍ଠ ହିନ୍ଦୁମାନଙ୍କ ମଧ୍ୟରେ ଯେଉଁ ତୀବ୍ର ସଂଘର୍ଷ ସୃଷ୍ଟି ହେଲା ତାହା ଭାରତ ବକ୍ଷରେ ଗଭୀର କଳଙ୍କ ସ୍ୱରୂପ ଅଦ୍ୟାପି ନିବିଡ଼ ଭାବରେ ଅଙ୍କିତ ହୋଇ ରହିଅଛି । ଏହି ଘଟଣାଦ୍ୱାରା ଭାରତବାସୀଙ୍କ ହୃଦୟରେ ସ୍ୱାଧୀନତାଭାବ ଜାଗ୍ରତ ହେଲା କହିଲେ ଚଳେ । ଲର୍ଡ କର୍ଜନ୍ ବଙ୍ଗବାସୀଙ୍କ ଅନିଷ୍ଟ ସାଧନ କରିବାକୁ ଯାଇ ଭାରତବାସୀଙ୍କ ହୃଦୟରେ ଯେଉଁ ସ୍ୱାଧୀନତା ବୀଜ-ରୋପଣ କରିଦେଲେ ତହିଁରେ ଭାରତବାସୀ ତାଙ୍କ ପ୍ରତି ଚିରକାଳ କୃତଜ୍ଞ ହୋଇ ରହିବେ । ବଙ୍ଗବାସୀଙ୍କ ତୀବ୍ର ଆନ୍ଦୋଳନ ଫଳରେ ସର୍ବତ୍ର ଇଂରେଜ ବିଦ୍ୱେଷ-ମୂଳକ ଆନ୍ଦୋଳନର ଢେଉ ଖେଳିଗଲା । ବିଲାତୀ ଜିନିଷ ବର୍ଜନ କରାହେଲା । ଦେଶରେ ଅରାଜକତା ସୃଷ୍ଟି ହେଲା । କେତେକ ଇଂରେଜ ରାଜପୁରୁଷ ଓ ଦେଶୀୟ ରାଜକର୍ମଚାରୀ ବିପ୍ଳବୀଙ୍କ ହସ୍ତରେ ପ୍ରାଣ ବିସର୍ଜନ କଲେ । ବଙ୍ଗଦେଶରେ ଭୀଷଣ ବିପ୍ଳବ ସୃଷ୍ଟିହେଲା । ବିଦେଶୀୟ ଶାସନର ବିଲୋପ ସାଧନ ଦେଶର ଏକମାତ୍ର ମୂଳ ମନ୍ତ୍ର ଥିଲା । ବିପ୍ଳବୀଦଳ ସଂଘବଦ୍ଧ ହୋଇ ଆମରଣ ସମରାନଳରେ ଲମ୍ଫ ପ୍ରଦାନ କଲେ । ବଙ୍ଗ ସରକାରଙ୍କ ଦମନଲୀଳା ମଧ ସୃଷ୍ଟି ହେଲା । ଦଳଦଳ ବଙ୍ଗାଳୀ ଯୁବକ ଏହି ଲୀଳାର ସମ୍ମୁଖୀନ ହୋଇ ଭୀଷଣ ଯାତନା ଭୋଗ କରିବାକୁ ଲାଗିଲେ । ମଧ୍ୟପ୍ରଦେଶରୁ ଫ୍ରେଜର୍ ସାହେବ ଏହି ସମୟରେ ଆସି ବଙ୍ଗ ପ୍ରଦେଶର ଛୋଟ ଲାଟ୍ ପଦରେ ଅବସ୍ଥିତ ହୋଇଥିଲେ । ଦିନେ ଓଡ଼ିଶା ଗସ୍ତରୁ ରେଳପଥରେ ଫେରୁଥିବା ସମୟରେ ବିପ୍ଳବୀଙ୍କ ଦ୍ୱାରା ପ୍ରୋଥିତ ବିସ୍ଫୋରକ ଦ୍ୱାରା ବାଲେଶ୍ୱର ଓ ଖଡ଼ଗପୁର ମଧ୍ୟସ୍ଥ ନାରାୟଣଗଡ଼ ଷ୍ଟେସନ୍‌ଠାରେ ତାହାଙ୍କ ଗାଡ଼ି ରେଳପଥରୁ ବିଚ୍ୟୁତ ହେଲା । ଏହି ସମୟରେ କେତେକ ଯୁବକ ଇଂରେଜମାନଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ କଲିକତାରେ ବୋମା ନିର୍ମାଣ କରୁଥିବା ଅପରାଧରେ ଧୃତ ହୋଇ ଅଲିପୁର ଦୌରା ଅଦାଲତରେ ସେମାନଙ୍କ ବିଚାର ହେଲା । ଋଷି ଅରବିନ୍ଦ ଘୋଷ ଏଥିରେ ଲିପ୍ତ ଥିବା ଦୋଷରେ ଅଭିଯୁକ୍ତ ହୋଇଥିଲେ । ଅଦାଲତରେ ଅରବିନ୍ଦ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇ ଖଲାସ ହେଲେ । କିନ୍ତୁ ଅନେକ ଯୁବକଙ୍କ ପ୍ରତି ଦ୍ୱୀପାନ୍ତର ଦଣ୍ଡ ବିହିତ ହେଲା । କେତେକ ଫାଶି କାଠରେ ଝୁଲିଲେ । ତଥାପି ବିବେଚନା କଲେ ବଙ୍ଗ ବ୍ୟବଚ୍ଛେଦ ସମଗ୍ର ଭାରତବର୍ଷ ପକ୍ଷରେ ଶୁଭଙ୍କର ହୋଇଥିଲା ବୋଇଲେ ଅତ୍ୟୁକ୍ତି ହେବନାହିଁ । ଏହା ଭାରତବର୍ଷର ସ୍ୱାଧୀନତା ସଂଗ୍ରାମର ପ୍ରଥମାଗ୍ନି ପ୍ରଜ୍ୱଳିତ କଲା । ୧୯୧୧ ମସିହାରେ ବଙ୍ଗ ବ୍ୟବଚ୍ଛେଦ ପ୍ରତ୍ୟାହୃତ ହୋଇ ବିଭକ୍ତ ଅଂଶଗୁଡ଼ିକ ମାତୃଅଙ୍ଗ ସହିତ ପୁନର୍ମିଳିତ ହେଲା ଓ ପରିଶେଷରେ ବହୁସଂଖ୍ୟକ ଭାରତର କୃତୀ ସନ୍ତାନଙ୍କ ଆତ୍ମତ୍ୟାଗରେ ଦିନକୁ ଦିନ ଉକ୍ତ ଲୋଳଜିହ୍ୱ ଅନଳ ପ୍ରସାରରେ ଭାରତ ଦେଶପିତା ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ବହୁକାଳର ଦାସତ୍ୱ ଶୃଙ୍ଖଳରୁ ମୁକ୍ତହେଲା ।(କ୍ରମଶଃ)



## ଡାଏରୀ -୫୧

ଓଡିଆ ସାହିତ୍ୟ କ୍ଷେତ୍ରରେ ଡ. ରଜନୀ ରଂଜନ ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...



## ॥ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ॥

ପେନ୍‌ସନ୍ ପାଇଁ ଲୋଡ଼ା ପତି ପତ୍ନୀଙ୍କର ଯୁଗ୍ମ ଫଟୋ । ଏଇଟା ସରକାରୀ ନିୟମ । ପେନସନ୍ କାଗଜପତ୍ର ପ୍ରସ୍ତୁତ କରିବା ସମୟରେ ରଜନୀ ଦାଶ ଚାନ୍ଦ ସହ ତା'ର ଯୁଗ୍ମ ଫଟୋଟିଏ ଖୋଜି ବସିଲା । ଆଶ୍ଚର୍ଯ୍ୟ କଥା ଦୁଇଜଣଙ୍କ ଯୁଗ୍ମଫଟୋଟିଏ ଆଲ୍‌ବମ୍‌ରେ ହିଁ ନଥିଲା । ପୁଅବୋହୂ, ଝିଅଜ୍ୱାଇଁ ପରିବାର ଭିତରେ ସେ ଦୁଇଜଣ ହଜି ଯାଇଥିଲେ ଯେମିତି । ଏକାଠି ଫଟୋ ଉଠାଇବାର ମାନସିକତା କି ସୁଯୋଗ ଦୂରେଇ ବସିଥିଲେ ଉଭୟେ ।

କାନ୍ଥରେ ଝୁଲୁଥିଲା ୩୫ବର୍ଷ ତଳର କଳାଧଳା ଫଟୋ । ଦୀର୍ଘବର୍ଷ ପରେ ବି ଚାନ୍ଦର ମୁହଁଟା ଜଳୁଥିଲା ଦାଉଦାଉ । ବାହାଘରର ମାତ୍ର କେଇଦିନ ପରେ ଉଭୟେ ଷ୍ଟୁଡିଓକୁ ଯାଇଥିଲେ । ସେଇଠି ଗୋଟାଏ ଯୁଗଳ ଫଟୋ ଉଠାଇଥିଲେ । ସେଇଟି ହିଁ ସେମାନଙ୍କର ପ୍ରଥମ ଓ ଶେଷ ଯୁଗଳ ଫଟୋଥିଲା । ଅନେକ ସମୟରେ ପିଲାମାନେ ଜିଦ୍ କରିଛନ୍ତି ଫଟୋଟିକୁ ଆଧୁନିକ ଟେକ୍ନୋଲୋଜିରେ କଲର କରିଦେବା ପାଇଁ । କେଜାଣି ଚାନ୍ଦ ରାଜି ହୁଏନା । ଅତୀତଟା ସବୁବେଳେ କଳାଧଳାରେ ଦେଖିବାକୁ ଭଲଲାଗେ ।

ଝିଅ ମୋବାଇଲ କ୍ୟାମେରାରେ ରଜନୀ ଦାଶ ଆଉ ଚାନ୍ଦର ନୂଆ ଫଟୋଟେ ଉଠାଇଦେଲା । ଷ୍ଟୁଡିଓକୁ ଗଲା ରଜନୀ ଦାଶ ସେ ଫଟୋର ପ୍ରିଣ୍ଟ ପାଇଁ । ଅନେକ ଦିନ ପରେ ଷ୍ଟୁଡିଓକୁ ଆସୁଛି । ଷ୍ଟୁଡିଓ ମାଲିକକୁ ପ୍ରିଣ୍ଟକରିବାକୁ ଅର୍ଡର ଦେଲା । ଷ୍ଟୁଡିଓ ମାଲିକ ଫଟୋଟିକୁ କମ୍ପ୍ୟୁଟରରେ ଦେଖିଲା ଓ ବାରଂବାର ରଜନୀ ଦାଶକୁ ଚାହିଁଲା ।

"ସାର୍ ସେ ନବମଶ୍ରେଣୀ ଝିଅ ଏବେ କୋଉଠି ?" ପଚାରିଲା । ଚମକି ପଡ଼ିଲା ରଜନୀ ଦାଶ । କାହା କଥା କହୁଛି ସେ ? ହୁଏତ ଭୁଲ୍ ବୁଝିଥିବ ।

"ସାର୍ ମନେ ଅଛି ନା ! ଅନେକ ବର୍ଷ ତଳେ ସେ ନବମ ଶ୍ରେଣୀର ଝିଅକୁ ନେଇ ଆପଣ ମୋ ଷ୍ଟୁଡିଓକୁ ଆସିଥିଲେ । ସେତେବେଳେ ମୋ ଷ୍ଟୁଡିଓ ରବି ଟକିଜରେ ଥିଲା । ଦୁହେଁ ମିଶି ଫଟୋ ଉଠାଇଥିଲେ । କିନ୍ତୁ ନେଗେଟିଭ୍‌ଟା ନେଲେନି । ଅନେକ ଦିନ ଧରି ମୁଁ ତାକୁ ସାଇତି ରଖିଥିଲି । ଡ୍ୟାମେଜ୍ ହୋଇଗଲା ।" ଏକା ନିଶ୍ୱାସରେ କହିପକାଇଲା ଷ୍ଟୁଡିଓ ମାଲିକ ।

ଚାଳିଶ ବର୍ଷତଳର ସ୍ମୃତିକୁ ଉଖାରୁଛି ଏ ଲୋକଟା । ସେତେବେଳେ ଚଇନି ଚିକଣ ଥିଲା । ଏବେ ଦାଢ଼ି ରଖି ଇଣ୍ଟେଲେକ୍‌ଚୁଆଲ୍ ଭଳି ଦିଶୁଚି ।

ସେତେବେଳେ କଲେଜ୍ ବି.ଏ. ର ଶେଷ ବର୍ଷର ଛାତ୍ର ରଜନୀ ଦାଶ । ମାଳତୀ ପଢୁଥିଲା ନବମ ଶ୍ରେଣୀରେ । ସଚରାଚର ପ୍ରେମରେ ଯାହା ଘଟେ ସେଇଆ ହିଁ ଘଟୁଥିଲା ସେମାନଙ୍କ ଭିତରେ । ମାଳତୀ ଗାଉଁଲୀ ଝିଅ ଥିଲା କିନ୍ତୁ ଭାରି ସ୍ମାର୍ଟ । ରଜନୀ ଦାଶ ଭଳି ଭକୁଆ ନଥିଲା । ଦିନେ ମାଳତୀ ପ୍ରସ୍ତାବ ଦେଲା । "ଅଗଷ୍ଟ ପନ୍ଦର ଦିନ ସ୍କୁଲ ଛୁଟି । ସାଙ୍ଗ ଘରକୁ ଯିବାକୁ କହି ସେ ତା' ସାଙ୍ଗ ସହିତ ଭୁବନେଶ୍ୱର ଆସି ରବି ଟକିଜ୍‌ରେ ଫିଲ୍ମ ଦେଖିବା, ଫଟୋ ଉଠାଇବା ।"

ଘରୁ ଲୁଚି ଭୁବନେଶ୍ୱର ଆସି ହଲ୍‌ରେ ଫିଲ୍ମ ଦେଖିବା ! ପ୍ରଥମେ ମାନସିକ ପ୍ରସ୍ତୁତି କରି ପାରିନଥିଲା । ତଥାପି ନିର୍ଦ୍ଦିଷ୍ଟ ଦିନ ସେ ପହଞ୍ଚିଗଲା ରବି ଟକିଜ୍‌ରେ ସାଇକେଲ ଚଲାଇ । ଆଗରୁ ହଲ୍‌ରେ ମାଳତୀ ଆଉ ତା ସାଙ୍ଗ ୩ଟି ଟିକେଟ୍ କରି ଅପେକ୍ଷା କରିଥିଲେ । ହଲ୍‌ରେ ସିନେମା ଦେଖିଲେ । ଧରାପଡ଼ିଯିବା ଭୟରେ ଆତଙ୍କିତ ଥିଲା ରଜନୀ ଦାଶ । ସିନେମାର ଗୋଟିଏ ବି ଦୃଶ୍ୟକୁ ଏନ୍‌ଜୟ କରିପାରିଲାନି । ମାଳତୀ ଚୁପିଚୁପି ହସୁଥିଲା ।

ସିନେମା ସରିବା ପରେ ପାଖ ଷ୍ଟୁଡିଓକୁ ମାଳତୀର ସାଙ୍ଗ ଟାଣି ନେଲା । ଗୋଟିଏ ଚୌକିରେ ପାଖକୁ ପାଖ ବସିଲେ । ଛାତି ଉପରକୁ ଝୁଙ୍କିଲା ଅବସ୍ଥାରେ ମାଳତୀ ।

ରଜନୀ ଦାଶର ଦେହରୁ ଗମ୍‌ଗମ୍ ଝାଳ ବହିଗଲା । ଇଡିଅଟ୍ କ୍ୟାମେରାମ୍ୟାନ୍ ପୋଜିସନ୍ ବଦଳାଇବାରେ ଲାଗିଥିଲା । ଶଃ.. ଏକନମ୍ବର ନୁଙ୍ଗୁଡ଼ା । ଷ୍ଟୁଡିଓ ବାଲା ପଚାରିଲା "ସାର୍ ଇଏ ଝିଅଟି କିଏ ?"

ନବମ ଶ୍ରେଣୀର ଝିଅ" ସଂକ୍ଷିପ୍ତ ଉତ୍ତର ଦେଲା ରଜନୀ ଦାଶ ।

ନିର୍ଦ୍ଦିଷ୍ଟ ଦିନ କିନ୍ତୁ ଫଟୋର ପଜିଟିଭ୍ କପି ନେବାକୁ ଆଉ ଆସିନଥିଲା ରଜନୀ ଦାଶ । ଅନାଗତ ବିପଦ, ଧରାପଡ଼ିଯିବାର ଭୟରେ ଜଡ଼ସଡ଼ ରହିଲା ଅନେକ ଦିନ । ମାଳତୀ ଫଟୋ କଥା ପଚାରିଲେ ଏଡ଼ାଇ ଯାଉଥିଲା ରଜନୀ ଦାଶ ।

ଆଜି ୪୦ ବର୍ଷ ପରେ ବି ଷ୍ଟୁଡିଓ ମାଲିକ ଚିହ୍ନି ପାରିଲା । ପଚାରିଲା "ସାର୍ ଏବେ ସେ ନବମ ଶ୍ରେଣୀ ଝିଅ କେମିତି ଅଛି ।"

"ମୋ ପାଖରେ କିଛି ଖବର ନାହିଁ" ଗମ୍ଭୀର ହୋଇ କହିଲା ରଜନୀ ଦାଶ ।

ଚାନ୍ଦ ଆଉ ତା' ଫଟୋର ପ୍ରିଣ୍ଟ କରିବା ପୂର୍ବରୁ ଅନ୍ୟମନସ୍କ ଭାବରେ କହିଲା "ବ୍ଲାକ୍ ଆଣ୍ଡ ହ୍ୱାଇଟ୍‌ରେ ପ୍ରିଣ୍ଟ୍ କାଢ଼ିବ ।"

"ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ପ୍ରିଣ୍ଟ" ? ଆଶ୍ଚର୍ଯ୍ୟରେ ରଜନୀ ଦାଶର ମୁହଁକୁ ଚାହିଁଲା ଷ୍ଟୁଡିଓ ମାଲିକ ।

## କବିତା.... ଆମ ସମୟର



### ॥ ଅକ୍ଷର ॥
**ଅକ୍ଷୟ ପାତ୍ର**

ଅକ୍ଷର:
ଏକ ଏକ ଅନାହତ ଉଚ୍ଚାରେ
ବର୍ଣ୍ଣମାଳାର;
ଏକ ଏକ ନିୟାମକ ଉପଚାର
ଶବ୍ଦଗଢ଼ଣର ॥

ଅକ୍ଷର:
କ୍ଷରଣଶୀଳ ଜଗତରେ
ଅମଳିନ ବୈଭାର
ବାକ୍ ନିରାଜନାର;
ଭାବଅନୁସାରୀ ଶବ୍ଦଟିଏ ପାଇଁ
ଲୋଡ଼ା ପଡୁଥିବା ମାୟିକ ଆଭା
ଚିଦାକାଶେ ଭାସ୍ୱର
କୁନି ତାରକା ମୁଞ୍ଜର ॥

ଅକ୍ଷର:
କ୍ଷଣକ ପାଇଁବି ହେଉ
କ୍ଷରଣକୁ ବିଳମ୍ବିତ କରିପାରୁଥିବା
ବାଙ୍ମୟୀଙ୍କ ବୀଣାରେ ଗ୍ରଥିତ
ଗୋଟି ଗୋଟି ସୁରଭରା ତାର;
କାଳର କପୋଳେ ଚିହ୍ନିତ ଚନ୍ଦନ ଟିପା
ମହମହ ସ୍ୱାକ୍ଷର କାଳାତୀତତାର ॥

ଅକ୍ଷର:
କୁନି ପିଲାଟିଏର
ଅଙ୍କାବଙ୍କା ହସ୍ତାକ୍ଷରେ ପ୍ରତୀକିତ ସଙ୍କେତ
ଆଉରି ଆସ୍ଫୁଟ ଅଥଚ ନିରତ ଅଭିବ୍ୟକ୍ତ
ଯାଦୁକାରୀ ଭାଷାର;
ମୋତିପରା ଜ୍ୟୋତିଭରା ଉପଳ
ସାରସ୍ୱତ ଉପକୂଳେ ଶବ୍ଦବ୍ରହ୍ମଙ୍କର ।

ଅଧ୍ୟାପକ : ଇଂରାଜୀ ବିଭାଗ
ହିନ୍ଦୋଳ ମହାବିଦ୍ୟାଳୟ
ଖଜୁରିଆକଟା, ଢେଙ୍କାନାଳ-୨୦
(ମୋ) ୮୮୯୫୮୮୪୯୬୦

### ॥ ଏ ସହରର ଡର ॥
**ସୁଶୀଳ କୁମାର ପାଣିଗ୍ରାହୀ**



କଳା କିଟ୍‌କିଟ୍ ଅନ୍ଧକାରକୁ
ପାର୍ କରିଯାଏ ଏ ସହର

ମହାବାତ୍ୟାର ଆଖି ସହ
ଆଖି ମିଳାଇ ଦେଖେ
ବାହୁବଳିର ବାହୁକୁ
କରେ ନାହିଁ ଖାତିର
ଏଠି ରାସ୍ତାରେ
କଣ୍ଟାକୁ ପାଦର ନୁହେଁ
ପାଦକୁ କଣ୍ଟାର ଡର ।

ଏ ସହର
ନିଦାଘର ନିଆଁଝୁଲକୁ
ଖସାଇ ଦିଏ ସହଜରେ
କୃଷ୍ଣଚୂଡ଼ାର ପାଖୁଡ଼ାରେ
ବର୍ଷା ନାଚି ନାଚି
ଖସିପଡ଼େ ନାଳରେ
କଂକ୍ରିଟ୍ ଜୀବନରେ ହାଡ଼
କୋଉଠି ପାଇବ ଯେ
ଥରାଇବ ଜାଡ଼ ?

ଏ ସହର କିଂତୁ
ଡରିଯାଏ
ଯେବେ ଡରିଯାଏ ହସ ।

+ ଧୁଚୁରାପଡ଼ା, ଅଙ୍ଗନୱାଡ଼ି-୨ର ସାମ୍ନା
ସମ୍ବଲପୁର-୧
ମୋ: ୮୮୪୪୨୨୮୨୦୨

### ॥ ଦର୍ପଣ-୩ ॥
**ଇପ୍‌ସିତା ଷଡ଼ଙ୍ଗୀ**



ଆମେ କ'ଣ ଈଶ୍ୱର, ଈଶ୍ୱରୀ !
ନାଁ ରେ-
ସଂପର୍କର ସବୁ ଅସଫଳତାକୁ ପିଠି ଦେଖେଇ
ଆମେ କେଜାଣି କାହିଁକି
ଗୋଟେ ଆଖ୍ୟାନ ସହ ଯୋଡ଼ିପକାଉ ନିଜକୁ !

ଦୁଃଖ କ'ଣ କେବେ
ତରଳି ତରଳି ନଈ ପାଲଟେ
ମିଶିବାକୁ ଯାଇ କୋଉ ଶାନ୍ତିର ସମୁଦ୍ରରେ
ସେ ଆଖ୍ୟାନର ଉତ୍ତପ୍ତ ଲାଭାର ଧାସରେ !
ନା
ଚେତନାର ସେ ହଳଦୀରଂଗର
କଅଁଳ ସ୍ପର୍ଶରେ
କୁହୁଡ଼ି ପରି ଖରାରେ ତରଳି ତରଳି
ଫେଡିହୋଇ ପହଂଚିବ କେବେ ଶୂନରେ ?

ମତେ ଖୋଜିବ ତ
ଖୋଜ । ଖୋଜ ଗମ୍ଭୀରାରେ
ସେଠି ଈଶ୍ୱର ବିରାଜୁଥିବେ
ପାଇବ ମତେ,
ତାଙ୍କୁ ବେଢ଼ିଥିବା ଅନ୍ଧାରରେ
ସେ ଗମ୍ଭୀର ନିରବତାରେ ॥

ତୁମ ମୋ ସଂପର୍କର ଜ୍ୱଳନ୍ତ ଲାଲ୍ ନିଆଁକୁ
ମୁଁ ଆବୋରି ନେବି ଅସ୍ତିତ୍ୱହୀନ
ମୋ ଆବେଗରେ

ଫେରିବ ତୁମେ
ଫେରିବି ମୁଁ ବି, ଗମ୍ଭୀରାରୁ
ସଂପର୍କ- ପାଉଁଶର ନଦୀଟିଏ ହୋଇ
ମିଶିଯିବା ଧୂପଦୀପ, ନୈବେଦ୍ୟର
ଧୂଆଁ ମିଶା ସମୁଦ୍ରରେ

ମିଳିବି ମୁଁ ତୁମକୁ
ମିଳିଯିବ ବି ତୁମେ ମତେ
ମନ୍ଦିର ଚୂଡ଼ାକୁ ଟିକେ ଟିକେ ସ୍ପର୍ଶ କରୁଥିବା
ସକାଳ ସୂର୍ଯ୍ୟର
ଲାଜଲାଜ ରକ୍ତିମ ଆଭାରେ ॥
(ଏକ ଦୀର୍ଘ କବିତାର କିୟଦଂଶ)

+ ଅଧ୍ୟାପିକା, ଇଂରାଜୀ ବିଭାଗ
ଗୁହାଳପଡ଼ା, ନିମାପଡ଼ା, ପୁରୀ
ପିନ୍-୭୫୨୧୦୬
ମୋ: ୯୮୬୧୩୩୩୯୪୪

### ॥ ଏସନ ଶୀତରେ ॥
**ଲିପ୍‌ସା ପଟେଲ**



ଶୀତର କନକନିଆ
ଫୁଲପକା କୋଳେ
ଭିଜେ ତନୁ, ମନ
ମୁକ୍ତା ପ୍ରମାଣେ ଶିଶିର ଜଳେ ।

ଏସନ ଶୀତରେ
ଗାଁ ଦାଣ୍ଡ ନାହିଁ ଚଳଚଞ୍ଚଳ,
କରୋନା ଭୟରେ
ମୁଖା ବନ୍ଧା ମୁହଁ, ଆଖି ଜଳଜଳ ।

'ଭୂ'ଠାରୁ 'ଭୂମା' ସବୁ ଶୀତଳ
ଆଶ୍ରା ତ ଏଇ ନିଆଁ କେବଳ
ଆସିଥିଲେ ରାଜନେତା
ନେଇ ନିଜ ଦଳବଳ,
ବାଣ୍ଟିଲେ ମିଠେଇ, କମ୍ବଳ
କହିକହି ନୂଆ ବରଷର ଫଳ ।

କରୋନା ଟୀକା ଘୋଷଣା କଲେ
ସରକାରୀ କଳ,
ବଞ୍ଚିବା ମୋହରେ
ବାହାରିଲେ ଲୋକ ଦଳଦଳ
ବାକି ରହିଲା...
ଟୀକାକରଣ ହେବ କେତେ ସଫଳ !

ଏସନ ଶୀତର ସ୍ମୃତି ମାଳ ମାଳମାଳ,
ମନୁ ଲିଭିବନି ଜମା ରହିବ ସଜଳ ।
+ ଭବାନୀ ପାଟଣା, କଳାହାଣ୍ଡି

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୭ ଜାନୁଆରୀ, ୨୦୨୧

## ମନେପଡେ....(୫୧)

# ବାପାଙ୍କ ତାସ୍ ଖେଳର ନିଶା



ସୁଗାଳ୍ପିକ ଓ ସ୍ତମ୍ଭକାର
**ଉଦୟ ନାରାୟଣ ଦାସ**

ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଦୀର୍ଘଦିନର ନୀରବତା ପରେ ତାଙ୍କର ଆଉ ଏକ ନୂଆ ସ୍ତମ୍ଭ 'ମନେପଡେ' । ଏହା ପୂର୍ବରୁ ତାଙ୍କର ଗାଁ, ସହର, ଡାଏରୀ ଓ ଦୃଷ୍ଟି ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ 'ମନେପଡେ'ରେ ଆପଣ ଭେଟିବେ ଲେଖକଙ୍କ ସ୍ମୃତିକୁ ଗୋଟେ ନିଆରା ଢଙ୍ଗରେ ।

ଚୂନଭାଟୀ କଲୋନୀ, ଗୋପାଳଗାଁ, ଜି- ବାଲେଶ୍ୱର, ଓଡ଼ିଶା-୭୫୬୦୦୧, (ମୋ) ୯୩୩୮୩୨୨୧୯୯

ବାପାଙ୍କ ବହି ପଢା ନିଶା ପରେ ଆଉ ଗୋଟେ ନିଶା ଥିଲା ଅବସର ସମୟରେ ତାସ୍ ଖେଳିବା । ପିଲାଦିନେ ମୁଁ ଦେଖିଛି ବାପା ତାସ୍ ଖେଳ ପାଇଁ ପାଗଳ ହେଇଯାଉଥିଲେ । କେହି ନଥିଲେ ମୋତେ ବୋଉକୁ ଓ କେଉଁ ଜଣେ ସାହି ପିଲାକୁ ଧରିଆଣି ତାସ୍ ଖେଳିବାକୁ ବସି ଯାଉଥିଲେ । ମାଗଣ ଖେଳିବାରେ ବାପା ଥିଲେ ଓସ୍ତାଦ୍ । ବେଳେ ବେଳେ ବାପାଙ୍କ ବାଧ ବାଧକତାରୁ ପାଠପଢା ଛାଡ଼ି ମୋତେ ବାପାଙ୍କ ସହ ଖେଳିବାକୁ ପଡୁଥିଲା । ମୁଁ କେତେବେଳେ ନାଁ କଲେ ସେ କହୁଥିଲେ, 'ଆରେ ପାଠ ତ ସବୁବେଳେ ପଢୁଛୁ, ମୁଣ୍ଡକୁ ତ ପୁଣି ଟିକେ ରେଷ୍ଟ ଦରକାର ।' ମୁଁ ବାପାଙ୍କ କଥାକୁ କାଟି ନପାରି ମୁଁ ତାଙ୍କ ସହ ଖେଳରେ ସାଥ୍ ଦେଉଥିଲି ।

ବୋଉ ବି ତାସ୍ ଖେଳ କଣ ଜାଣି ନଥିଲା । ବାପା ଲାଗି ଲାଗି ବୋଉକୁ ତାସର ମାଗଣ ଖେଳ ଶିଖାଇ ଦେଇଥିଲେ । ଗୋଟେ ନିଶା ପରି ଏହା ମୋତେ ଘାରି ଯାଇଥିଲା । ପ୍ରତି ରାତିରେ ପାଠ ପଢା ସାରିଲା ମାତ୍ରେ ବାପା ତାସ୍ ପାଲି ଆରମ୍ଭ କରି ଦେଉଥିଲେ । ପୁଣି ବାପାଙ୍କ ପଟ ମୁଁ ହେଉଥିଲି । ବାପା ୫୨ ଖଣ୍ଡ ତାସର ହିସାବ ରଖି ପାରୁଥିଲେ । କେଉଁ ଘର କେତେ ତାସ୍ ଖେଳ ହେଲାଣି ଓ କି କି ତାସ୍ ଖେଳରେ ପଡି ସାରିଲାଣି ସେ ସବୁ ହିସାବ ପ୍ରତି ବାଜି ଖେଳରେ ବାପା ମନେ ରଖିପାରୁଥିଲେ । କେଉଁ ପାଳିରେ ପ୍ରଥମେ ରଂଗ ଖେଳ ହେବ ବା ଅନ୍ୟ କେଉଁ ଘର ଖେଳ ହେବ ତା ବାପା ଠିକ୍ କରି କହି ଦେଉଥିଲେ । ସତକଥା ହେଲା ମୁଁ ସିନା ତାସ୍ ବାପାଙ୍କ ବାଧ୍ୟରୁ ଖେଳୁଥିଲି, କିନ୍ତୁ ଖେଳ ପ୍ରତି ମୋର ସେତେ ଆଗ୍ରହ ନ ଥିବାରୁ ମୁଁ କେଉଁ ଦିନ ବି ଠିକ୍ ଭାବେ ଖେଳି ପାରୁନଥିଲି । ହିସାବରେ ତାସ୍ ପକାଇ ପାରୁ ନଥିବାରୁ ବାପା ସବୁବେଳେ ମୋ ଉପରେ ରାଗୁଥିଲେ, ଗାଳି ଦେଉଥିଲେ ।

ଦିନେ ଖେଳରେ ଆମେ ଅପର ପକ୍ଷକୁ ହରେଇ ଦେବାର ଥିଲା । ଖେଳଟା ଖୁବ୍ ଜିଦାଜିଦି ହେଇ ଯାଇଥିଲା । ବାପା ମୋତେ ବାରମ୍ବାର ତାଗିଦ୍ କରି କହୁଥିଲେ, 'ଠିକ୍ ଜଗିକି ଓ ହିସାବ କରିକି ଖେଳିବୁ ।' ସତ କଥା ହେଲା ବାପା ଖେଳ ସମୟରେ ଭାରି ସିରିଅସ୍ ହେଇଯାଉଥିଲେ । ମୁଁ କିନ୍ତୁ ଖେଳକୁ ବହୁତ ହାଲୁକା ଭାବେ ନେଉଥିଲି । ଖେଳ ଚାଲିଲା ସେ ବାଜି । କିନ୍ତୁ ମୁଁ ଖେଳ ପକାଇବାରେ ସାମାନ୍ୟ ଭୂଲ କରିଦେଲି, ଯାହା ଫଳରେ ପ୍ରତିପକ୍ଷଙ୍କୁ ଆମେ ଖେଳରେ ହରାଇ ଦେଇ ପାରିଲୁ ନାହିଁ । ସେଥିପାଇଁ ବାପା ଖୁବ୍ ଯୋର ମୋ ଉପରେ କ୍ରୋଧାନ୍ୱିତ ହୋଇ ପାଖରେ ଥିବା ପାଣି ଗିଲାସଟା ମୋ ଉପରକୁ ଛାଟି ଦେଇଥିଲେ । ଭାଗ୍ୟକୁ ତା ଆଖିରେ ନ ବାଜି କପାଳରେ ବାଜିଲା ଓ କପାଳଟା ଫାଟି ଯାଇ ଝର ଝର ରକ୍ତ ବହିଲା । ମୁଁ କିଛି କ୍ଷଣ ପରେ ଅଚେତ୍ ହେଇ ଯାଇଥିଲି । ବୋଉ ଭୋ ଭୋ କାନ୍ଦୁଥିଲା ମୋତେ କୋଳରେ ଧରି । ବାପାଙ୍କ ମୁଣ୍ଡରୁ ଖେଳର ନିଶା ଓହ୍ଲାଇ ଯିବାପରେ ସେ ସ୍ଥିର ହେଇ ଯାଇଥିଲେ । ଜେଜେ ବାପାଙ୍କୁ ଗାଳିଗୁଲଜ କରି କେଉଁ କବିରାଜଙ୍କୁ ଡ଼ାକି ଆଣିଥିଲେ । କବିରାଜ କ୍ଷତ ଜାଗାରେ ମଲମ ଲଗାଇବା ସହ ହଳଦୀ ମିଶା କ୍ଷୀର ସହ ଆଉ କଣ ଜଡିବୁଡି ପିଇବାକୁ ଦେଇଥିଲା । ପ୍ରକୃତରେ ଆଉ ଟିକେ ଯୋର ବାଜିଥିଲେ ମୋର ବ୍ରେନ୍ ଉପରେ ପ୍ରଭାବ ପକାଇଥାନ୍ତା । ସେଇ ଦାଗ ମୋ କପାଳରେ ଏ ପର୍ଯ୍ୟନ୍ତ ଅଛି । ସେ ଦାଗକୁ ଆଇନାରେ ଦେଖିଲେ ବାପାଙ୍କ ତାସ୍ ଖେଳର ନିଶା କଥା ମନେପଡିଯାଏ । ସେଇ ଘଟଣା ପାରଠୁଁ ଅବଶ୍ୟ ଆମଘରେ ବାପା ଆଉ ତାସ୍ ଖେଳିବାକୁ ଋହିଁ ନଥିଲେ । କିନ୍ତୁ ବାପାଙ୍କ ସେଇ ତାସ୍ ମୁଁ ମୋ ଗାଁ ବହି ଥାକରେ ସାଇତି ରଖିଛି । ଗାଁ କୁ ଗଲେ ବାପାଙ୍କ ତାସ୍ ଦେଖିଲେ ମୋ ଆଖିରୁ ଝରଝର ହେଇ ଲୁହ ବହିଆସେ । ଏବେ ବାପା, ବୋଉ ଜେଜେ କେହି ନାହାନ୍ତି ଗାଁରେ । ତାସ୍ ଘର ପରି ସମସ୍ତେ ଟଳିପଡିଛନ୍ତି କାଳ ବକ୍ଷରେ । କିନ୍ତୁ ଆଜି ବି ମୋର ବାପାଙ୍କର ସେଇ ତାସ୍ ଖେଳ, ମୋତେ ଗାଳି ଦେବା ଓ ଗିଲାସ୍ ଫୋପାଡ଼ିବା କଥା ମନେ ପଡିଲେ ମୁଁ ଗାଁ କୁ ଯାଇ ବାପାଙ୍କ ତାସ୍ ଓଲଟାଇ ମନଭରି କାନ୍ଦିଥାଏ । (ଆରଥରକୁ)

ଧାରାବାହିକ ଉପନ୍ୟାସ

# ନାତି



ଭାଗ-୧୪

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨



ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ ।- ଲେଖକ

ଏମାନଙ୍କ ସହିତ ଦୀର୍ଘ ତିନିବର୍ଷର ପରିଚୟ ଓ ସଂପର୍କ । ସେହି ପୁରୁଣାଘର ଛାଡ଼ିବାଠାରୁ ଏବଂ ଶୁଭଦାର ବାହାଘରଠାରୁ । ଏକ ମୁଗ୍ଧ ମାନସିକତାରେ ଉଭୟଙ୍କୁ ଦେଖନ୍ତି ଦୀନନାଥ । ଖୁବ୍ ଆନ୍ତରିକ ଏବଂ ଅନ୍ତରଂଗ ମନେ ହୁଅନ୍ତି ଏମାନେ । ଅନୁରୂପ ମାନସିକତାରେ ଲାଗନ୍ତି ଆପଣାର ପରି । ଲାଗେ ଯେମିତି ସାନ ଭଉଣୀଟିଏ ଲତିକା । ଦୀନନାଥଙ୍କର ଭଉଣୀ ନାହିଁ କି ନଥିଲା, ସେମାନଙ୍କ ନବନିର୍ମିତ କୋଠାଘରେ ଭଡ଼ାସୂତ୍ରରେ ତିନିବର୍ଷ ଅତିବାହିତ କରିଥିଲେ ବି, ଦୀନନାଥ ଦିନୁଟିଏ ବି ଅନୁଭବ କରି ନାହାନ୍ତି ସେ ଭଡ଼ାରେ ଅଛନ୍ତି ବୋଲି । ପରସ୍ପର ସହିତ ସୁଖ ଦୁଃଖ ବାଣ୍ଟି ଗୋଟିଏ ପରିବାର ଭଳି ଚଳି ଆସିଛନ୍ତି ସେମାନେ । ଏବେ ତାଙ୍କ ଘରକୁ ଲାଗି ଦୀନନାଥ ନିଜସ୍ୱ ଏକ ହର୍ମ୍ୟ ସଦୃଶ ଘର ବନେଇଛନ୍ତି । ରହୁଛନ୍ତି ଏବେ ସେହି ନୂଆ ଘରେ ମାସେ ହେଲା । ହେଲେ ସମ୍ପର୍କ ଅତୁଟ ଅଛି ସେମିତି । ସେଥିରେ ମଇଳା ଜମିନାହିଁ । ସଚରାଚରେ ଏଇଆ ଦେଖଯାଏ ଯେ, ସମ୍ପର୍କ ତିଆରି କରିବା ଯେତେ ସହଜ, ତାକୁ ଲାଳନ ପାଳନ କରି ଦୀର୍ଘସ୍ଥାୟୀ କରିବା ଅତ୍ୟନ୍ତ କଠିନ ।

ଦୀନନାଥ ତେଣୁ ଫୋନ୍ ଲଗେଇଲେ ଲତିକା ପାଖକୁ । ଅଜା ହେବା ସଂବାଦଟି ସେମାନଙ୍କର ଜାଣିବା ଉଚିତ । ଫୋନ୍ ଲାଗିଲା ଏବଂ ତା' ତରଫରୁ ସେ ସଫେଇ ଦେଲା -

"ସାର୍ ! ଆପଣଙ୍କୁ ଜଣେଇ ନାହୁଁ । ଘରେ ଚାବି ଦେଇ ଗତକାଲି ସକାଳେ ଆମେ ଦୁଇଜଣ ଭୁବନେଶ୍ୱର ଆସିଥିଲୁ । କାମ ସରିଲେ ଆଜି ସନ୍ଧ୍ୟାରେ ଫେରିବୁ ।"

କାଲିଠାରୁ ଏମାନେ ନାହାନ୍ତି । ନଚେତ୍ ଶୁଭଦାର ନର୍ସିଂହୋମ ଆସିବା କିମ୍ବା ଆଡ୍‌ମିସନ୍ ହେବା କଥା ନିଶ୍ଚିତ ଜାଣିଥାନ୍ତେ ! ଏ ସମ୍ପର୍କରେ କୌଣସି ସୂଚନା ଏମାନେ ଜାଣି ନାହାନ୍ତି । ତେଣୁ ତାଙ୍କୁ ଭ୍ରମିତ କଲାଭଳି କହିଲେ -

"ମୋର ଆଉ ଗୋଟେ ପ୍ରମୋସନ୍ ହୋଇଗଲା !" - ବିହ୍ୱଳିତ କଣ୍ଠରେ କହିଲେ ଦୀନନାଥ । କିନ୍ତୁ ହଠାତ୍ ବୁଝି ପାରିଲେ ନାହିଁ ଲତିକା ଏହି ଶ୍ଳେଷାତ୍ମକ ବାକ୍ୟର ଅର୍ଥ । ଖୁବ୍ ଅବୁଝା ଭାବେ ଅନ୍ଧାରରେ ଧନ୍ଦି ହେଉ ହେଉ ନିସ୍ତେଜ କଣ୍ଠରେ କହିଲେ -

"ଆଗରୁ ତ ଗୋଟେ ପ୍ରମୋସନ୍ ପାଇଥିଲେ । ଏବେ ଆଉ ଗୋଟେ ମିଳିଲାନା ! ଅର୍ଡର ବାହାରି ଯାଇଛି ? ଯାହା ହେଉ ଭଲ ହେଲା ।"

ଶ୍ଳେଷାତ୍ମକ ବାକ୍ୟ ସର୍ବଦା ଅବୁଝା ନ ରହିଲେ ବି ଶ୍ରୋତାର ମାନସିକତା ଏବଂ ପ୍ରସଂଗ ଉପଯୋଗିତା ନଥିଲେ ସହଜରେ ଧରି ହୁଏ ନାହିଁ କିମ୍ବା ବୁଝାପଡ଼େ ନାହିଁ । ବୋଧହୁଏ ଭିନ୍ନ ଏକ ବ୍ୟସ୍ତତା ଏବଂ ଅଲଗା କିଛି ମାନସିକତାରେ ଥିବା କାରଣରୁ ଦୀନନାଥଙ୍କ ବାକ୍ୟଟିକୁ ବୁଝି ପାରିଲା ନାହିଁ ଲତିକା କିମ୍ବା ତିନି ମାସ ପୂର୍ବରୁ ନିଜ ବକ୍ତବ୍ୟକୁ ସ୍ମରଣ କରିପାରିଲା ନାହିଁ । ସେହିହେତୁ ଦୀନନାଥ ବୁଝେଇବାକୁ ଚେଷ୍ଟା କଲେ ଲତିକାକୁ -

"ନାଇଁ, ମୁଁ ଚାକିରି ପ୍ରମୋସନ କଥା କହୁନାହିଁ । ଏବେ ମୁଁ ଅଜାକୁ ପ୍ରମୋସନ୍ ପାଇଗଲି ।"

"ସତେ !" - ଖୁସିରେ ଫାଟି ପଡୁଥିଲେ ଲତିକା ସେହି ଫୋନ୍ ମାଧ୍ୟମରେ । ରୋଧି ପାରୁ ନଥିଲା ନିଜ ଆବେଗକୁ । କହିଲା -

"କେତେବେଳେ ?"

"ଏଇ ଆଠଟା ପଇଁଚାଳିଶ ମିନିଟ୍‌ରେ । ଅନୁରୂପ ପୁଲକ ଟିକକ ସଂଚରି ଆସୁଥିଲା ଦୀନନାଥଙ୍କ ପାଖକୁ ।"

"ମୁଁ କାଲି ସଂଧ୍ୟାରେ ଫେରିବି । ଗାଡ଼ିରୁ ଓହ୍ଲେଇ ସିଧା ଯିବି ଶୁଭଦା ପାଖକୁ । ନାତି ପାଖକୁ । ମୋ ତରଫରୁ କାଲି ସକାଳେ ମିଠା ବାଣ୍ଟିବି ସାଇରେ । ଆପଣଙ୍କୁ ସେ ସୁଯୋଗ ଦେବିନାହିଁ ।"

କିନ୍ତୁ ସେ ସୁଯୋଗ କେହି ପାଇଲେ ନାହିଁ । ନା ଲତିକା ନା ଦୀନନାଥ ନା କଳ୍ପଲତା ! ଏତେବଡ଼ ଖୁସି ମୁହୂର୍ତ୍ତକେ ଦୁଃଖ ଆଉ ବିଷଣ୍ଣତାରେ ପୂର୍ଣ୍ଣ ହୋଇଥିଲା ପରବର୍ତ୍ତୀ ଫୋନ୍ ଯୋଗାଯୋଗରେ । 'ନାତି ଏବେ ଏସ୍.ଏନ୍.ସି.ୟୁ.ରେ ।'

ଦୀନାନାଥ ବାବୁ ତାଙ୍କର ପରବର୍ତ୍ତୀ ଫୋନ୍ ଲଗେଇଥିଲେ ସମୁଦିଙ୍କ ପାଖକୁ । ଯଦିଓ ଭବେଶ ତା'ର ପ୍ରଥମ ଫୋନ୍ ତା' ବାପାଙ୍କୁ ହିଁ କରିଥିଲେ । ତଥାପି ଦୀନନାଥ ସମୁଦିଙ୍କୁ ଫୋନ୍ ଲଗେଇଲେ । ସେତେବେଳେ ପାଣିକୋଇଲି ପାଖାପାଖି ହୋଇଥିଲେ ସମୁଦି ଦେବାନନ୍ଦ ବାବୁ ।

"ସମୁଦି ! ଆପଣଙ୍କୁ ଦ୍ୱିତୀୟ ନାତି ଲାଭ ପାଇଁ ଶୁଭେଚ୍ଛା ।" - କହିଲେ ଦୀନନାଥ ।

"ପ୍ରଥମଟି ପାଇଁ ଆପଣଙ୍କୁ ଅନେକ ଅନେକ ଶୁଭେଚ୍ଛା । ଭବେଶ ଫୋନ୍ କରିଥିଲା । ଆପଣଙ୍କ ଫୋନ୍‌ଟି ପ୍ରଥମ ପାଇବାକୁ ଅପେକ୍ଷା ରଖିଥିଲି । ଯାହାହେଉ ପୁଅଟିଏ ହେଲା, ଭଲହେଲା । ଝିଅଟିଏ ହୋଇଥିଲେ ଯେ କିଛି ମନ୍ଦ ହୋଇଥାନ୍ତା, ତାହା ନୁହେଁ । ମୁଁ ଏବେ ଭୁବନେଶ୍ୱରରୁ ଫେରୁଛି । ଦିନ ଦଶଟା ସୁଦ୍ଧା ଭଦ୍ରକ ଏବଂ ବାରଟା ପରେ ପରେ ଆପଣଙ୍କ ପାଖରେ ନିଶ୍ଚିତ ପହଞ୍ଚିବି । ଗାଡ଼ିଟିକୁ ଦୀନେଶ ପାଖରେ ରଖି ଆସିଲି । ଦୀନେଶ, ପ୍ରମଦା ଆଉ ବଡ଼ ନାତି କାଲି ଶୁଭଦା ପାଖରେ ପହଞ୍ଚିବେ ।"

କିନ୍ତୁ ତାହା ହେଲାନାହିଁ, କିଛି ବ୍ୟତିକ୍ରମ ହେଲା । ଆଜି ସକାଳେ ନିୟତି ବୋଧହୁଏ ଅଲଗା କିଛି ବ୍ୟବସ୍ଥା ରଖିଥିଲା, ଦୀନନାଥଙ୍କ ସହିତ ସେମାନେ ଏକତ୍ର ଫେରିବେ ବୋଲି ।

ଏକକାଳୀନ ଏତେ ଜଣଙ୍କୁ ଫୋନ୍‌ରେ ଜଣେଇ ସାରିଲା ବେଳକୁ ଦଶ ମିନିଟ୍ ଅତିବାହିତ ହୋଇ ସାରିଥିଲା । ଓ.ଟି. ସାମ୍ନାରେ ଦେଖିଲେ ସତ୍ୟବାଦୀ ବାବୁ ଛିଡ଼ା ହୋଇ ତାଙ୍କୁ ହାତଠାରି ଡାକୁଛନ୍ତି ପାଖକୁ । ସେ ବଢେଇ ଜଣେଇବାକୁ ଯିବା ପୂର୍ବରୁ -

"ଶୁଣନ୍ତୁ ଦୀନନାଥ ବାବୁ ! ପିଲାର କଣ୍ଡିସନ୍ ଭଲନାହିଁ । ଗୋଟେ ଆମ୍ବୁଲାନ୍ସ୍ ଡାକି ତାକୁ ମେଡ଼ିକାଲ୍ ଏସ୍.ଏନ୍.ସି.ୟୁ.କୁ ପଠେଇବା ବ୍ୟବସ୍ଥା କରନ୍ତୁ ।"

ହଠାତ୍ ଆକାଶଟା ଯେମିତି ଛିଡ଼ି ପଡ଼ିଲା ଦୀନନାଥଙ୍କ ଉପରେ । ସେ ଏକ ପ୍ରକାର ଚିତ୍କାର କରି ଉଠିଲେ -

"କ'ଣ ହୋଇଛି ?"

"ବିଶେଷ କିଛି ଅସୁବିଧା ନାହିଁ । ତେବେ ନେଇଯିବାଟା ଭଲ ହେବ । ପଛରେ ଛିଡ଼ା ହୋଇଥିଲେ ଭବେଶ । କଥାଟା ଶୁଣି, କେମିତି ଥମ୍ ଥମ୍ ହୋଇଗଲା ସେ । ପରେ ପରେ ଓ.ଟି.ରୁ ବାହାରିଲେ ନୀଳମାଧବ ବାବୁ । ସେ ବି ସମାନ କଥା କହିଲେ ।"

ତାଙ୍କ ପଛରେ ନର୍ସଟି ନାତିକୁ ଟ୍ରେ'ରେ ଶୁଆଇ ନେଇଗଲା ଲେବର୍ ରୁମ୍‌କୁ ।

॥ ୯ ॥

ଅଜା ଦୀନନାଥ ଏସ୍.ଏନ୍.ସି.ୟୁ. ବାହାରେ ବସି ବସି ପ୍ରତୀକ୍ଷା କରୁଥିଲେ ସମୁଦି ଦେବାନନ୍ଦ ବାବୁଙ୍କୁ, ଆଉ ଆଖି ତାଙ୍କର ପହଁରି ଆସୁଥିଲା ଡାକ୍ତରଖାନା ପରିସରରେ ବ୍ୟସ୍ତ ବିବ୍ରତ ହୋଇ ଧାଁ ଦଉଡ଼ ଲଗେଇଥିବା ମଣିଷମାନଙ୍କୁ । ଘଣ୍ଟା ଘଣ୍ଟା ବିତିଯାଇଥିଲେ ବି ନିଜେ ଭୁଲିଥିଲେ ନିଜର ଦୈନନ୍ଦିନ ନିତ୍ୟକର୍ମକୁ । ନବଜାତ ଶିଶୁ ପାଖରେ ଈଶ୍ୱର ପ୍ରଦତ୍ତ ଏକ ଅଦୃଶ୍ୟ ଖୁଣ୍ଟରେ ବନ୍ଧା ହୋଇଥିଲେ ଉଭୟେ ଦୀନନାଥ ଆଉ ଭବେଶ ।

ବାସ୍ତବିକ୍ ବଡ଼ ବିଚିତ୍ର ଏ ଜୀବନ, ଜନ୍ମ ଆଉ ମୃତ୍ୟୁ । ମଣିଷ ନିଜକୁ ଯେତେ ବିଜ୍ଞ, ପଣ୍ଡିତ କିମ୍ବା ପ୍ରାଜ୍ଞ ବୋଲି ଭାବିଲେ ବି ଯଥାର୍ଥ ଅଜ୍ଞ ହେଉଛି ମଣିଷ । ମାୟା ବନ୍ଧନରେ ପଡ଼ି ଅହର୍ନିଶ ସନ୍ତୁଳି ହେଉଥାଏ ଏବଂ ସାମ୍ନାରେ ମୃତ୍ୟୁକୁ ଦେଖି ମଧ୍ୟ ତା'ର ମୃତ୍ୟୁ ହେବ ନାହିଁ ବୋଲି ବିଚାର କରେ ।

କାହିଁକି କେଜାଣି, ଏମିତି ଚିନ୍ତାଟେ ହଠାତ୍ ଦୀନନାଥଙ୍କୁ ଗ୍ରାସକଲା । କାହାକୁ ପଚାରିବେ ଏହାର ରହସ୍ୟ ?

ଅଦୂରରେ ମେଡ଼ିସିନ୍ ୱାର୍ଡ୍ ସାମ୍ନାରେ କାହାର କ୍ରନ୍ଦନ ଧ୍ୱନିରେ ଚମକି ପଡ଼ିଲେ ଦୀନନାଥ ଏବଂ ନିଜ ଭାବନାର ଅନ୍ତଃ ଘଟେଇ ଦେଖିଲେ କେହି ଜଣେ ମରିଗଲା । ମେଡ଼ିକାଲ୍‌ରେ ଏ ସବୁ ନିତିଦିନିଆ ଘଟଣା । ଅତି ସାଧାରଣ, ଯେମିତି ମାମୁଲି ! ଦୈନିକ କେହି ନା କେହି ମରିଥାନ୍ତି ଏଠି ! ପୃଥିବୀର ସବୁଧର୍ମର ଶାସ୍ତ୍ର ପୁରାଣ ଅନ୍ତତଃ ଗୋଟିଏ କଥାକୁ ସ୍ୱୀକାର କରେ - ତାହା ହେଉଛି ନର୍କ । ଦୀନନାଥଙ୍କର ସେହି ମୁହୂର୍ତ୍ତରେ ବୋଧ ହେଲା, ଡାକ୍ତରଖାନା ହିଁ ଯଥାର୍ଥ ନର୍କ । ୟା' ଠୁଁ ବଳି ନର୍କ ଆଉ କ'ଣ ବା ସଂସାରରେ ଥାଇପାରେ !

ସେ ଚେୟାର୍ ଛାଡ଼ି ଅନ୍ୟମନସ୍କ ଭାବେ ଉଠିଗଲେ ସେ ପର୍ଯ୍ୟନ୍ତ । ଦେଖିଲେ ସେଠି ଅଶ୍ୱିନୀ ବାବୁଙ୍କୁ, ତାଙ୍କର କେହି ଦୁଇ ତିନିଜଣ ସଂପର୍କୀୟ ଓ ତାଙ୍କ ସ୍ତ୍ରୀଙ୍କୁ । ପୁଅ ତାଙ୍କର କଟକ ମେଡ଼ିକାଲ୍ ସ୍ଥାନାନ୍ତର ହେବା ପୂର୍ବରୁ ହିଁ ଚାଲିଗଲା !

ସ୍ତ୍ରୀ ତାଙ୍କର ରାସ୍ତାରେ ପଡ଼ି କାନ୍ଦୁଛନ୍ତି । ବାୟାଣୀ ପରି ଭୂଇଁ ଅଣ୍ଡାଳୁଛନ୍ତି । ଢ଼ୋ ଢ଼ୋ ମୁଣ୍ଡ ପିଟି ଦେଉଛନ୍ତି କଂକ୍ରିଟ୍ ରାସ୍ତା ଉପରେ । କ'ଣ ହେଲା କେଜାଣି, ହଠାତ୍ ସେ ନିଶ୍ଚଳ ହୋଇଗଲେ । ବୋଧହୁଏ ସେ ମୂର୍ଚ୍ଛା ହୋଇଗଲେ କିମ୍ବା ଆଉ କିଛି ହୋଇଗଲା । ପ୍ରାଣରେ ସର୍ବୋତ୍ତମ ଆଘାତ ଲାଗିଲେ କେହି କେହି ମରିଯିବାର ନଜିର ଅଛି । ପୁଅର ମୃତ୍ୟୁରେ ଜନ୍ମଦାତ୍ରୀ ମା'କୁ ଯେତିକି ଆଘାତ ଲାଗେ, ସଂସାରରେ ଆଉ କାହାରିକୁ ସେମିତି ଲାଗେନା ।

ଦୁଇଜଣ ଲୋକ ତାକୁ ପାଣି ସିଞ୍ଚି ଚେତା ଫେରାଇବାକୁ ଚେଷ୍ଟା କରୁଥିଲେ । ଦୀନନାଥଙ୍କୁ ଦେଖି କୁଣ୍ଢେଇ କାନ୍ଦିବାକୁ ଆରମ୍ଭ କରିଦେଲେ ଅଶ୍ୱିନୀବାବୁ । "ମୋ ସଂସାର ନିର୍ବାପିତ ହୋଇଗଲା ଦୀନନାଥ ବାବୁ । ମୁଁ ଆଉ ବଂଚିବି କାହାପାଇଁ ? ମଲାବେଳେ ମୋ ମୁହଁରେ ପାଣି ଟିକେ ଦେବାକୁ କେହି ଆଉ ରହିଲେ ନାହିଁ !"

ତାଙ୍କର କରୁଣ କ୍ରନ୍ଦନ ଦୀନନାଥଙ୍କ ହୃଦୟ ମନ୍ଥନ କରିବା ପାଇଁ ଯଥେଷ୍ଟ ଥିଲା । ପୁତ୍ର ଶୋକରେ ବିଧୁରା ମାତାପିତାଙ୍କୁ ସାନ୍ତ୍ୱନା ଦେବାପାଇଁ ବୋଧହୁଏ ଏ ପର୍ଯ୍ୟନ୍ତ କୌଣସି ଭାଷାରେ ଯଥାଯୋଗ୍ୟ ଶବ୍ଦ ସୃଷ୍ଟି ହୋଇପାରି ନାହିଁ । ସ୍ୱତଃ ଦୀନନାଥଙ୍କ ଆଖି କୋଣରେ ଲୁହ ଜକେଇ ଆସିଲା । ସେତକ ଅଶ୍ୱିନୀ ବାବୁଙ୍କର ସାନ୍ତ୍ୱନା ପାଇଁ ଯଥେଷ୍ଟ ନଥିଲେ ବି ସମବେଦନାରେ ପୂର୍ଣ୍ଣ ଥିଲା ତାଙ୍କ ହୃଦୟ । ସେଇଠି ଛିଡ଼ା ହୋଇ ଏ ଦୁଃଖଦ ଦୃଶ୍ୟ ଦେଖିବା ଛଡ଼ା ଆଉ କିଛି କରିପାରୁ ନ ଥିଲେ ଦୀନନାଥ । ଶବ ଯିବାପାଇଁ ପୁରୁଣା ଆମ୍ବାସଡ଼ାର କାର୍‌ଟିଏ ଛିଡ଼ା ହେଲାଣି ନିକଟରେ । ଡାକ୍ତରଖାନା ବାରଣ୍ଡାକୁ ବାହାର କରି ଆଣିଥିବା ଶବଟିକୁ ଦୁଇଜଣ ଲୋକ ଟେକି ଆଣି ଗାଡ଼ି ଭିତରେ ପୂରେଇ ଦେଲେ । ଆଉ ସେଠି ଛିଡ଼ା ହୋଇ ପାରିଲେ ନାହିଁ ଦୀନନାଥ । 'ହେ ଭଗବାନ !' ମନେ ମନେ ଚିତ୍କାର କରି ଉଠିଲେ ସେ । ଯଦି ଦୁଃଖ ଦେଖିବାକୁ ଚାହୁଁ ଭଗବାନ, ଅନୁଭବ କରିବାକୁ ଚାହୁଁ ଏ ଜୀବନକୁ, ତେବେ ଚାଲି ଆ' ଏଇ ନରକପୁରୀକୁ । ଦେଖିବୁ ଏଠି କେତେ ଦୁଃଖ, କେତେ ଯନ୍ତ୍ରଣା, କେତେ ଲୁହ, କେତେ ନର୍କ, କେତେ ଜୀବାଣୁ ସାଲୁବାଲୁ । ଯମାଳୟଠାରୁ ବି ଅଧିକ ।

ଦୀନନାଥ ଆଉ ଦଣ୍ଡେ ସେଠି ରହି ନ ପାରି ଫେରି ଆସିଲେ ଆପଣା ଜାଗାକୁ । ସେଇ ଚେୟାର୍ ଉପରକୁ, ଯେଉଁଠି ବସି ବସି ତିନି ଘଣ୍ଟାକାଳ ବିତେଇ ସାରିଲେଣି, ସେହି ନର୍ଦ୍ଦମାକଡ଼ ଏସ୍.ଏନ୍.ସି.ୟୁ.ପାଖରେ । ମୁଣ୍ଡ ଭିତରେ ଆନ୍ଦୋଳିତ ହେଉଛି ଅପରିପକ୍ୱ ମୃତ କନ୍ୟା ସନ୍ତାନର ନିର୍ମାଲ୍ୟ, ଜୀର୍ଣ୍ଣ ଶୀର୍ଣ୍ଣ ନିସ୍ତେଜ ପିଲାଟାକୁ ତା' ମା' କ୍ଷୀର ଦେଉଥିବାର ଦୃଶ୍ୟ, ମିଛ ପ୍ରତିଶ୍ରୁତିରେ ଦିନ କାଟୁଥିବା ପେଜୁଆ ଆଖିର ମା', ବ୍ରେନ୍ ମେଲେରିଆରେ ପ୍ରାଣ ହରେଇଥିବା ବଂଧୁଙ୍କ ପୁତ୍ର, ଏସ୍.ଏନ୍.ସି.ୟୁ.ର ସ୍ତିମିତ ଆଲୋକ ଭିତରେ ଜୀବନ କିମ୍ବା ମୃତ୍ୟୁକୁ ଅପେକ୍ଷା କରିଥିବା ସଦ୍ୟଜାତ ଦେବଶିଶୁ ଗଣ । ତଥାପି ଭିନ୍ନ ଭିନ୍ନ ସ୍ୱପ୍ନ ନେଇ ମସ୍‌ଗୁଲଥିବା ମଣିଷର ଅଣନିଶ୍ୱାସୀ ଦଉଡ଼ ଭିତରେ ସେ ବି ଦେଖୁଥିଲେ ଜୀବନର ସ୍ପନ୍ଦନ ଓ ପୁଲକକୁ । ଏ ସବୁର ଏକ ଫେଣ୍ଟାଫେଣ୍ଟି ରୂପ ଏଇଆ ହେବ ଯେ, ଏ ଜୀବନ ଯେତିକି ସୁନ୍ଦର, ସେତିକି ଅସୁନ୍ଦର, ଯେତିକି ଅମୃତମୟ ସେତିକି ପୂତିଗନ୍ଧମୟ । ଜନ୍ମ ଏବଂ ମୃତ୍ୟୁ ପାଖରେ ମଣିଷ ସଂପୂର୍ଣ୍ଣ ଅସହାୟ । ନିଜ ଇଚ୍ଛାମତେ ଜୀବନ ଓ ମୃତ୍ୟୁକୁ ବାଟ କଢ଼େଇ ନେଇ ପାରିବ ନାହିଁ । ତଥାପି ବି ମଣିଷ ଧନ, ଜୀବନ ଓ ଯୌବନ ପାଖରେ ପୂର୍ଣ୍ଣ ସମର୍ପିତ ।

(କ୍ରମଶଃ)

ଅନୁବାଦ ଗଳ୍ପ

# ॥ ଅବ୍ୟକ୍ତ ବେଦନା ॥



ମୂଳ ହିନ୍ଦୀ- ରାଜକମଲ୍ ସାକସେନା
ଅନୁବାଦକ- ବିନୟ କୁମାର୍ ଦାସ



ମନକୁ ଯେତେ ବୁଝାଇଲେ ବି ମନ ଜମାରୁ ବୁଝୁନଥିଲା । ବୃଦ୍ଧଜଣକ ପୁଣି ଯାଇ ସେଇ ସ୍କୁଲରେ ପହଂଚିଗଲେ ।

"ବାବା , ପୁଣି ଆପଣ ଆସିଗଲେ ? କେତେଥର ମୁଁ ମନା କରିସାରିଲିଣି ଦିବ୍ୟାଂଶ ମିଶ୍ର ନାମରେ କୌଣସି ଛାତ୍ର ଏଠାରେ ପଢୁନାହାନ୍ତି । ଅଥଚ ଆପଣ ମୋ କଥାକୁ ଜମା ବିଶ୍ୱାସ କରୁନାହାନ୍ତି ।" ପ୍ରଧାନ ଶିକ୍ଷୟିତ୍ରୀ ବୁଝାଇବା ଢଂଗରେ କହି ତାଙ୍କୁ ସାମ୍ନା ଚୌକୀରେ ବସିବାକୁ ଇସାରା କଲେ ।

"ହେଲେ ମାଡାମ୍, ମୋତେ ତ ଲୋକମାନେ ଏଇ ସ୍କୁଲର ନାମ କହୁଛନ୍ତି । ମୁଁ ଆପଣଙ୍କୁ ମୋ ମନରୁ କହୁନାହିଁ । ମୋ ଉପରେ ଦୟାକରି ବିରକ୍ତ ହୁଅନ୍ତୁ ନାହିଁ ।" ବୃଦ୍ଧଜଣକ ନିଜର ଦୁଇ ହାତ ଯୋଡି କହିଲେ ।

" ଆପଣ ବାରମ୍ବାର ଆସୁଛନ୍ତି । ମୁଁ ମନା କଲା ପରେ ବି ଆସୁଛନ୍ତି । ଅସଲ ରେ କଥାଟି କଣ ମୋତେ କହିଲେ । ମୁଁ ପ୍ରକୃତ ଘଟଣା କଣ ଜାଣିବାକୁ ଚାହୁଁଛି ।"

" ସତକଥା ହେଲା..ଦିବ୍ୟାଂଶ ମିଶ୍ର ମୋ ନାତି । ଦୀର୍ଘ ସାତବର୍ଷ ହେଲା ମୁଁ ତାକୁ ଦେଖିନାହିଁ । ତାକୁ ଯେତେବେଳେ ମାତ୍ର ଆଠମାସ ହୋଇଥିଲା ତା ମାଆ ମାନେ ମୋ ବୋହୂ ଆମ ଠାରୁ ଅଲଗା ରହିବା ପାଇଁ ତାକୁ ତା ସହିତ ନେଇ ଚାଲିଗଲା । ଏକ ରାସ୍ତା ଦୁର୍ଘଟଣାରେ ମୋ ପୁଅର ମୃତ୍ୟୁ ହୋଇଯିବା ପରେ ସେ ମୋ ସହିତ ଝଗଡା କରି ସଂପତିସବୁ ଭାଗ କରିବା ପରେ ସେ ଆମ ଠାରୁ ଦୂରେଇ ଯାଇଛି । ମୁଁ ଖବର ପାଇଲି ଏତେ ବର୍ଷପରେ ସେ ଏଇ ସହରକୁ ଆସିଛି । ଏଇଠାରେ ହିଁ ବସବାସ କରୁଛି ତା ପୁଅ ସହିତ । ପୁଅ ଏଇ ସ୍କୁଲ ରେ ହିଁ ପଢୁଛି । ତାକୁ ଟିକେ ଆଖି ପୂରେଇ ଦେଖିବା ପାଇଁ ମୋ ମନ ବ୍ୟାକୁଳ ହେଉଛି ମାଡାମ୍ ।"

କହୁକହୁ ସେ କାନ୍ଦି ପକାଇଲେ ।

" କିନ୍ତୁ ମୁଁ କଣ କରିବି କୁହନ୍ତୁ ବାବା... ଯେଉଁ ନାମ ଆପଣ କହୁଛନ୍ତି ସେମିତି କୌଣସି ପିଲା ହିଁ ଏଠାରେ ନାହାନ୍ତି । ତେବେ ସେମିତି ପାଖାପାଖି ନାମରେ ଜଣେ ପିଲା ଅଛି । ତା ନାମ ଦେବାଂଶ ।"

"ଦେବାଂଶ ! ହଉ ଆପଣ ମୋତେ ସେହି ପିଲା ସହିତ ଟିକେ ଦେଖା କରାଇ ଦିଅନ୍ତୁ । ସେ ମୋ ନାତି ହୋଇଥାଉ କି ନହୋଇ ଥାଉ..ତାକୁ ଟିକେ ଦେଖିନେବି ।"

ବୃଦ୍ଧଙ୍କ ଆଖିରେ କିଛି ଆଶାର ଆଲୋକ ଝଲସି ଉଠିଲା । ପ୍ରଧାନ ଶିକ୍ଷୟିତ୍ରୀ ତାକୁ ଡକାଇ ପଠାଇଲେ ।

" ତୁମ ନାମ କଣ କିରେ ?" ପିଲାଟିର ମୁଣ୍ଡରେ ହାତ ବୁଲାଉ ବୁଲାଉ ବୃଦ୍ଧ ପଚାରିଲେ ତାକୁ ।

"ଦେବାଂଶ ମାଥୁର ।"

"ବାଃ ସୁନ୍ଦର ନାମ । ଆଉ ତୁମ ବାପାଙ୍କ ନାମ ?"

"ସଦାଶିବ ମାଥୁର ।"

"ମାଆଙ୍କ ନାମ... ସନ୍ଧ୍ୟା ମାଥୁର କି ?"

"ହଁ, କିନ୍ତୁ ଆପଣ କେମିତି ଜାଣିଲେ ? ଚିହ୍ନିଛନ୍ତି ତାଙ୍କୁ ?" ବହୁତ ଆଗ୍ରହ ସହକାରେ ପଚାରିଲା ପିଲାଟି ।

ପିଲାର କିଛି କଥା ଆଉ ତାଙ୍କୁ ଶୁଭୁନଥିଲା । ସନ୍ଧ୍ୟା ନାମ ଶୁଣିବା ପରେ ସେ ଅତୀତକୁ ଫେରିଗଲେ । ସବୁ ଦୃଶ୍ୟ ତାଙ୍କ ଆଖି ଆଗରେ ନାଚି ଉଠିଲା । କିଛିକ୍ଷଣ ପାଇଁ ତାଙ୍କୁ କିଛି ଦେଖାଗଲା ନାହିଁ । ସେ କିଛି କହିବା ପାଇଁ ଚାହୁଁଥିଲେ ବି କହିପାରିଲେ ନାହିଁ । ତାଙ୍କ ଗଳା ରୁନ୍ଧି ହୋଇ ଆସୁଥିଲା । ଥରଥର ହାତରେ ସେ ଦେବାଂଶର ମଥାରେ ହାତ ବୁଲାଇ ଆଣି ମନର ଅବ୍ୟକ୍ତ ବେଦନାକୁ ଛାତିରେ ଚାପି ରଖି କହିଲେ, "ଯାଅ ଦେବାଂଶ, ତୁମେ ତୁମ କ୍ଲାସକୁ ଯାଅ । ଈଶ୍ୱର ତୁମକୁ ଭଲରେ ରଖିଥାନ୍ତୁ । "

ନିଜ ଆଖିରୁ ଝରିଆସୁଥିବା ଲୁହ କେଇ ବୁନ୍ଦାକୁ ଗାମୁଛାରେ ପୋଛି ଥରଥର ପଦକ୍ଷେପରେ ସେ ସେଠାରୁ ଉଠି ଚାଲି ଆସିଲେ ।

||||| ୦ |||||



+ ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୭୫୬୦୦୧
ମୋ- ୯୮୬୧୦୧୮୩୬୯



ସୁବ୍ରତ ପଟ୍ଟନାୟକ

# ଚାଷୀଙ୍କୁ ଚଡ଼କ

**ସରକାରୀ ଅଧିକାରୀ ଓ ଦଲାଲଙ୍କ ମଧ୍ୟରେ ଚାଲିଛି ମଧୁଚନ୍ଦ୍ରିକା । ରାଧେ ରାଧେ, ତମର ଅଧେ ଆମର ଅଧେ ନୀତିରେ ଚାଲିଛି ବେପାର । ବଡ଼ବଡିଆ ଅଧିକାରୀ ସବୁ ଜାଣି ଗାଲମାଧବ । ଚାଷୀ ମୁଣ୍ଡ କଚାଡ଼ିଲେ ଶୁଣିବ କିଏ ?**

ଏ ବର୍ଷ ଧାନ ଚାଷୀଙ୍କ ଅବସ୍ଥା ସଙ୍ଗୀନ୍ । କାରଣ କ'ଣ ? ଅମଳ ଠିକ୍ ହୋଇନି ? ମରୁଡ଼ି ହୋଇଛି ? ନା, ଅମଳ ଖୁବ୍ ଭଲ । ଧାନ କିଣିବାରେ ରହିଛି ଅସୁବିଧା । ଓଡ଼ିଶାରେ ନବେ ପ୍ରତିଶତରୁ ଅଧିକ ଧାନ ଚାଷୀ । ବାକି ଦଶ ପ୍ରତିଶତ, ବିରି ମୁଗ କିମ୍ବା ପନିପରିବା ଚାଷୀ । କୋଭିଡ୍ କରୋନା ଯୋଗୁ ଚାଷୀଙ୍କ ପରିବାରବର୍ଗ ଘରେ ରହିଲେ । ଅନ୍ୟ କିଛି ଚାରା ନଥିବାରୁ ମନ ଦେଲେ ଧାନ ଚାଷରେ । ବନ୍ୟା, ବାତ୍ୟା ସତ୍ତ୍ୱେ ବି ବିଗିଡ଼ି ନଥିଲା ଅମଳ । ଆଶା ଅନୁଯାୟୀ ଧାନ ଫଳିଲା । ମାତ୍ର ଧାନ ବିକିବା ହେଲା କାଳ ।

ରାଜ୍ୟ ସରକାର ଚାଷୀଙ୍କ ଠୁ ଉଚିତ ଦରରେ ଧାନ କିଣିବାକୁ କଲେ ଘୋଷଣା । ମିନିମମ୍ ସପୋର୍ଟ ପ୍ରାଇସ୍ ଏମ୍ଏସ୍ପି ବା ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ ହେଲା । ଧାନର ମାନ ନିର୍ଦ୍ଧାରଣ କରାଯାଇ କ୍ୱିଣ୍ଟାଲ ପ୍ରତି ୧୮୬୮ ଟଙ୍କାରେ କିଣାଯିବ ଧାନ । ଚାଷୀ ନାମ ପଞ୍ଜୀକରଣ କରିବେ ଅନ୍‌ଲାଇନ୍‌ରେ । ନିଜ ଅଞ୍ଚଳରେ ଥିବା ସୋସାଇଟି, ଧାନଗୋଲା କିମ୍ବା ମଣ୍ଡିରେ ଧାନ ବିକିବାକୁ କୁହାଗଲା । ପଞ୍ଜୀକୃତ ଚାଷୀଙ୍କୁ ମିଳିବ ଟୋକନ୍ । ଧାନ ବିକା ବାବଦ ଅର୍ଥ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ୍‌କୁ ସିଧାସଳଖ ଯିବ । ବାଟମାରଣ ହେବନାହିଁ । ପୁରାପୁରି ସଫାସୁତୁରା କାମ ।

ବାସ୍ତବ କ୍ଷେତ୍ରରେ କାମଟି ପୁରା ଓଲଟା । ଯେଉଁମାନେ ଛୋଟ ବା ନାମମାତ୍ର ଚାଷୀ, ସେମାନେ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ କରିବାକୁ ଅପାରଗ । ସେ ବିଦ୍ୟାରେ ସେମାନେ ଶୂନ୍ । ତେଣୁ ପଡ଼ିବେ ଦଲାଲ୍ ହାବୁଡ଼ରେ । ସରକାରଙ୍କ ଏମ୍ଏସ୍ପି ମୂଲ୍ୟଠୁ ଯଥେଷ୍ଟ କମ୍ ଦାମ୍‌ରେ ଧାନ ବିକିବାକୁ ବାଧ୍ୟ । ଆଉ କେତେକ କ୍ଷେତ୍ରରେ, ବଡ଼ ଚାଷୀଙ୍କଠୁ ଗରିବ ଲୋକେ ଜମି ଆଣି ଭାଗଚାଷ କରନ୍ତି । ସେମାନଙ୍କୁ ଭାଗଚାଷୀ କହାଯାଏ । ଭାଗଚାଷୀଟି ଚାଷ କରେ ସିନା, ଜମିର ରେକର୍ଡ ପତ୍ର ନଥିବାରୁ, ନିଜେ ନାମ ପଞ୍ଜୀକରଣ କରି ପାରେନାହିଁ । ଜମି ମାଲିକ କୌଶଳ କରି ଟୋକନ୍ ହାତେଇ ନିଏ । ତା ବଳରେ ଭାଗ ଚାଷୀଠୁ କମ୍ ଦାମ୍‌ରେ ଧାନ କିଣେ କିମ୍ବା ଟୋକନ୍‌କୁ ଅନ୍ୟ ଦଲାଲ୍‌କୁ ଧରାଇ ଫାଇଦା ଉଠାଏ ।

ମାତ୍ର, ଯେଉଁମାନେ ନିଜେ ଚାଷୀ ଓ ଜମି ମାଲିକ ସେମାନେ ବି କମ୍ ହୀନସ୍ତା ହେଉ ନାହାନ୍ତି । ଟୋକନ୍ ଦେଖାଇ ମଣ୍ଡିରେ ଧାନ ଗଦା କଲେ ବି, ସୋସାଇଟି ସେକ୍ରେଟାରୀ ବା ଅଧିକାରୀ ନେବାକୁ ନାରାଜ । ପଚାରିଲେ କହାଯାଉଛି- ଧାନ କିଣିବା ଟାର୍ଗେଟ୍ ବା ଲକ୍ଷ୍ୟ ଶେଷ ହୋଇଯାଇଛି । ପରବର୍ତ୍ତୀ ଟାର୍ଗେଟ୍ କେବେ ଆସିବ, ସେ ବାବଦରେ ସେମାନେ ନିରୁତ୍ତର । ଏପଟେ, ଚାଷୀର ଟୋକନ୍ ଲାପ୍‌ସ କଲେ ବା ସମୟ ଅବଧି ଶେଷ ହେଲେ, ଭେଳା ବୁଡ଼ିଲା । ସେମାନଙ୍କ ଲାଗି ବିକଳ୍ପ ବ୍ୟବସ୍ଥା କ'ଣ, ତାହା କାହାକୁ ମାଲୁମ୍ ନାହିଁ । ଯିଏ ଯେମିତି ବୁଝାଇ ପାରିଲା । ଆଉ ଗୋଟିଏ ଫିକର୍ ହେଲା, ସୋସାଇଟି ଆକାଉଣ୍ଟକୁ ଟଙ୍କା ଆସି ନଥିବାର ପେଖନା । ସରକାର ଯଦି ଟାର୍ଗେଟ୍ ଠିକ୍ ନକରି ପାରୁଛନ୍ତି, ତାହେଲେ ଟୋକନ୍ ଦେଇ ପ୍ରହସନ କରିବାରେ ଲାଭ କଣ ?

ଓଡ଼ିଶାର ବିଭିନ୍ନ ମଣ୍ଡିରେ ଟ୍ରକ୍ ଟ୍ରକ୍ ଧାନ ବସ୍ତା ଗଦା ହୋଇ ପଡ଼ିଛି । ଖରା, ବର୍ଷା, ଶୀତ, କାକରରେ ଚାଷୀ ତାକୁ ଜଗି ରହିଛି । ସୋସାଇଟି ଆକାଉଣ୍ଟକୁ ଟଙ୍କା ଆସିଚି କି ନା, ତାହା ଜାଣିବା ମୁସ୍କିଲ୍ । ଏମିତି ନାନା ରକମର ଝାମେଲା । ଯେଉଁ ଚାଷୀ ଅଭାବ ଅନଟନରେ ଘାଣ୍ଟି ହେଉଚି, ସେମାନଙ୍କ ପିଠିରେ କୋରଡ଼ା ମାଡ଼ ଦେଉଛନ୍ତି ସରକାରୀ ଓ ବେସରକାରୀ ଦଲାଲ୍ । ଧାନ କ୍ୱିଣ୍ଟାଲ୍‌କୁ ହଜାରେ କିମ୍ବା ବାର ଶହରେ କିଣି, ଦଲାଲ୍ ତାକୁ ଚଢ଼ା ଦାମ୍‌ରେ ସୋସାଇଟିରେ ବିକେ । ସରକାରୀ ଅଧିକାରୀ ଓ ଦଲାଲଙ୍କ ମଧ୍ୟରେ ଚାଲିଛି ମଧୁଚନ୍ଦ୍ରିକା । ରାଧେ ରାଧେ, ତମର ଅଧେ ଆମର ଅଧେ ନୀତିରେ ଚାଲିଛି ବେପାର । ବଡ଼ବଡିଆ ଅଧିକାରୀ ସବୁ ଜାଣି ଗାଲମାଧବ । ଚାଷୀ ମୁଣ୍ଡ କଚାଡ଼ିଲେ ଶୁଣିବ କିଏ ? ଏହି ସ୍ତମ୍ଭକାର କେନ୍ଦୁଝର ଜିଲ୍ଲାର କେତୋଟି ମଣ୍ଡିରେ ଏଭଳି ନଜୀର୍ ପାଇଛନ୍ତି । ସରକାର ତଦାରଖ କରିବାକୁ ଚାହିଁଲେ, ସହଯୋଗ କରିବାକୁ ଆମେ ପ୍ରସ୍ତୁତ । ନିର୍ଭିକ ନିରପେକ୍ଷ ଅଧିକାରୀ ଆମ ଅଞ୍ଚଳକୁ ତଦନ୍ତରେ ଆସିବାକୁ ଆମେ ଅନୁରୋଧ କରୁଚେ ।

ରାଜ୍ୟ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମ୍ଏସ୍ପି ଦୁଇଗୁଣ ବୃଦ୍ଧି କରିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରୁଛନ୍ତି । ବିଡ଼ମ୍ବନା ଯେ, ବର୍ତ୍ତମାନ ଯେତିକି ଏମ୍ଏସ୍ପି ରହିଛି, ସେତିକି ଅର୍ଥ ଚାଷୀଙ୍କ ନିକଟରେ ପହଞ୍ଚାଇବାକୁ ରାଜ୍ୟ ସରକାର ଅକ୍ଷମ । କେନ୍ଦ୍ର ନିକଟରେ ଦାବି କେବଳ କୁମ୍ଭୀର କାନ୍ଦଣା । ସଭା ସମିତିରେ ମନ୍ତ୍ରୀ, ହାକିମ, ନେତା ଭାଷଣବାଜି କରୁଛନ୍ତି- ଚାଷୀ ଆମର ମେରୁଦଣ୍ଡ, ଭାତହାଣ୍ଡି । ମାତ୍ର, ଭାତହାଣ୍ଡିକୁ ଗୋଇଠା ମାରିବାକୁ ସେମାନେ ବି ଆଗଭର ।

ଚାଷୀଙ୍କ ଦାବି ପୂରଣ ଲାଗି ଅଲ୍ ଇଣ୍ଡିଆ କିସାନ ସଂଘର୍ଷ କମିଟୀର ରାଜ୍ୟ ଶାଖା ଆବାହକ ସୁରେଶ ପାଣିଗ୍ରାହୀ, ବରିଷ୍ଠ କୃଷକ ନେତା ସଚିନ୍ ମହାପାତ୍ର, ନବ ନିର୍ମାଣ କୃଷକ ସଂଗଠନର ଜାତୀୟ ଆବାହକ ଅକ୍ଷୟ କୁମାର ପ୍ରମୁଖ ଅନାହାର ଧର୍ମଘଟରେ ଯୋଗ ଦେଲେଣି । ଆରମ୍ଭ ହେଲାଣି ରାସ୍ତାରୋକୋ । ତଥାପି ସରକାରଙ୍କ ଚେତା ପଶୁନି । ଗାଲେଇବାରେ ଲାଗିଛନ୍ତି । କେନ୍ଦ୍ର ସରକାର ବି କମ୍ ନାକେରା ନୁହନ୍ତି । ଅତୀତରେ ଏମ୍ଏସ୍ ସ୍ୱାମୀନାଥନ୍ କମିଟୀ କେନ୍ଦ୍ର ସରକାରଙ୍କୁ ଯେଉଁ ସୁପାରିସ୍ କରିଥିଲେ, ତାକୁ ଅଣଦେଖା କରାଯାଇଛି । ସେ ପ୍ରସ୍ତାବ ଦେଇଥିଲେ, ମୂଲ୍ୟ ଓ ଦର ନିର୍ଦ୍ଧାରଣ ଦାୟିତ୍ୱରେ ଥିବା କୃଷି କମିସନରଙ୍କୁ ସ୍ୱୟଂ ଶାସିତ କ୍ଷମତା ଦିଆଯିବା ଉଚିତ । ତାଙ୍କ ଉପରେ ସରକାରୀ ଅଙ୍କୁଶ ନରହୁ । ଧାନ ଚାଷରେ ସର୍ବମୋଟ ଯେତିକି ଅର୍ଥ ଖର୍ଚ୍ଚ ହେଉଛି, ତାର ଦୁଇଗୁଣ ଅର୍ଥ ଏମ୍ଏସ୍ପି ରଖାଯାଉ । କେବଳ ଏହି ଗୋଟିଏ କି ଦୁଇଟି ସୁପାରିସ୍ ନୁହେଁ, ଆହୁରି ଅନେକ ଚାଷୀ ହିତକାରୀ ପ୍ରସ୍ତାବ ସେ ଦେଇଥିଲେ । ମାତ୍ର ତାଙ୍କ ରିପୋର୍ଟକୁ ଅଳିଆଗଦାରେ ଫିଙ୍ଗି ଦିଆଯାଇଛି । ଏଣେ, କେତେଜଣ କେନ୍ଦ୍ରମନ୍ତ୍ରୀ ଅଭିଯୋଗ କରୁଛନ୍ତି- ଧାନ କିଣିବା ପାଇଁ ଓଡ଼ିଶା ସରକାରଙ୍କୁ କେନ୍ଦ୍ର ସରକାର ପ୍ରଚୁର ଅର୍ଥ ଯୋଗାଉଛନ୍ତି । ମାତ୍ର, ସରକାର ଧାନ କିଣିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ରାଜ୍ୟ ସରକାର ଏହି ଅର୍ଥକୁ ଅନ୍ୟ ବାଟରେ ଖର୍ଚ୍ଚ କରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଦୋଷ ଲଦୁଛନ୍ତି । କାହା କଥା ସତ, ତାହା କ'ଣ ଗରିବ ଚାଷୀଟିଏ ପରଖି ପାରିବ ?

ଚାଷୀ ଧାନ ବିକି ନପାରିଲେ ଧାରଣା ଦେବ ନଚେତ୍ ଆନ୍ଦୋଳନ କରିବ । ଆର୍ଥିକ ପରିସ୍ଥିତି ଅତି ବିଷମ ହେଲେ ବାଧ ହୋଇ ଆତ୍ମହତ୍ୟା କରିବ । ଅତୀତରେ ଓଡ଼ିଶାରେ କେତେକ ଚାଷୀ ଏଭଳି ଚରମ ପଦକ୍ଷେପ ନେଇଛନ୍ତି । ମାତ୍ର, ସରକାର ଚାଷୀ ଆତ୍ମହତ୍ୟାକୁ ମାନିବାକୁ ନାରାଜ । ଏହି ଆତ୍ମହତ୍ୟାକୁ ଅନୁକମ୍ପା ଜନିତ ଅର୍ଥ ବଳରେ ଭିନ୍ନ ମୋଡ଼ କରାଯାଏ । ଛାଡ଼ନ୍ତୁ ସେକଥା । ବରଗଡ଼, ସମ୍ବଲପୁର, ବଲାଙ୍ଗୀର ଆଦି ଜିଲ୍ଲାରେ ଚାଷୀଙ୍କ ଦୁର୍ଦ୍ଦଶା ଏବେ ଚରମ ସୀମାରେ । ଅନ୍ୟ ଜିଲ୍ଲାରେ ପରିସ୍ଥିତି ବି ଦୟନୀୟ । କୃଷି ମନ୍ତ୍ରୀ ଅରୁଣ ସାହୁଙ୍କୁ ଯେ ଏସବୁ ଘଟଣା ଅଜଣା, ତାହା ଭାବିବା ଭୁଲ୍ । ତାଙ୍କର ବେଳ କାହିଁ ? ତାଙ୍କ ମୁଣ୍ଡ ତ ଘୂରୁଚି, ଅନ୍ୟ ଜଟିଳ ମାମଲାରେ । ଚାଷୀଙ୍କ କଥା ପଚାରେ କିଏ ? ବ୍ୟାଚେଲର୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆମେ ଦୋଷ ଦେଉନାହୁଁ । ସେ ଆମର ପ୍ରଜାବତ୍ସଳ ରଜା । ବଢ଼ିଛନ୍ତି ପାଲେସ୍‌ରେ, ବିଳାସବ୍ୟସନରେ । ଧାନ ଚାଷ ବାବଦରେ ତାଙ୍କର ବା କଣ ଧାରଣା ? ଅରୁଆ ଉଷୁନା ମଧ୍ୟରୁ କେଉଁଟା ଅରୁଆ ଓ କେଉଁଟା ଉଷୁନା, ସେ ବାରି ପାରିବେ କି ନା ସନ୍ଦେହ । ଚାଷୀଙ୍କ ଦୁର୍ଦ୍ଦଶା ସେ ବୁଝିବେ କୁଆଡ଼ୁ ? ?

-ଓରାଳି, କେନ୍ଦୁଝର
ମୋ:୯୯୩୭୭୯୧୨୪୪



# ରଜନୀଙ୍କ ରାଜଧାନୀ ଗୁଗୁଲ୍

## ॥ ବାବାଙ୍କ ବ୍ଲଡ୍‌ପ୍ରେସର ॥

ଗତ ନିର୍ବାଚନ ପରଠାରୁ ବାବାଙ୍କ ମାନସିକ ସ୍ଥିତି କିଛି ଭଲ ରହୁନାହିଁ । ବ୍ଲଡ୍‌ପ୍ରେସର ପୁରା ହାଇ ରହୁଛି । ନିକଟରେ ଗୋଟିଏ ସାହିତ୍ୟ ସଭାରେ ବାବା ଥିଲେ ମୁଖ୍ୟ ଅତିଥି । ଜଟଣୀ ମୂରବୀ ସୁରଭାଇଙ୍କ ବି ଆୟୋଜକ ନିମନ୍ତ୍ରିତ ଅତିଥି ଭାବରେ ନିମନ୍ତ୍ରିତ କରିଥିଲେ । ବାବା ନିଜେ ଦେଢ଼ଘଣ୍ଟା ବିଳମ୍ବରେ ପହଞ୍ଚିଲେ । ସେପର୍ଯ୍ୟନ୍ତ ସୁରଭାଇ ଆସିନଥାନ୍ତି, କିଛି ସମୟ ଅପେକ୍ଷା କରିବାକୁ କୁହାଯିବାରୁ ବାବା ରାଗି ନିଆଁବାଣ । ଆୟୋଜକଙ୍କୁ ମନଇଚ୍ଛା ଗାଳି ବର୍ଷଣ କରିଚାଲିଲେ । ସାହିତ୍ୟିକମାନଙ୍କ ପ୍ରତି ଏସବୁ ଅପମାନ ବୋଲି ମନ୍ତବ୍ୟ ଦେଲେ । (ଏବେ ବାବା ଯେହେତୁ ଫୁଲ୍ ଟାଇମ୍ ସାହିତ୍ୟିକ) ରାଗିକି ସଭାସ୍ଥଳ ଛାଡ଼ିଯିବାକୁ ବସିଥିଲେ । ମାତ୍ର ଉପସ୍ଥିତ କିଛି ସାହିତ୍ୟିକଙ୍କ ଅନୁରୋଧରେ ସଭାରେ ରହିଲେ । ପ୍ରଥମ ଥର ପାଇଁ ବାବାଙ୍କ ରୌଦ୍ର ଅବତାର ଦେଖି ଉପସ୍ଥିତ ଲୋକମାନେ ତାଜୁବ୍ । ତେବେ ଅସଲ କଥା ହେଲା କିଛିଦିନ ତଳେ ସୁରଭାଇଙ୍କ ଏକ ଭିଡିଓ ଭାଇରାଲ ହୋଇଛି । ଯେଉଁଥିରେ ବାବା ଆମିଷ ଭକ୍ଷଣର ଏକ ଚାକ୍ଷୁସ ପ୍ରମାଣ ଉପସ୍ଥାପନା କରିଛନ୍ତି । ଅବଶ୍ୟ ପରେ ପରେ ବାବା ଏହାକୁ ଖଣ୍ଡନ କରିଥିଲେ । ତେବେ ବାବାଙ୍କ ପ୍ରତି ସୁରଭାଇଙ୍କ ଏ କଟାକ୍ଷ ବାବାଙ୍କୁ ଖୁବ୍ ମର୍ମାହତ କରିଥିବାର ଜଣାଯାଏ । ଏବେ କୁଆଡ଼େ ବ୍ଲଡ୍ ପ୍ରେସର ମେଡିସିନ୍ ସେବନ ପାଇଁ ଡାକ୍ତର ବାବାଙ୍କୁ ପରାମର୍ଶ ଦେଇଥିବାର ଜଣାଯାଏ ।

## ॥ ଛାତିତଳର କ୍ଷତ ॥

ମଣିଷର ମୃତ୍ୟୁପରେ ସବୁ ବିରୋଧାଭାସ ଲୋପ ପାଇଯାଏ ବୋଲି କୁହାଯାଏ । ହେଲେ ବେଳେବେଳେ ଛାତିତଳର କ୍ଷତ ଭଳିଆ ଯନ୍ତ୍ରଣା ଦେଉଥାଏ । ଏବେ ଏ କଥାର ସଦ୍ୟତମ ଉଦାହରଣ ଆମ ସାମ୍ନାକୁ ଆସିଲା । ଜଣେ ବରିଷ୍ଠ ସାମ୍ବାଦିକଙ୍କ ଏକାଦଶାହରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ମଞ୍ଚାସୀନ ଥିଲେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ ତଥା ଅନ୍ୟ କେତେଜଣ ବରିଷ୍ଠ ସାମ୍ବାଦିକ ଓ ସାହିତ୍ୟିକ । ସେହି ସଭାକୁ ନିମନ୍ତ୍ରଣ କରାଯାଇଥିଲା ଅନ୍ୟତମ ଅତିଥି ଭାବରେ ପି.ସି.ସି ମୁଖିଆ ନିରଞ୍ଜନ ପଟ୍ଟନାୟକଙ୍କୁ । କିଛି ସମୟ ବିଳମ୍ବରେ ପହଞ୍ଚିଲେ ଶ୍ରୀଯୁକ୍ତ ପଟ୍ଟନାୟକ । କିନ୍ତୁ ଫିଡ଼ିକିଗଲେ । ଆୟୋଜକମାନଙ୍କ ଅନୁରୋଧ ସତ୍ତ୍ୱେ ମଞ୍ଚ ଉପରକୁ ନଉଠି ଫଟୋରେ ଶ୍ରଦ୍ଧାଞ୍ଜଳି ଜଣାଇ ସଭାସ୍ଥଳ ଛାଡ଼ି ଚାଲିଗଲେ । କଥାଟା ଅନେକଙ୍କୁ ବୁଝା ପଡ଼ିଲା ନାହିଁ । ହେଲେ ଉପସ୍ଥିତ ବହୁ ବରିଷ୍ଠଙ୍କ ଟୁପୁରୁ ଟାପର ଚାଲିଲା । ମଞ୍ଚାସୀନ ଯୁଗଳ ବାବୁଙ୍କୁ ଦେଖି ଫିଡିକି ଗଲେ ପି.ସି.ସି ମୁଖିଆ । ଜାନକୀ ବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ପ୍ରଶାସକ ପ୍ରିୟବ୍ରତ ପଟ୍ଟନାୟକଙ୍କୁ ନେଇ ଦୁଇ ପଟ୍ଟନାୟକଙ୍କ ପରିବାର ଭିତରେ ଯେଉଁ ଘମାଘୋଟ ଲଢ଼େଇ ଚାଲିଥିଲା, ସେ କଥା ପିସିସି ମୁଖିଆ ଆଜିଯାଏ ଭୁଲି ନାହାନ୍ତି ବୋଧେ, ଯାହା ଅନୁମାନ କରାଗଲା ।




# ॥ ପାକିସ୍ତାନ ଜିନ୍ଦାବାଦ ॥



କରତାର୍ ସିଂହ ଦୁଗ୍‌ଗଲ
(୧୯୧୭-୨୦୧୨)

ନିଜ ଗାଁ ସହିତ ମଣିଷର ଥାଏ ନାହିନାଡ଼ର ସମ୍ପର୍କ । କେହି କେବେ ଭିଟାମାଟି ଛାଡ଼ି ବିସ୍ଥାପିତ ହେବାକୁ ଚାହେଁନି । ଏଠିକା ବନ୍ଧୁବାନ୍ଧବ, ପାଣି ପବନ, ପଶୁପକ୍ଷୀ, ବିଲବାଡ଼ି ସବୁ ନିଆରା ମହକଯୁକ୍ତ । ତାହା ଅନ୍ୟତ୍ର ଖୋଜିଲେ ବି ମିଳେନି । ବିଭାଜନ ବେଳେ ଏଇ ନାହିନାଡ଼ର ସମ୍ପର୍କ ତୁଟିଯାଇଥିଲା କୋଟି କୋଟି ମଣିଷଙ୍କର । ସେମାନଙ୍କ ପ୍ରତିନିଧିତ୍ୱ କରୁଛି ଅଳ୍ପ ବୟସର ଯୁବତୀଟିଏ । ପାରୁପର୍ଯ୍ୟନ୍ତେ କାମୁଡ଼ି ଧରିବାକୁ ପ୍ରୟାସ କରୁଛି ଆପଣା ପୂର୍ବପୁରୁଷର ଭିଟାମାଟିକୁ । ଯିବାକୁ ଅନିଚ୍ଛା ପ୍ରକାଶ କରି ନେହୁରା ହେଉଛି ସଭିଙ୍କ ଆଗରେ । ଖୋଦ୍ ବିସ୍ଥାପନର ଦୁଃଖକୁ ଅଙ୍ଗେ ନିଭାଇଥିବା ପଞ୍ଜାବୀ ଭାଷାର ମହାନ କଥାକାର କରତାର ସିଂହ ଦୁଗ୍‌ଗଲଙ୍କ ଗଳ୍ପ 'ପାକିସ୍ତାନ ଜିନ୍ଦାବାଦ'ରେ ଆସନ୍ତୁ ସେଇ ଯୁବତୀକୁ ଭେଟିବା ।

ତା' ପ୍ରକୃତ ନାଁ ରାମ୍‌ରାକ୍ଷୀ, ହେଲେ ଏବେ ତାକୁ ବଦଳାଇ ଆଲ୍ଲାରାକ୍ଷୀ କରିଦିଆଯାଇଥାଏ । କିନ୍ତୁ ପୂର୍ବରୁ ଯେଉଁ ରାକ୍ଷୀ ବୋଲି ଡାକୁଥିଲେ ସମସ୍ତେ ଏବେ ବି ତାକୁ ସେଇ ରାକ୍ଷୀ ବୋଲି ଡାକୁଥାନ୍ତି । ସେଦିନ ରାତିରେ ଯେତେବେଳେ ଖୁବ୍ ଜୋର୍‌ରେ ବାଜା ବାଜେ, ସ୍ଲୋଗାନ ଶୁଭେ, ବର୍ଛା ଚମକେ, ଆକାଶରୁ ବଜ୍ରପାତ ହେବା ସହ ଦୋହଲି ଉଠେ ଧରାପୃଷ୍ଠ ସେତେବେଳେ ନିଦ ଭାଙ୍ଗିଯିବାରୁ ସନ୍ତର୍ପଣରେ ଖଟରୁ ଓହ୍ଲାଇ, ପାଚେରୀ ଡେଇଁ, ବିଲ ପାରିହୋଇ ପ୍ରାଣମୂର୍ଚ୍ଛା ଧାଇଁଲା ବେଳେ ରାକ୍ଷୀ ଖସିପଡ଼େ ଗୋଟେ ଗାତ ଭିତରେ । ସାରା ରାତି ସେଇ ଗାତ ଭିତରେ ଆତ୍ମଗୋପନ କରେ । ଗାଁରେ ଫୁଟୁଥିବା ଗୁଳିଶବ୍ଦରେ ଥରି ଉଠୁଥାଏ ତା'ର ସମଗ୍ର ଶରୀର । ଆପଣା ସ୍ୱଜନଙ୍କ ସାହାଯ୍ୟ ପାଇଁ ଡାକ ଓ କରୁଣ ଚିତ୍କାର ସ୍ପଷ୍ଟ ଶୁଣିପାରୁଥାଏ ସିଏ । ତା'ପରେ ଚାରିଆଡ଼େ ଛାଇଯାଏ ମୃତ୍ୟୁର ନିରବତା । ପରଦିନ ସୂର୍ଯ୍ୟୋଦୟ ସହ ପୁଣି ଜୀବନ ସ୍ୱାଭାବିକ ଭାବେ ଆଗେଇଚାଲେ । ଗାଈ ବେକର ଘଣ୍ଟିଘାଗୁଡ଼ିର ଶବ୍ଦ ଶୁଭେ । ଏକାସାଙ୍ଗରେ ଚରିବାକୁ ଗଲାବେଳେ ପରସ୍ପର ଠେଲାଠେଲି ହେଉଥାନ୍ତି ପଶୁପଲ । ରହଁଟ୍ ଘୂରିବା ଶବ୍ଦରେ ସଙ୍ଗୀତମୟ ହୋଇଉଠୁଥାଏ ପରିବେଶ । ଚଢ଼େଇପଲ ଆପଣା କିଚିର ମିଚିର ଶବ୍ଦଶହ ଚାରିଆଡ଼େ ଉଡ଼ି ବୁଲୁଥାନ୍ତି । ମୁଲ୍ଲା, ପ୍ରାର୍ଥନା ପୂର୍ବରୁ ଅଜାନ୍ ଦେଇ ସମସ୍ତଙ୍କୁ ଏକାଠି ହେବାପାଇଁ ଡାକୁଥାଏ । ରୋଷେଇଘରୁ ଧୂଆଁ ଉଠୁଥାଏ । ଲହୁଣୀ ପାଇଁ ଦଧିମନ୍ଥନ ବି ଚାଲିଥାଏ ଘରେ ଘରେ ଘର୍ ଘର୍ ଶବ୍ଦସହ ।

ରାତି ପାହି ସକାଳ ହେବାରୁ ଆସ୍ତେ ଆସ୍ତେ ତା' ଲୁଚିବା ସ୍ଥାନରୁ ବାହାରି, ତା' ମୁସଲମାନ ପଡ଼ୋଶୀଙ୍କ ଘରଆଡ଼କୁ ମୁହାଁଏ ରାକ୍ଷୀ । ସେମାନେ ଖୁସିଗପରେ ମସ୍‌ଗୁଲ୍ ଥିବାବେଳେ ହଠାତ୍ ତାକୁ ସାମ୍ନାରେ ଦେଖି ଚମ୍‌କି ପଡ଼ନ୍ତି । ସ୍ତ୍ରୀଲୋକେ ଭାବନ୍ତି ସିଏ ମଶାଣିରୁ ଉଠି ଆସିଛି ବୋଲି । ପ୍ରତାରିତ ହୋଇଥିବା ଅନୁଭବ କରୁଥାନ୍ତି ପୁରୁଷମାନେ । ଶେର୍‌ବାଜ୍ ତାକୁ ଦେଖି ଖୁବ୍ ଉତ୍ତ୍ୟକ୍ତ ହୋଇଯାଏ । ଚକ୍ଷୁଦ୍ୱୟ ରକ୍ତବର୍ଣ୍ଣ ଧାରଣ କରିବା ସହ ପ୍ରତିଟି ସ୍ନାୟୁକୋଷରେ ଭରିଯାଏ ରାଗ ଓ ବିତୃଷ୍ଣାର ଭାବ । କାତିଟା ଖଟତଳୁ ଟାଣିଆଣି ରାକ୍ଷୀ ଉପରକୁ କୁଦିପଡ଼େ । କିନ୍ତୁ ଶେର୍‌ବାଜ୍‌ର ମା' ଓ ଭଉଣୀ ସେଇ କାଫେର୍ ରାକ୍ଷୀକୁ ତାଙ୍କ ଆଡୁଆଳରେ ରଖି ଢାଲ ଭଳି ଠିଆ ହୋଇଯିବାରୁ ଅସହାୟ ହୋଇ ଅଟକିଯାଏ । କେମିତି ରାକ୍ଷୀକୁ ମାରିବାର ଭାବନା ତା' ମୁଣ୍ଡକୁ ଆସିଲା ସେଇ କଥା ଏଥର ତାକୁ ବିଚଳିତ କରିବାକୁ ଲାଗେ । କାତିଟି ତା'ର ହୃଦୟହୀନତାର ପରିଚୟ ବାଢୁଥାଏ ବାରମ୍ବାର । ପ୍ରତିଥର ସେ ନିଜକୁ ଖୁବ୍ ଲଜ୍ଜିତ ଅନୁଭବ କରି ଭାବୁଥାଏ କାତିଟିକୁ ପାଖ କୋଉ କୂଅ ଭିତରେ ଫିଙ୍ଗିଦେବ ବୋଲି । ଆଉ ରାକ୍ଷୀ, ତା' ବିବାହ ବେଳେ ବ୍ୟବହୃତ ଛୋଟ ଖଟୁଲିଟିକୁ ସେଇ ସ୍ଥାନରେ ପକାଇ ଘଣ୍ଟାସଂଖ୍ୟା ବସିରହେ ଯେଉଁଠି ଠିଆହୋଇଥିବା ବେଳେ ଶେର୍‌ବାଜ୍ ତାକୁ ହାଣିଦେବ ବୋଲି କାତି ଉଞ୍ଚାଇ ଧାଇଁଯାଇଥିଲା । ସେ ବସିରହେ ଅବିକଳ ସେଇ ଢଙ୍ଗରେ ଯେମିତି ତା' ଶାଶୁ ଓ ଗୋସେଇଁ ଶାଶୁ ତାଙ୍କ ବୋହୂ ଅମଳରେ ବସୁଥିଲେ । ଶେର୍‌ବାଜ୍ ଯେଉଁଦିନ ପାଗଳଙ୍କ ଭଳି ରାକ୍ଷୀକୁ ହାଣିବାକୁ ଧାଇଁ ଯାଇଥିଲା ଠିକ୍ ତା' ପରଦିନ ତାକୁ ସେ ଆପଣା ବିବି ରୂପେ ଗ୍ରହଣ କରିଥିଲା ଆଜୀବନ ଖୁବ୍ ଭଲପାଇବାର ପ୍ରତିଶ୍ରୁତି ଦେଇ । ସେ ତାକୁ ସବୁବେଳେ ପ୍ରଶଂସା କରୁଥିଲା । ସେମାନେ ଦୁହେଁ ଛୁଆଦିନେ ସାଥୀହୋଇ ଖେଳିଥିଲେ ସେଇ ଗଳିରେ । ଟିକିଏ ବଡ଼ ହେବାରୁ ଶେର୍‌ବାଜ୍ କେତେ ଗୀତ ତା' ପାଇଁ ଗାଇଥିଲା । ତାକୁ ବାରମ୍ବାର ସ୍ୱପ୍ନରେ ଦେଖୁଥିଲା । ଆମ୍ବଗଛ ଗହଳରେ ଛପି ତାକୁ ଚାହିଁ ରହୁଥିଲା ପ୍ରତିଦିନ ସଞ୍ଜସକାଳେ କାଖରେ ଗରା ଧରି ପାଣିପାଇଁ ଗଲାବେଳେ ।

ବିବାହ ପରେ ରାକ୍ଷୀକୁ ପରିବାରର ସମସ୍ତେ ନିଜର କରିନିଅନ୍ତି । ଶାଶୁମା'ଙ୍କ ଲାଡ଼ଲୀ ତଥା ଆଜ୍ଞାକାରୀ ବୋହୂ ପାଲଟିଯାଏ ସିଏ । ପ୍ରତିଦିନ ବଡ଼ି ଭୋରରୁ ଉଠି ଘରଦ୍ୱାର ଓଳାଏ, ଗାଈଗୋରୁଙ୍କୁ ପେଜ ତୋରାଣୀ ଦିଏ, ଗାଈ ଦୁହେଁ, କୂଅରୁ ପାଣିଆଣେ ଓ ସଭିଙ୍କ ପାଇଁ ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କରେ । ଦ୍ୱିପହରେ ଘରଲୋକେ ବିଶ୍ରାମ ନେଲାବେଳେ ଗାଁ ଝିଅବୋହୂଙ୍କୁ ବୁଣିବା, ଛୁଞ୍ଚିସୁତାରେ ଫୁଲ ପକାଇବା, ପଢ଼ିବା ତଥା ଲେଖିବା ଶିଖାଏ । ଘରଦ୍ୱାର ସବୁବେଳେ ସଫାସୁତୁରା ରଖେ । ଘରର କୌଣସି କାମରେ ଶାଶୁଙ୍କୁ ମୁଣ୍ଡ ପୂରାଇବାକୁ ନଦେଇ ସବୁ ଦାୟିତ୍ୱ ନିଜେ ମୁଣ୍ଡାଏ । ଗାଁର ସମସ୍ତେ ତା' ବ୍ୟବହାରରେ ଖୁବ୍ ଖୁସି ଥାଆନ୍ତି । ସଭିଙ୍କ ସହ ତା'ର ଘନିଷ୍ଠ ବନ୍ଧୁତା । ତା' ଭଳି ସୁନ୍ଦର ଗୀତ ଓ ନାଚ ମଧ୍ୟ କାହାଦେଇ ହୁଏନା ।

ଗାଁରେ କାହାର ଆଖି ଧରିଲେ ସେ ଶୁଣିଲା ମାତ୍ରେ ନିଜ ହାତ ତିଆରି ଔଷଧୀୟ କଜ୍ୱଳ ଟିପାଏ ନେଇ ତା ଆଖିରେ ଲଗାଇ ଦିଏ । ତା' ପରଦିନ ଦେଖିଲା ବେଳକୁ ଆଖି ପୂରା ଭଲ । କାହାକୁ ଜର ହେଲେ ସେ ଏମିତି ପଥି ରାନ୍ଧି ଖୁଆଏ ଯେ ଦୁଇ ଦିନରେ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଏ । ତା' ରାନ୍ଧଣା ଗାଁଟା ଯାକ ସଭିଙ୍କର ଭାରି ପସନ୍ଦ । ଝିଅମାନେ ତାଙ୍କର ବ୍ୟକ୍ତିଗତ ଗୁପ୍ତକଥା ସବୁ ତା'ରି ପାଖରେ ଫିଟାନ୍ତି । ଭାବନ୍ତି ଏଇ ସାରା ବିଶ୍ୱରେ ସେ ଜଣେ ହିଁ ତାଙ୍କର ଅତି ବିଶ୍ୱସ୍ତ । ଅଶ୍ୱତ୍ଥ ଗଛ ଡାଳରେ ଦୋଳି ଫାନ୍ଦି ଝୁଲିଲା ବେଳେ ତା' ମନକୁ ଆସେ ନିଜ ଆତ୍ମୀୟ ସ୍ୱଜନଙ୍କ କଥା । ଏଇ ଗାଁରେ ଜନ୍ମହୋଇ ଏଠିକା ପାଣି ପବନରେ ବଢ଼ି ସେମାନେ କେମିତି ଯେ ଗାଁ ଛାଡ଼ି ଚାଲିଯାଇ ପାରିଲେ ସେ କଥା ଭାବିଲେ ତାକୁ ଖୁବ୍ ଆଶ୍ଚର୍ଯ୍ୟ ଲାଗେ । ଗାଁ ପୋଖରୀର ସ୍ୱଚ୍ଛ ଜଳରୁ ଆଞ୍ଜୁଳାଏ ଆଖିରେ ଛାଟି ସେ ବିସ୍ମୟ ପ୍ରକାଶ କରେ କେମିତି ତା' ନିଜ ଲୋକେ ତାଙ୍କ ଚୁଲି ଚାଳକୁ ଭୁଲିଗଲେ ବୋଲି । ଗାଁ ଚାରିପଟର ସବୁଜ କ୍ଷେତରେ ଘୂରି ବୁଲିଲା ବେଳେ ତା'ମନ ଭିତରେ ପ୍ରଶ୍ନ, ପୃଥିବୀର ଅନ୍ୟ କୋଉଠି କ'ଣ ତା'ଗାଁ ଭଳି ଏତେ ଉର୍ବର ଚାଷଜମି ଥିବ ? ତାକୁ ଲାଗେ ଗାଁର ବଢ଼ିଲା ଗଛଗୁଡ଼ିକ ଯେମିତି ସେଇ ଛାଡ଼ି ଚାଲିଯାଇଥିବା ମଣିଷମାନଙ୍କ ପ୍ରତୀକ୍ଷାରେ ଦଣ୍ଡାୟମାନ । ସତେ ଯେପରି ଫଳଗୁଡ଼ିକ ପାଚିବା ପାଇଁ ସେମାନଙ୍କର ପ୍ରତ୍ୟାଗମନକୁ ହିଁ ଚାହିଁ ରହିଛନ୍ତି । ସେମାନଙ୍କ ଅନୁପସ୍ଥିତିରେ ଗାଁର ଗଳିଗୁଡ଼ିକ ଭାରି ଫାଙ୍କା ଫାଙ୍କା ଲାଗେ ତାକୁ । ବୋଧେ ଦେଉଳରେ ଠାକୁରମାନେ ବି ପ୍ରତୀକ୍ଷାରତ ତାଙ୍କ ଭକ୍ତମାନେ କେତେବେଳେ ଫେରି ସେମାନଙ୍କ ପୂଜାର୍ଚ୍ଚନା କରିବେ ବୋଲି ।

ଦିନେ ପାକିସ୍ତାନର ଜଣେ ରାଜନେତାଙ୍କର ସେଇ ଗାଁ ବାଟ ଦେଇ କୁଆଡ଼େ ଯିବାର ହୁଏ । ରାକ୍ଷୀ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ବିଭିନ୍ନ ଆୟୋଜନରେ ଲାଗିଯାଏ । ନେତାଜଣକ ଆସିବାରୁ ସେମାନେ ତାଙ୍କ ଗଳାରେ ଫୁଲମାଳ ଲମ୍ବାଇ ତାଙ୍କୁ ସ୍ୱାଗତ ଜଣାଇବା ସହ ତାଙ୍କ ରାସ୍ତାରେ ଗୋଲାପର ପାଖୁଡ଼ା ବିଛାଇ ଗାଁ ଭିତରକୁ ପାଛୋଟି ନିଅନ୍ତି । ସମସ୍ତେ ଉଚ୍ଚ ସ୍ୱରରେ ସ୍ଲୋଗାନ ଦେଉଥାନ୍ତି - ପାକିସ୍ତାନ ଜିନ୍ଦାବାଦ ।

ରାକ୍ଷୀ ଖୁସିରେ ଥାଏ, ବହୁତ ଖୁସିରେ । ତା'ର ଦିନ, ସପ୍ତାହ ତଥା ମାସ ବିତୁଥିଲା ଖୁବ୍ ଆନନ୍ଦରେ । ଦିନେ କୌଣସି ସାଙ୍ଗ ଘରକୁ ଗଲାବେଳେ ପଛରୁ କେହି ତା' ନାଁ ଧରି ଡାକେ । ପର ମୁହୂର୍ତ୍ତରେ ସେ ନିଜକୁ ପାଏ ତା' ଭାଇର ବାହୁବେଷ୍ଟନୀ ଭିତରେ । ନିଜ ଆଖି ଉପରେ ବିଶ୍ୱାସ କରି ପାରେନି ବିଚାରୀ । ଆନନ୍ଦର ଅଶ୍ରୁ ଉଭୟଙ୍କୁ ଭିଜାଇ ଦିଏ । ଦୁହେଁ ଆଲିଙ୍ଗନବଦ୍ଧ ଅବସ୍ଥାରେ ଢେର ସମୟ ରହିଯାଆନ୍ତି । ପାଖରେ କେହି ଅପରିଚିତ ଜଣେ ଠିଆହୋଇଥିବା କଥା ତାଙ୍କର ଆଉ ଖିଆଲ ନଥାଏ । ବେଶ ପୋଷାକରୁ ସେ ଲାଗୁଥାନ୍ତି ଜଣେ ପୋଲିସ ଅଫିସର ଭଳି । ରାକ୍ଷୀ ସେମାନଙ୍କୁ ଘରକୁ ଡାକିବ ବୋଲି ଚିନ୍ତା କଲା ବେଳକୁ ତା' ଭାଇ ଅପରିଚିତ ବ୍ୟକ୍ତିଙ୍କୁ କହୁଥାନ୍ତି, "ଇୟେ ମୋ ଭଉଣୀ ରାକ୍ଷୀ । ତାକୁ ଆମ ସାଙ୍ଗରେ ନେବାକୁ ପଡ଼ିବ ।"

"ହେଲେ, କୋଉଠିକୁ ?" ରାକ୍ଷୀର ପ୍ରତିକ୍ରିୟାଟି ଅଳ୍ପ ବିଳମ୍ବରେ ହେଲେ ସୁଦ୍ଧା ଥିଲା ଖୁବ୍ ତୀକ୍ଷ୍ଣ । ସେ ତା' ଗାଁ ଛାଡ଼ିବାକୁ ଆଦୌ ପ୍ରସ୍ତୁତ ନଥିଲା । କୋଉ ଅଜଣା ସ୍ଥାନକୁ ସେ ରାଜି ନୁହଁ ଯିବାପାଇଁ । ତା ଗଳିକୁ ସେ କେମିତି ଛାଡ଼ି ଚାଲିଯିବ ଯେଉଁଠି ସିଏ ଖେଳି ଖେଳି ଏଡୁଟେ ହେଇଛି । ସେଇ ବିଲକୁ କେମିତି ଛାଡ଼ିଯିବ ଯେଉଁଠି ସେ ନିର୍ଦ୍ଧୂମ ବୁଲିଛି ଓ ଗୁଣୁଗୁଣେଇଛି ପ୍ରେମ ଓ ଆନନ୍ଦର ଗୀତ । ସେ କେମିତି 'ତ୍ରିଞ୍ଜନ୍'କୁ ଛାଡ଼ିଯିବ ଯେଉଁଠି ସେ ପାଇଛି ଢେର ଖେଳସାଥୀ ଆଉ ସେମାନଙ୍କ ସହ ବାଣ୍ଟିଛି ହୃଦୟର ଗୁପ୍ତକଥା । ସନ୍ଧ୍ୟାରେ କ୍ଷୀରଦୁହିଁ ସାରିଲା ପରେ ତା' ମଇଁଷି ବେକରେ ହାତ ସାଉଁଳାଇ କଥାଦିଏ ସେ କେବେ ତାକୁ ଛାଡ଼ି କୁଆଡ଼େ ଯିବନି ବୋଲି । ବାଡ଼ିରେ ଲଗେଇଥିବା ଅଙ୍ଗୁରଲତା ମୂଳେ ପାଣି ଢାଳିଲା ବେଳେ ତାକୁ ବି କଥାଦିଏ ସେ ସେଇଠି ରହିବ ତା'ର ପ୍ରଥମ ଫଳର ସ୍ୱାଦ ଚାଖିବା ପାଇଁ । ଗାଈ କାନରେ ଫୁସ୍ ଫୁସ୍ କରି କହେ ଆଗାମୀ ବସନ୍ତ ବେଳକୁ ଜନ୍ମ ନେବାକୁ ଥିବା ତା' ବାଛୁରୀକୁ ସେ ନିଶ୍ଚିତ ଦେଖିବ ଓ କାଖେଇବ ବୋଲି । ଆପଣା କୋଠରୀ ଭିତରକୁ ପଶିଯାଇ ଚିତ୍କାର କରେ, "ଏଇଟା ମୋ ଘର । ମୁଁ ୟା'କୁ ଛାଡ଼ି କୁଆଡ଼େ ଯିବିନି ।"

ରାତିରେ ପଶ୍ଚିମ ମୁଖା ପବନ ବହିବା ଆରମ୍ଭ ହୁଏ । ଦାଣ୍ଡ ପିଣ୍ଡାରେ ବସି ସେ ଜହ୍ନର ଖୁବ୍ ପ୍ରଶଂସା କରେ । ସବୁ ସାଧୁ ଓ ଦର୍‌ବେଶ୍‌ଙ୍କୁ ସ୍ମରଣ କରେ ଯେଉଁମାନଙ୍କୁ ସେଇଠି ଜୁହାର ହୋଇ ସେ ଏକ ସଫଳ ସୁଖଦ ଜୀବନ ଜିଇଁବା ଉଦ୍ଦେଶ୍ୟରେ ଆଶୀର୍ବାଦ ଭିକ୍ଷା କରିଛି । ସେଇ ଗାତଟିକୁ ବି ଦେଖେ ଯାହା ଭିତରେ ପଡ଼ିଯାଇଥିବାରୁ ସେ ବଞ୍ଚିଯାଇଥିଲା ବିଭାଜନ ସମୟର ଦଙ୍ଗାରୁ । କେହି ତାକୁ ଦେଖିପାରି ନଥିଲେ ସେଦିନ । ହେଲେ ଏବେ ସେମିତି ସେ କେମିତି କରି ପାରିବ, ଶେର୍‌ବାଜ୍‌ର ଅମୂଲ୍ୟ ସନ୍ତକ ଯେ ତା' ଗର୍ଭରେ । ଏବେ ସେ କୋଉ ଗାତକୁ ଡେଇଁ ପାରିବନି । "ଶେର୍‌ବାଜ୍, ତୋ କାତିଟି କାହିଁ ?" ବୋଲି ରାକ୍ଷୀ ବାରମ୍ବାର ପଚାରେ ତାକୁ । ଲମ୍ବରଦାରଙ୍କ ଘରୁ ଆସିଲା ପରଠୁଁ ଶେର୍‌ବାଜ୍ ଗୁମ୍‌ମାରି ଶୋଇରହିଛି ଖଟରେ । ଶବ୍ଦଟିଏ ବି ବାହାରୁନି ତା' ପାଟିରୁ । ଖାଇବା ତ ଦୂରର କଥା ପାଣି ଟୋପାଏ ବି ତୁଣ୍ଡକୁ ନେଇନି । "ଶେର୍‌ବାଜ୍, ମୁଁ ଶହେଟା ଭାଇ ତୋ ପାଇଁ ବଳି ଦେଇପାରେ" ବୋଲି ବାରମ୍ବାର କହୁଥାଏ ରାକ୍ଷୀ । ହେଲେ ଶେର୍‌ବାଜ୍ ଲୁହ ଛଳ ଛଳ ଆଖିରେ ଚୁପ୍‌ଚାପ୍ ପଡ଼ିଥାଏ ଖଟରେ । "ଶେର୍‌ବାଜ୍, ଚାଲ୍ ଦୁହେଁ ଲୁଚି କୁଆଡ଼େ ପଳେଇଯିବା" ଶେଷକୁ ରାକ୍ଷୀ ଏଇ ପ୍ରସ୍ତାବ ରଖେ । ଶେର୍‌ବାଜ୍ ଦେହରେ ଖଇଫୁଟା ତାତି । ପ୍ରାୟ ଅଚେତାବସ୍ଥା । ସେ ପଦେ ବି କିଛି କୁହେନି । ଆଉ କ'ଣ ବା କରିପାରିବ ସିଏ ? ଲମ୍ବରଦାର କହିଛି, ରାକ୍ଷୀ ଯେହେତୁ ହିନ୍ଦୁଘରର ଝିଅ ତାକୁ ତା' ବାପାମା' ପାଖକୁ ହିନ୍ଦୁସ୍ଥାନ ପଠାଇ ଦିଆଯିବ । ବିଭାଜନ ସମୟର ଧର୍ମପରିବର୍ତ୍ତନ ସବୁକୁ ଆଇନ୍‌ତଃ ଅସିଦ୍ଧ ଘୋଷଣା କରାହୋଇଛି । ରାକ୍ଷୀକୁ ଭାରତ ପଠାଇଦେଲେ ତା' ବଦଳରେ ସେଠାରୁ ଜଣେ ଅପହୃତା ମୁସଲମାନ୍ ଝିଅକୁ ପାକିସ୍ତାନ ଅଣାଯାଇ ପାରିବ । ଏହା ଉଭୟଦେଶର ସରକାରଙ୍କ ନିଷ୍ପତ୍ତି । ଆମେ ଆମ ଦେଶ ପାକିସ୍ତାନ ପାଇଁ କ'ଣ ଏତିକି ବି ବଳି ଦେଇ ପାରିବାନି ? କ'ଣ କରିବ ବୋଲି ଶେର୍‌ବାଜ୍‌କୁ କିଛି ବାଟ ଦେଖାଯାଉ ନଥାଏ । ଚେତା ଆସିବାର କିଛିକ୍ଷଣ ପରେ ପୁଣି ବୁଡ଼ିଯାଉଥାଏ ।

ପରଦିନ ସୂର୍ଯ୍ୟୋଦୟ ପୂର୍ବରୁ ଗୋଟେ ଜିପ୍ ଆସି ତାଙ୍କ ଦାଣ୍ଡ ଅଗଣାରେ ଠିଆହୁଏ । ବନ୍ଧୁକଧାରୀ ପୋଲିସଙ୍କୁ ଦେଖି ରାକ୍ଷୀ ଚିତ୍କାର କରିବାକୁ ଲାଗେ, "ନା, ମୋର କୋଉଠିକୁ ଯିବାର ନାହିଁ । ମୁଁ ମୋ ଗାଁ ଛାଡ଼ିବିନି କେବେ । ନାମ ବଦଳିଗଲେ କ'ଣ ହେଲା, ଏଇଟା ଆମ ନିଜ ଦେଶ । ଏଇ ଅଗଣା ମୋର । ମୁଁ ତାକୁ ଦିନରାତି ଓଳେଇଛି । ଏଇ ଗଛଲତା ମୋର । ମୁଁ ସଞ୍ଜସକାଳେ ଏମାନଙ୍କ ମୂଳରେ ପାଣି ଢାଳିଛି । ଏଇ ଗଳି ମୋର । ବାଲ୍ୟକାଳରୁ ୟା'ରି ଉପରେ ମୁଁ କେତେ ଧୂଳିଖେଳ ଖେଳି ଆସିଛି । ତା' ଆଖି ଯୋଡ଼ିକ ଲୁହରେ ପହଁରୁଥାନ୍ତି । "ଶେର୍‌ବାଜ୍, ତୁ କାହିଁକି କିଛି କହୁନୁରେ ?" ସେ ଜୋର୍‌ରେ ତାକୁ ହଲାଇ ପଚାରୁଥାଏ, "ପଦେ ବି କହୁନୁ କାହିଁକି ? ମୋ ଗର୍ଭରେ ବଢୁଥିବା ତୋର ଏଇ ଛୁଆକୁ ନେଇ ମୁଁ କ'ଣ କରିବି କହ ?" ରାକ୍ଷୀ କାନ୍ଦି କାନ୍ଦି ତା' ଉପରେ ଲୋଟିପଡ଼େ । ଉଭୟେ ଘର ଭିତରେ ଥାଆନ୍ତି । ଲମ୍ବରଦାର ପୁଣିଥରେ ସେମାନଙ୍କ ବିଷୟରେ ଭାବେ । ଗାଁର ପୁରୁଖା ଲୋକଙ୍କ ମତାମତ ନିଆଯାଏ । ପୋଲିସ୍ ଅଫିସରଙ୍କୁ ଅନୁରୋଧ ମଧ୍ୟ କରନ୍ତି ସମସ୍ତେ । ହେଲେ କିଛି ପ୍ରତିକାର କରାଯାଇ ପାରେନି । ଏହା ସରକାରଙ୍କ ନିଷ୍ପତ୍ତି ଓ ତାକୁ ପାଳନ କରିବାକୁ ସମସ୍ତେ ବାଧ୍ୟ । କୌଣସି ବଳିଦାନ ତାଙ୍କ ପ୍ରିୟଦେଶ ପାକିସ୍ତାନ ଠୁଁ ବଡ଼ ନୁହେଁ ।

କବାଟ ଖୋଲେ । ରାକ୍ଷୀର ପଛେ ପଛେ ଶେର୍‌ବାଜ୍ ଖାନ୍ ଆସୁଥାଏ ବାହାରକୁ । ବିବାହ ବେଳର ଚକ୍‌ଚକିଆ ଶାଢ଼ି ରାକ୍ଷୀ ଦେହରେ । ସମସ୍ତ ଅଳଙ୍କାରରେ ସଜ୍ଜିତା ସେ ଦେଖାଯାଉଥାଏ ସାକ୍ଷାତ ଦେବୀଟିଏ ଭଳି । ଗାଁ ଲୋକେ ତାକୁ ଦେଖି ସ୍ତବ୍ଧ ହୋଇଯାଆନ୍ତି । ରାକ୍ଷୀ ଗାଡ଼ିରେ ଚଢ଼ିବାକୁ ଗଲା ବେଳେ ଶେର୍‌ବାଜ୍ ଗୋଟେ ଟ୍ରଙ୍କରେ ତା'ର ଜିନିଷପତ୍ର ଆଣି ବାହାରେ ଗାଡ଼ି ପାଖରେ ରଖିଦିଏ । ପୁଣି ଘର ଭିତରୁ ତା' ନାଁ 'ଶେର୍‌ବାଜ୍' ଖୋଦେଇ ହୋଇଥିବା ଗୋଟେ ପିତ୍ତଳ ବେଲା ଆଣି ଧରେଇଦିଏ ରାକ୍ଷୀ ହାତରେ । ଶେଷଥର ପାଇଁ ପୁଣି ଭିତରକୁ ଯାଇ ନେଇଆସେ ଗୋଟେ ଝୋଟର ବିଞ୍ଚଣା ଯେଉଁଥିରେ ରାକ୍ଷୀ ତା' ନିଜ ହାତରେ ଫୁଲ ପକାଇ ସୁନ୍ଦର ଅକ୍ଷରରେ ଲେଖିଥାଏ - 'ପାକିସ୍ତାନ୍ ଜିନ୍ଦାବାଦ୍' । (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୭ ଜାନୁଆରୀ, ୨୦୨୧



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

## ଆଉଜା କବାଟ (୨୭)



# ଦଲାଲମୁକ୍ତ ସାହିତ୍ୟ : ଏକ ଆହ୍ୱାନ

ଡ. ରାଧାରଂଜନ ପଟ୍ଟନାୟକ

॥ ଭାଗ-୧ ॥

ଏଭଳି ନାମକରଣ ପାଠକବର୍ଗଙ୍କୁ ଆଶ୍ଚର୍ଯ୍ୟବୋଧ ହେଲେବି ଏହା ଭିତରେ ନିହିତ ଅଛି ଏକ ବାସ୍ତବ ସତ୍ୟ। ସଭିଏଁ ଜାଣନ୍ତି ଓଡ଼ିଶା କାବ୍ୟ ଓ କଳା ବିଚରଣ ଭୂମି। ଏଇ ମାଟିର ମଣିଷ କବିତାରେ କଥା କହେ। ଛନ୍ଦ ତଳେ। ଚେତନରେ ହେଉ ବା ଅବଚେତନରେ ମୁଖରୁ ଝରିଆସେ କବିତାର ନିର୍ଝର। ହଳିଆ ତୁଣ୍ଡରେ ଗୀତ ଏବଂ ପଣ୍ଡିତ ମୁଖରେ ଶ୍ଳୋକ। ଗାଁ ଭୁଆସୁଣୀ ପେଡ଼ିରେ ସାଇତା କେତେକେତେ ପ୍ରବଚନ। ଆମ କବିଙ୍କର ସ୍ନାୟୁରେ ସ୍ପନ୍ଦନ ଯେତେ ଗୁଞ୍ଜରଣ ସେତେ।

କବିତା ଜୀବନର କଥା କହେ। କବିତାର ଶବ୍ଦରେ କବି ନିଜ ଅନୁଭବର ଭାବ ବାନ୍ଧେ। ମାଟିର ମହାକବି ସାରଳା ଦାସଙ୍କଠାରୁ ଆରମ୍ଭ କରି ଶୁଭେନ୍ଦୁ ମୋହନ ଦାସ, ଡ. ହରିଶ୍ଚନ୍ଦ୍ର ବେହେରା, ସୈରିନ୍ଧ୍ରୀ ସାହୁ, ଉମେଶ ବାରିକ, ବଂଶୀଧର ଚୌଧୁରୀ ଏବଂ ଅଭୟ ଦାସଙ୍କ ପର୍ଯ୍ୟନ୍ତ କବିମାନେ କବିତାରେ ଅନେକ ପରୀକ୍ଷାନିରୀକ୍ଷା କରିଛନ୍ତି। ବେଳେବେଳେ କବିତା ଦୁର୍ବୋଧ ହୋଇଛି। ଏପରିକି ପାଠକ ହୃଦୟକୁ ଛୁଇଁପାରି ନାହିଁ। ତଥାପି କବିର ଆଖିରେ ନିଦ ନାହିଁ, କାରଣ ସେ ନିଖିଳ ସଂସାରର ବ୍ୟଥା ଓ ବେଦନା ବୁଝେ। ଏକାଏକା ମାନବିକତାର ଆହ୍ୱାନରେ ଅମଡ଼ାବାଟରେ ପାଦ ରଖେ। ନିନ୍ଦା, ପ୍ରଶଂସା ଠାରୁ ଖୁବ୍ ଊର୍ଦ୍ଧ୍ୱରେ ରହେ। କରତାଳି କିମ୍ବା ପୁଷ୍ପମାଳା ପାଇଁ ପ୍ରତୀକ୍ଷା କରେନି ସେ।

କବିତାକୁ ଏବର ଆଲୋଚକମାନେ ପ୍ରାଚୀନ ଏବଂ ଆଧୁନିକ, ଅତ୍ୟାଧୁନିକ ସର୍ବୋପରି ଉତ୍ତର ଆଧୁନିକ ଏଇମିତି ଯୁଗ ବିଭାଜନରେ ବିଭାଜନ କରିଥାନ୍ତି। ଏସବୁ ସତ୍ତ୍ୱେ ବି କୌଣସି କବିତା ପ୍ରାଚୀନ ହୋଇ ନଥାଏ। ସବୁ ଯେମିତି ନୂତନ ଏବଂ ଆଧୁନିକ। ଏ ସମ୍ପର୍କରେ ପଣ୍ଡିତ ସି.ଜେ. ଲୁଇସ୍ କହନ୍ତି - "Mordern poetry is evey poetry, whether written last year or five centuries ago, that has a meaning for us still." କବିତା କେବେ ପ୍ରାଚୀନ ହୋଇ ନପାରେ। ଏହା ସାମ୍ପ୍ରତିକ କବିତା ହୋଇପାରେ କିମ୍ବା ପାଞ୍ଚ ଶହବର୍ଷ ପୂର୍ବରୁ ରଚନା ହୋଇଥିବା କବିତା ହୋଇପାରେ। ଏହି ସଜ୍ଞା ଅନୁସାରେ କାଳକାଳ ଧରି କବିତାରୁ ଆନନ୍ଦ ଅନୁଭବ କରିଛି ମଣିଷ। ଭୀମଭୋଇଙ୍କ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' କବିତାଟି ଉତ୍ତର ଆଧୁନିକ ଯୁଗରେ ମଧ୍ୟ ଆଧୁନିକତାର ସ୍ୱାକ୍ଷର ବହନ କରେ।

ସ୍ୱାଧୀନୋତ୍ତର କାଳରେ ବିଶ୍ୱର ଜ୍ଞାନଗବାକ୍ଷ ସହିତ ସମ୍ପର୍କ ସ୍ଥାପନ କରିବା ପାଇଁ ଏ ଯୁଗର କବି କ୍ଷମ ହୋଇପାରିଛି। ଫଳରେ ଆମ କବିତାରେ ଆଧୁନିକତାର ପଦଧ୍ୱନି ତୀବ୍ରତର ହୋଇଛି। କବିତାରେ ଚିତ୍ରକଳ୍ପ, ମିଥ୍, ଆର୍କଟାଇପ୍ ପ୍ରଭୃତି ଆଧୁନିକ କାବ୍ୟକୌଶଳ ଆମ କବିତା ଜଗତକୁ ଅବାଧରେ ପ୍ରବେଶ କରିଛି। ଅଶୀ ଦଶକର ପରବର୍ତ୍ତୀ ପର୍ଯ୍ୟାୟରେ ରାଶିରାଶି କବିତା ଲେଖା ଗଲାଣି ସତ; ହେଲେ ଗୋଟିଏ ଜାତିର ମାନସିକ ଆବେଗକୁ ସ୍ପର୍ଶ କରି ଶ୍ରଦ୍ଧାଶୀଳ ହୋଇଛନ୍ତି କେତେକ ମୁଷ୍ଟିମେୟ କବି। କବିତାରେ କଳାଶିଳ୍ପ କମ୍ କିନ୍ତୁ ପ୍ରତିସ୍ପର୍ଦ୍ଧା ଅଧିକ। ଏଭଳି ସ୍ଥଳେ ଭଲ କବିତା ଉଧେଇବ କାହୁଁ? ଇଂରାଜୀ କବି ସେଲି ତାଙ୍କ ରଚିତ "Defence of poetry"ରେ କାବ୍ୟକୁ କଳ୍ପନାର ଅନନ୍ୟ ଅଭିବ୍ୟକ୍ତି ଭାବେ ଘୋଷଣା କରିଛନ୍ତି। କବିଙ୍କର ମାତ୍ରାଧିକ କଳ୍ପନା ହେତୁ ଅତୀତରେ ପ୍ଲାଟୋ ଅତି ନିର୍ମମ ଭାବରେ କବି, କଳାକାର ଓ ଶିଳ୍ପୀମାନଙ୍କୁ ତାଙ୍କ ରଚିତ 'ରିପବ୍ଲିକ' ଗ୍ରନ୍ଥରେ ସମାଲୋଚନା କରିଛନ୍ତି। ତାଙ୍କର ଏପରି ନିର୍ମମ ସମାଲୋଚନା ପରେ ମଧ୍ୟ ସାହିତ୍ୟରୁ କଳ୍ପନାକୁ ଆଦୌ ପୃଥକ୍ କରି ହେଉନାହିଁ କି ହେବନାହିଁ। ନିଷ୍ଠୁର ସତ୍ୟ ଏବଂ ବାସ୍ତବତା ହୁଏତ ବିବରଣୀ ହୋଇପାରେ। ମାତ୍ର ସାହିତ୍ୟ ପଦବାଚ୍ୟ ହୋଇପାରିବ ନାହିଁ। ଖାଣ୍ଟି ସୁନାରେ ଗହଣା ପ୍ରସ୍ତୁତ କରିବା ଯେମିତି ଅସମ୍ଭବ, ଠିକ୍ ସେମିତି ନିରୁତା ସତ୍ୟ ଏବଂ ବାସ୍ତବତା ଉପସ୍ଥାପନ ଦ୍ୱାରା ସାହିତ୍ୟର ସୃଜନ କର୍ମ ଅବାସ୍ତବ ପରିକଳ୍ପନାରେ ପରିଣତ ହୋଇଥାଏ।

ଏବେକାର କବି ଭୂମି ଉପରୁ ପାଦ ଆଡ଼େଇ ଆକାଶର କଳ୍ପଲୋକରେ ବିଚରଣ କରୁଛନ୍ତି। କଳ୍ପନାର କୁହୁକ ପେଡ଼ିରୁ ନୂଆନୂଆ ପ୍ଲଟ୍ ଖଞ୍ଜି କବିତାର କଥା ବି କହୁଛନ୍ତି। ତେଣୁ ଭଲ କବିତା ଖୋଜିଖୋଜି ପାଠକ ନିରାଶ ହେଉଛି। ମନେ ହେଉଛି, କବିତାର ପ୍ରୟୋଗାତ୍ମକ ଶବ୍ଦମାନେ ଯେମିତି ବାଟବଣା ନଇ ପାଲଟି ଯାଇଛନ୍ତି। କେବଳ କବିତା ନାମରେ କବିତା ଲେଖିବା ପାଇଁ ଅପ୍ରାସଙ୍ଗିକ ଶବ୍ଦର ନେକେଟ୍ ପୋଷାକରେ ସୃଜନ ସୁନ୍ଦରୀକୁ ପିନ୍ଧାଉଛନ୍ତି ଏବର କବି। ଏଥିରେ ନାଁ ଅଛି ଭାବ, ନା ଅଛି ସମୟୋପଯୋଗୀ ରୂପଚିତ୍ର! କବିତା ଲେଖିବା ନାଁରେ କେବଳ କେତେକ ଉଦ୍ଧାରକରା ଶବ୍ଦକୁ ଖଞ୍ଜି ନିଜ କବିତ୍ୱର ପରିଚୟ ଦେବା କେଉଁ ଧୀଷଣାର ପରିଚୟ? ପାଠକଟିଏ ଆଜି ଟଣାଓଟରା ଶବ୍ଦର ଚକ୍ରବ୍ୟୂହ ଭିତରେ ଅଭିମନ୍ୟୁ ପାଲଟି ଯାଇଛି। ଏପରି ସ୍ଥିତିରେ ଗୁଣମୁଗ୍ଧ ପାଠକଟିଏ ଯଦି ନ ମିଳିବେ, ତେବେ ଆମେ କବିତା ଲେଖିବା କାହା ପାଇଁ?

ଅବସୋସ, ସମ୍ପ୍ରତି ସାହିତ୍ୟ ସାମ୍ରାଜ୍ୟରେ କିଛି ଠିକାଦାର ଅବାଧ ବିଚରଣ କରୁଛନ୍ତି। 'ଚର୍ଯ୍ୟାଚୟ'ରୁ ଶ୍ରୀରାଧା ପର୍ଯ୍ୟନ୍ତ ବିତିଯାଇଥିବା ସମୟ ସରଣୀରେ ନା ଥିଲେ ଠିକାଦାର! ନା ଥିଲେ ଦଲାଲ! ଆଜି କିନ୍ତୁ ସହିତ୍ୟର କ୍ଷେତ୍ର ମୁଷ୍ଟିମେୟ ଦଲାଲଙ୍କ କବ୍‌ଜାରେ। ଠିକାରେ ଚାଲିଛି ସାହିତ୍ୟ ଖେଳ। ସେ କବିତା ହେଉ କିମ୍ବା ଗଳ୍ପ, ଉପନ୍ୟାସ ହେଉ କିମ୍ବା ଆଲୋଚନା, ସବୁଠି ସାହିତ୍ୟର ଶ୍ୟାମଳ ଅରଣ୍ୟରେ ନୀଳବର୍ଣ୍ଣ ଶୃଗାଳଙ୍କ ପ୍ରାଦୁର୍ଭାବ ବଢ଼ିବଢ଼ି ଚାଲିଛି। ଫଳରେ ଅସଲି ସାହିତ୍ୟକାରମାନଙ୍କର ପରିଚୟ ସଙ୍କଟ ଆସିଛି। ସାହିତ୍ୟ ମାଫିଆମାନେ ନିଦା କବିମାନଙ୍କୁ କଣଠେସା କରି ଅନେକ ଅବାଞ୍ଛିତ ତଥା ନକଲ କବି ଏବଂ ଲେଖକମାନଙ୍କୁ ରାତାରାତି ଶ୍ରେଷ୍ଠ ସୃଜନସ୍ରଷ୍ଟାର ପ୍ରମାଣପତ୍ର ଦେଉଛନ୍ତି। ସେମାନଙ୍କ ଭିତରେ ନା ଅଛି କବିପଣ! ନା ଅଛି ମୌଳିକ ଉପାଦାନ! ଭାବ, ବାର୍ତ୍ତା ଏବଂ ଶୈଳୀ ଥାଉ ବା ନଥାଉ ଏମାନେ ଆଜି ବିଜ୍ଞାପନର ଶୀର୍ଷରେ ପହଞ୍ଚିଛନ୍ତି। ଯାହା ଲେଖିଲେବି ସବୁଠି ମିଳୁଛି ପ୍ରଶଂସା ଓ ପ୍ରଶସ୍ତିପତ୍ର। ଆଜିକାଲି ଅନ୍‌ଲାଇନ୍ ସାହିତ୍ୟ ଚର୍ଚ୍ଚା, ୱେବନୋର୍ କବିତାପାଠ ଜୋରସୋର ଚାଲିଛି। ବୋଧହୁଏ କରୋନା ଏମାନଙ୍କୁ ଏଇଭଳି କାର୍ଯ୍ୟକର୍ମ କରିବା ପାଇଁ ସହଜ ସୁଲଭ ରାସ୍ତା ଦେଖାଇଛି। ରାତି ପାହିଲେ, ଅନ୍‌ଲାଇନରେ ଶହଶହ ପ୍ରଶଂସାପତ୍ର ଦୃଶ୍ୟମାନ ହେଉଛି। ଲେଖକଟିଏ ଏ ପ୍ରମାଣପତ୍ରରୁ ଏଭଳି ଖୁସି ହୋଇଯାଉଛି ଯେ, ତା' ଗୋଡ଼ ଆଉ ତଳେ ଲାଗୁନାହିଁ। ମନେମନେ ସେ ରାଜ୍ୟସ୍ତରୀୟ ଲେଖକର ଦାବି ବି କରୁଛି।

ଏଇମିତି ଅନେକ ଛାୟାପୋଜୀବୀ କବି ଅର୍ଥହୀନ ଶବ୍ଦଭିତରୁ ଆତ୍ମପ୍ରଚାରର ଡିଣ୍ଡିମ ପିଟୁଛନ୍ତି। ଯଦି କ୍ରମାଗତ ଏପରି ଚାଲେ ତେବେ ସାରସ୍ୱତ ସର୍ଜନା କ୍ଷେତ୍ରରେ ଆମେ ଯେ ନିନ୍ଦିତ ହେବା ଏ କଥାକୁ ଅସ୍ୱୀକାର କରାଯାଇ ନପାରେ। ଜଣେ ସୃଜନକାରର ଦାୟିତ୍ୱ ମଧ୍ୟ କିଛି କମ୍ ନୁହେଁ। ପ୍ରଗାଢ଼ ଅନ୍ତର୍ବୋଧ ସହିତ ବିବିଧ ଦୃଶ୍ୟପଟର କଳାତ୍ମକ ପରିପ୍ରକାଶ କରିବା ହିଁ ଲେଖକର ଧର୍ମ ହେବା ବାଞ୍ଛନୀୟ। ମାନବିକତାର ମର୍ମବାଣୀ, ପ୍ରେମ, ସ୍ୱପ୍ନ ଓ ସମ୍ଭାବନାର ଆଉଜା କବାଟକୁ ଖୋଲି ପ୍ରତ୍ୟେକ ସୃଜନ ଶିଳ୍ପୀ ଅନୁଭୂତି ସମ୍ପନ୍ନ ତଥା ସାର୍ବଜନିକ ଗ୍ରହଣ ଯୋଗ୍ୟ ସୃଷ୍ଟି ଉତ୍ତରି ଆସିବା ଉଚିତ୍। ଦୁଇଦୁଇଟି ବିଶ୍ୱଯୁଦ୍ଧ ମାନବ ସଭ୍ୟତାର ଇତିହାସକୁ କେବଳ ରକ୍ତରଞ୍ଜିତ କରିନାହିଁ ବରଂ ସମଗ୍ର ଭାବେ ଜୀଇଁବାର ଧାରାକୁ ସମ୍ପୂର୍ଣ୍ଣଭାବେ ବଦଳାଇ ଦେଇଛି। ପ୍ରତିପଦ ପାତରେ ଶଙ୍କା, ଆଶଙ୍କା, ସଙ୍କଟ ଏବଂ ଝୁଣ୍ଟିବାର ବ୍ୟଥା। ଏସବୁ ଭିତରୁ ବାହାରି କବି ହେଉ କିମ୍ବା ଲେଖକ ସମବେଦନା ମୁକୁଳିତ ଆଶାର ବର୍ଣ୍ଣିଳ ପରାଗରେ କଲମ ଚଳାଇ ଆସୁଛି ଏଯାବତ୍। ଜର୍ମାନ କବି ମାରିୟା ରାଇକ୍ କହିଥିଲେ- "ଶୀଘ୍ରଶୀଘ୍ର ଜୀବନରେ କବିତା ଲେଖିପକାଇଲେ ତାହା କବିତା ହୁଏନି।" ତୁମକୁ ଅପେକ୍ଷା କରିବାକୁ ପଡ଼ିପାରେ ସାରା ଜୀବନ। ସାରସ୍ୱତ ସାଧନା ଏକ ଆବେଗ ନୁହେଁ, କିମ୍ବା ମୋତିଗଞ୍ଜ ବଜାରର ଗୁଡ଼ିଆ ପସରା ନୁହେଁ। ଏହା ଏକ ବାସ୍ତବ ଅନୁଭୂତିର ଭାବନାତ୍ମକ ପରିପ୍ରକାଶ। କାଳଜୟୀ ଲେଖାଟି ଲେଖିବାକୁ ହେଲେ ଆମକୁ ମଣିଷମାନଙ୍କ ପାଖକୁ ଯିବାକୁ ପଡ଼ିବ, ପ୍ରାଣୀଜଗତକୁ ବୁଝିବାକୁ ପଡ଼ିବ, ପକ୍ଷୀମାନଙ୍କର ଉଡ଼ାଣକୁ ଅନୁଭବ କରିବାକୁ ପଡ଼ିବ। ସକାଳର ଖରାରେ ଫୁଟି ଆସୁଥିବା ଫୁଲର ସୌନ୍ଦର୍ଯ୍ୟକୁ ହୃଦୟଙ୍ଗମ କରିବାକୁ ପଡ଼ିବ। ଏକାକୀ ସମୁଦ୍ର ତଟରେ, ନଦୀ ପଠାରେ ଏବଂ ରାସ୍ତାରେ ଯାତ୍ରା କଲାବେଳେ ଆକାଶର ତାରାମାନଙ୍କ ସହ କଥା ହେବାକୁ ପଡ଼ିବ। (ଆରଥରକୁ)

କାଡ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

## ସ୍ମୃତି ଶତଦଳ ୧୮୨



# ॥ ମୋ ମା' ସୁନାମଣି ଦେବୀ ॥

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

ମୋର ପ୍ରଥମ ମା' ଡାକର ଉତ୍ତର ଦେଇଥିବା ମୋ ଆଈ ସୁନାମଣି ଦେବୀ ମୋ ପାଇଁ ଆଉ କିଛି ନୁହେଁ ମୋ ମା'- ଯିଏ ମତେ ଜୀବନଦାନ କରିଥିଲା, ମତେ ପାଳି ପୋଛି ବଡ଼ କରି ଠିଆ କରାଇଥିଲା ସବୁ ଅଳି ଅର୍ଦ୍ଦଳି ସହିଥିଲା, ସବୁ ରାଗ ସହ ଅନୁରାଗର ବର୍ଷାରେ ଓଦା ହୋଇଥିଲା ଏବଂ ସବୁ ମାନ ଅଭିମାନ ସହି ସ୍ୱାଭିମାନରେ ଦମ୍ଭହୋଇ ଠିଆହେବାକୁ ମତେ ଅନୁପ୍ରାଣିତ କରିଥିଲା ।

(ପୂର୍ବ ପ୍ରକାଶିତ ଉତ୍ତାରୁ)

ତା' ଦେହର ରଙ୍ଗ ତୋଫା ଗୋରା, ତା' ସାଙ୍ଗରେ ଚମ୍ପା ହଳଦିଆ ବର୍ଣ୍ଣର ମିଶାମିଶି ଏକ ଅନୁପମ ରଙ୍ଗର ସେ ଏକ ଅନନ୍ୟ ଆଲେଖ୍ୟ । କପାଳରେ ବଡ଼ ସିନ୍ଦୁର ଟୋପା, ସିନ୍ଥାରେ ସିନ୍ଦୁର, ଦୁଇ କାନରେ ନାଲି ଆପ୍‌ଲ୍ ବସା କାନଫୁଲ ଏବଂ ବେକରେ ବିଛା ଡିଜାଇନ୍‌ର ସୁନାହାର । ଅଧିକାଂଶ ସମୟ ସେ ପିନ୍ଧିଥାଏ ସୂତା, ନାଲି ବର୍ଡ଼ର ଥିବା ଶାଢ଼ୀ, ଅଥଚ ସେଇ ସାଧାରଣ ଶାଢ଼ିରେ ସେ ଦିଶେ ଅସାଧାରଣ, ତା'ର ବ୍ୟକ୍ତିତ୍ୱ ଲାଗେ ଅଦ୍ୱିତୀୟ। ବେଳେବେଳେ ପୂଜାସାରି ଠାକୁର ମନ୍ଦିରରୁ ଫେରି ଆସିଲା ବେଳେ, ସେ ଅପରୂପା ଦେବୀ ପ୍ରତିମାଟିଏ ଭଳି ଦିଶେ । ସେ ମୋ ଆଈ ଓରଫ୍ ମା' ସୁନାମଣି ଦେବୀ ।

ଜଣଜଣଙ୍କର ଉପସ୍ଥିତି, ଜଣଜଣଙ୍କ ପଦେ ମିଠାକଥା ଏବଂ ଜଣଜଣଙ୍କର କୋମଳ ଚାହାଣୀ ଏତେ ବେଶୀ ଆଶ୍ୱସ୍ତକର ଲାଗେ ଓ ଅଭିଭୂତ କରିଦିଏ ଯେ, ଲାଗେ ତା' ସାନ୍ନିଧ୍ୟ ମତେ ସାରା ଜୀବନ ମିଳୁଥାନ୍ତା କି ? ତା' ହାତ ସବୁବେଳେ ମୋ କପାଳକୁ ଆଉଁସି ଦେଇ ଆଶୀଷର ବାରିଧାରା ଢାଳି ଦେଉଥାନ୍ତା କି ? ଐଶ୍ୱର୍ଯ୍ୟ, ଔଦାର୍ଯ୍ୟ ଓ ମାଧୁର୍ଯ୍ୟର ଏକ ଅଦ୍ଭୁତ ସମ୍ମିଶ୍ରଣ ସେ' । ମୋର ମନେଅଛି ଆମେ ପିଲାଦିନେ ତାକୁ ପଚାରୁଥିଲୁ, "ତୋ ନାଁ ସୁନାମଣି କିଏ ଦେଲା ? ଜନ୍ମ ହେଲା ବେଳକୁ ତୁ କ'ଣ ସୁନା ଛାଉଣି ହୋଇ ଜନ୍ମ ହୋଇଥିଲୁ, ନାଁ ଆଉଟା ସୁନାରେ ସଂପୂର୍ଣ୍ଣ ଭାବେ ବୁଡ଼େଇ ଦେଇଥିଲେ ତତେ ?" ଆଈ ହସି ହସି ଉତ୍ତର ଦେଉଥିଲା- "ମୋ ବାପା, ବୋଉ ଏ ନାଁ ମତେ ଦେଇଥିଲେ ।" ସତରେ ଶୁଦ୍ଧ ସୁବର୍ଣ୍ଣ ଭଳି ଯାହାର ରୂପ କାନ୍ତି, ଦେବୀ ପ୍ରତିମା ଭଳି, ଯିଏ ତେଜସ୍ୱିନୀ, ତା' ନାଁ 'ସୁନାମଣି ଦେବୀ' ନ ହୋଇ ଆଉ କ'ଣ ବା' ହୋଇପାରିଥାନ୍ତା ?"

ଫାଲ୍‌ଗୁନ ମାସ ଦୋଳ ଉତ୍ସବ ବେଳକୁ ମୋର ଜନ୍ମ । ଶରତ ଋତୁ ପରେ ବସନ୍ତ ଋତୁ, ସେ ଋତୁରେ ଧରିତ୍ରୀ ରୂପମତୀ ହୋଇ ଉଠେ, ମଳୟ ପବନର ସ୍ପର୍ଶରେ ଗଛ, ଲତା, ଫୁଲ, ପ୍ରକୃତି ଓ ଆକାଶ ସହ ଦିଗ୍‌ବଳୟ ମଧ୍ୟ ହୋଇ ଉଠେ ରଂଗୀନ । ସେଥିପାଇଁ ମାର୍ଚ୍ଚ ମାସରେ ଜନ୍ମ ହୋଇଥିବା ମଣିଷମାନେ ଭାବୁକ ହୋଇଥାନ୍ତି ଏବଂ ହୋଇଥାନ୍ତି ମଧ୍ୟ ସ୍ୱପ୍ନ ବିଳାସୀ, ଯାହା ମୋ କ୍ଷେତ୍ରରେ ଘଟିଥିଲା ଏବଂ ଆଈ ପାଇଁ ପଦେ ନଲେଖିଲେ ମୋର ଲେଖିବା ପଣିଆଁ ହିଁ ବୃଥା ହୋଇଯିବ ।

ମୋ ବୋଉ ମତେ ଜନ୍ମ ଦେବା ପୂର୍ବରୁ ଖୁବ୍ ଲେଖାଲେଖି କରୁଥିଲା । ମୋ ନନା (ବାପା) ମଧ୍ୟ ଲେଖାଲେଖି କରୁଥିଲେ । ତେବେ ବୋଉର ଦେହ ଖରାପ ହେବାରୁ ସେ ମୋ ମାମୁଘର ସୁନ୍ଦରଗଡ଼କୁ ଯାଇ ଅଜା, ଆଈଙ୍କ ପାଖରେ ରହିଥିଲା। ଅଜା ଜଣେ ଶିକ୍ଷାବିତ୍, ପଶ୍ଚିମ ଓଡ଼ିଶାର କବି ଓ ସମାଜସେବୀ ଥିଲେ, ତେଣୁ ମୋ ଜନ୍ମ ହେବା ଆଗରୁ ମତେ କବିତାର ଭାଷାରେ ସମ୍ବୋଧନ କରିଥିଲେ କିନ୍ତୁ ମୋ ଜନ୍ମ ପରେପରେ ବୋଉର ଦେହ ଖୁବ୍ ଖରାପ ହୋଇଗଲା । ଏମିତି କି ସେ ମତେ କୋଳରେ ଧରିବା ମଧ୍ୟ ସମ୍ଭବ ହୋଇ ପାରିନଥିଲା । ତାକୁ ଜରୁରୀକାଳୀନ ପରିସ୍ଥିତିରେ ସୁନ୍ଦରଗଡ଼ରୁ କଟକ ଆଣିବାକୁ ପଡ଼ିଲା ଏବଂ ଆସିବା ଆଗରୁ ଲୁହର ନଈରେ ଗାଧୋଇ ମତେ ଅଏଲ୍‌କ୍ଲଥରେ ଶୁଏଇ, ଅଜା ଓ ଆଈଙ୍କ ହାତକୁ ବୋଉ ଟେକି ଦେଇଥିଲା ଏବଂ କାନ୍ଦି କାନ୍ଦି କହି ଥିଲା "ବାପା, ବୋଉ, ତୁମକୁ ମୋ ଝିଅ ଲାଗିଲା ।"

ଅଜା, ଆଈ ମଧ୍ୟ କମ୍ ମନଦୁଃଖ କରିନଥିଲେ । ମାତ୍ର ସତରବର୍ଷର ଝିଅ ଯଦି ଏମିତି କାନ୍ଥବାଡ଼ ଧରି ଚାଲିବ, ନିଜର ଯତ୍ନ ନେଇ ପାରିବନି କି ସଦ୍ୟ ଜନ୍ମିତା ଝିଅକୁ କୋଳେଇ ନେଇ ପାରିବାର ସାମର୍ଥ୍ୟ ରଖିବନି, କୋଉ ବାପା', ମା' ଭଲା ସମ୍ଭାଳି ପାରିବେ? ତେଣୁ ଖୁବ୍ ଆନନ୍ଦର ସହ ଅଜା, ଆଈ ମତେ କୋଳେଇ ନେଇଥିଲେ । ବୋଉର ଚିକିତ୍ସା ପାଇଁ ତାକୁ କଟକ ନେଇଯିବା ପରେ ମୁଁ ସଂପୂର୍ଣ୍ଣ ଭାବେ ଆଈ, ଅଜାଙ୍କ ଦାୟିତ୍ୱରେ ରହିଲି । ମୁଁ ଯେତେବେଳେ ଟିକେ ଟିକେ ଗୁରୁଣ୍ଡିଲି ଏବଂ ଠିଆହେଲି ଏବଂ କଥା କହିବା ଆରମ୍ଭ କରି ମା' ମା' ବୋଲି ଡାକିଲି, ମୋର ପ୍ରଥମ ମା' ଡାକର ଉତ୍ତର ଦେଇଥିଲା ମୋ ଆଈ, ସେଇ ଦିନଠାରୁ ଆଈ ମୋର ମା' ଓ ମୁଁ ତା'ର ଝିଅ ।

ମୋର ପ୍ରଥମ ମା' ଡାକର ଉତ୍ତର ଦେଇଥିବା ମୋ ଆଈ ସୁନାମଣି ଦେବୀ ମୋ ପାଇଁ ଆଉ କିଛି ନୁହେଁ ମୋ ମା'- ଯିଏ ମତେ ଜୀବନଦାନ କରିଥିଲା, ମତେ ପାଳି ପୋଛି ବଡ଼ କରି ଠିଆ କରାଇଥିଲା ସବୁ ଅଳି ଅର୍ଦ୍ଦଳି ସହିଥିଲା, ସବୁ ରାଗ ସହ ଅନୁରାଗର ବର୍ଷାରେ ଓଦା ହୋଇଥିଲା ଏବଂ ସବୁ ମାନ ଅଭିମାନ ସହି ସ୍ୱାଭିମାନରେ ଦମ୍ଭହୋଇ ଠିଆ ହେବାକୁ ମତେ ଅନୁପ୍ରାଣିତ କରିଥିଲା । ମତେ ତା' ପଣତକାନି ତଳେ ରଖି ବଢ଼ାଇ, କୁଢ଼ାଇ, ଲୁହ, ଲହୁରେ ଓଦାହୋଇ ମତେ ମଣିଷ କରିଥିଲା । ସେଇ ମା' ସୁନାମଣୀ ଦେବୀ ଉପରେ ପୃଷ୍ଠା ପରେ ପୃଷ୍ଠା ନ ଲେଖିଲେ, ମୋର ଲେଖନୀ ଅଧୁରା ରହିଯିବ, ମୋର ସ୍ୱପ୍ନ, ମୋର ଜୀବନ ମଧ୍ୟ ଅଧୁରା ରହିଯିବ ନି କି ! ତା' ବିନା ମୋ ସ୍ଥିତି ଯେ ଅସମ୍ଭବ ।

ମୋ ପାଇଁ ସେ ଆଈ ନଥିଲା, ଥିଲା ମା', ମୋର ସାନମାଉସୀଙ୍କର ବାହାଘର ପରେ, ସେମାନେ ଏକାକୀ ରହୁଥିଲେ, ତେଣୁ ସେମାନେ ମଧ୍ୟ ମତେ ସାନଝିଅ ଭଳି ଦେଖୁଥିଲେ। ମୁଁ ପିଲାଦିନେ ଖୁବ୍ ପତଳା ଓ ଦୁର୍ବଳ ଥିଲି, ଆଦୌ ଖାଉନଥିଲି । ମୋର ଯାହା ମନେପଡୁଛି ଅଜା ଓ ମା' ମୋର ଦୁଇପଟେ ବସି ଭାତ, ଡାଲି, ତରକାରୀ ଖୁଆଇବା ଠାରୁ ଆରମ୍ଭ କରି ରାତି ପର୍ଯ୍ୟନ୍ତ ସବୁ ଜିନିଷ ଖୁଆନ୍ତି । ଘଂଟା ଘଂଟା ଧରି ମୁଁ ପାଟିବନ୍ଦ କରି ବସିଥାଏ, ଆଦୌ ପାଟି ଖୋଲି ଖାଉନଥିଲି କି ଖାଇଲେ ମଧ୍ୟ ଢୋକୁ ନଥିଲି । ଅନେକ ସମୟ ଧରି ମିଠା, ଛେନା କି ମାଛ ମାଂସ ଆଦି ଧରି ଅଜା ମା'ଖୁଆଇବାକୁ ଚେଷ୍ଟା କଲେବି ମୁଁ ଖାଉ ନଥିଲି । ବେଳେବେଳେ ମା' ଥଟ୍ଟା କରି କୁହେ - ବୁଲୁ (ମୋ ଡାକ ନାଁ ଥିଲା ବୁଲୁ)ର ତଣ୍ଟି ଏତେ ସରୁ ଯେ, କିଛି ଜିନିଷ ଢୋକି ପାରୁନି । ଗୋଟିଏ ଚିମୁଟା ଆଣି ତା ତଣ୍ଟିକୁ ମୁଁ ବଡ଼ କରିଦିଏ । କୌଣସି ପ୍ରକାର ସ୍ନେହ, ଗାଳି ବା' 'ଏଇଟା ଦେବି', 'ସେଇଟା ଦେବିର' ଲାଂଚ ମଧ୍ୟ ମତେ ଖୁଆଇ ପାରେନି କିନ୍ତୁ ଅଜାଙ୍କ ପାଖରେ ପାଠପଢ଼ି ବସିଲା ବେଳେ ସବୁ ଜିନିଷ ଠିକ୍‌ଠାକ୍ ହୋଇଯାଏ । ଅଜା ମର୍ଣ୍ଣିଂ ୱାକ୍ କରିବାକୁ ଗଲାବେଳେ ତାଙ୍କ ଆଙ୍ଗୁଠି ଧରି ମୁଁ ଚାଲୁଥିଲି ଏବଂ ସେଇ ୱାକ୍ ସମୟରେ ବି ସେ ମତେ ପାଠ ପଢ଼ାଉଥିଲେ ।

ମୋର ମନେଅଛି, ରାତିରେ କେଉଁ ଦିନ ଶୀଘ୍ର ଶୋଇପଡ଼ିଲେ, ମା' ମତେ ରାତି ୪ଟାରେ ଉଠାଇଦିଏ ଏବଂ ମୁଁ ପାଠପଢ଼ିବି ବୋଲି ରାତି ରାତି ଅନିଦ୍ରା ହେଲାବେଳେ ମା' ବି ରାତି ଅନିଦ୍ରା ହୋଇ ମୋ' ପାଖରେ ବସିଥାଏ ଏବଂ ମତେ ନିଦ ଲାଗିଲେ, ମୋ ଆଖିରେ ପାଣିମାରି ଦେଇ, ମୋ ପାଖରେ ବସେ । ମା' କଥା ଭାବିଲେ ଲାଗେ ଜନ୍ମଜନ୍ମାନ୍ତର ପାଇଁ ତା' ଋଣ ସୁଝିବା ମୋ ପାଇଁ ଅସମ୍ଭବ ହୋଇ ପଡ଼ିବ । (କ୍ରମଶଃ)

## ପୁସ୍ତକ ସମୀକ୍ଷା

### ମିଛ ବିଶ୍ୱାସ
**କବି: ରତ୍ନାକର ରାଉତ**

ପ୍ରକାଶକ :
ନୀଳିମା, କମଳପୁର, ମାର୍କଣ୍ଡପୁର,
ଦେବୀଦ୍ୱାର, ଯାଜପୁର-୭
ମୂଲ୍ୟ-୯୦/-



ନିମଗ୍ନ ବିବଶତା ଭିତରେ କବିତା ଏକ ଆକାଂକ୍ଷିତ ସକାଳ । ସେ ପୁଣି ବିସ୍ମୟ ବିଶ୍ୱାସକୁ ନେଇ ବିଧିବଦ୍ଧ 'ଆରମ୍ଭ ବିସ୍ତାର ଓ ପରିଣତି'ର ସୁଦୀର୍ଘ ଦସ୍ତଖତ । ନିତ୍ୟ ନୈମିତ୍ତ ଦିନଚର୍ଯ୍ୟାର ନିର୍ମୋକ ଭିତରୁ ବାହାରି ଜୀବନାନୁଭବର ନବ ଉନ୍ମେଷଶାଳୀ ପ୍ରଜ୍ଞା ଓ ତା'ର ଉଚ୍ଚାରଣରେ ପାଠକୀୟ ଚିତ୍ତବୃତ୍ତିକୁ ଉଜାଗ ଅନୁଭବର ସ୍ୱାଦ ବାଣ୍ଟିବାର ଅନନ୍ୟ ଏବଂ ସ୍ୱତନ୍ତ୍ର ଭାବରେ ନିଜକୁ ଜାହିର କରିପାରିଥିବା କତିପୟ କବିଙ୍କ ମଧ୍ୟରୁ ବରିଷ୍ଠ କବି ରତ୍ନାକର ରାଉତ ଅନେକଙ୍କ ପାଇଁ ଶ୍ରଦ୍ଧାଶୀଳ ନାମଟିଏ, ଯାହାଙ୍କର ସପ୍ତମ କବିତା ସଂକଳନ 'ମିଛ ବିଶ୍ୱାସ'ରେ ସେ ପ୍ରତିପାଦନ କରିଛନ୍ତି ନିଜର ଆତ୍ମନିଷ୍ଠ ବିଚାର ଏବଂ ମନସ୍ତାତ୍ତ୍ୱିକ କାବ୍ୟ ବିଷାରଦ ପଣକୁ । ବିଶ୍ୱାସ ପୁଣି ମିଛ ହେଲା କିପରି? କେତୋଟି ମୁହୂର୍ତ୍ତରେ ଆତ୍ମ ସମର୍ପଣରେ ବି ମନ ସହ ବ୍ରହ୍ମର ଘଟେ ମିଳନ । ଦୁଃଖ, ଯନ୍ତ୍ରଣା, ବିଷାଦ ଓ ବିଷର୍ଣ୍ଣତାର ଆଚ୍ଛନ୍ନ ଅନ୍ଧକାର ଭିତରେ କବି ଆତ୍ମନିଷ୍ଠତାକୁ ନେଇ ତାଙ୍କର କବିତା ଓ କବିତା ପରିଧିଭୁକ୍ତ ଜୀବନ ପାଇଁ କେଉଁଠି ଖୋଜିଛନ୍ତି ମନ୍ଦ୍ର ମଧୁର ବେଦଧ୍ୱନି ପୂରିତ ସକାଳ; ସେଇ ସକାଳ ହିଁ ତାଙ୍କର ସକଳ କାବ୍ୟସାଧନର ଉଚ୍ଚାରିତ ସ୍ୱର ଓ ସ୍ୱାକ୍ଷର ।

ସଂକଳନଟିରେ ସ୍ଥାନ ପାଇଛି ମୋଟ୍ ୩୧ଟି କବିତା । ସ୍ଥିତିବାଦୀ ଚେତନାର କବି ଶ୍ରୀଯୁକ୍ତ ରାଉତ ତାଙ୍କ କବିତାରେ ମୁଖ୍ୟତଃ ତିନୋଟି ଦିଗକୁ ପ୍ରାଧାନ୍ୟ ଦେଇଛନ୍ତି । ଯଥା (କ) ବିଚାରଗତ ସ୍ଥିରତା, (ଖ) ଜୀବନୀୟ ବାସ୍ତବତା (ଗ) କାବ୍ୟ ଅବରୋହଣରେ ସାର୍ବଜନୀନତା । ସଂକଳନର ଶୀର୍ଷକ କବିତା 'ମିଛ ବିଶ୍ୱାସ' ଏକ ବୃତ୍ତୀୟ କବିତାର ସୌନ୍ଦର୍ଯ୍ୟମୟ ନମୁନା, ଯେଉଁଠାରେ କେନ୍ଦ୍ରୀୟ ଚିନ୍ତାଧାରାର ବ୍ୟାସାର୍ଦ୍ଧ ହେଉଛି କାବ୍ୟିକ ବାୟସ ପଣ । ମନର ମାନସାଂକ ସବୁ କବିତାର ଘଟ ଓ ଚିତ୍ର ଭାବରେ ପ୍ରତିପାଦ୍ୟ ହୋଇଛି ଆତ୍ମମଗ୍ନ ବିଶୁଦ୍ଧ ଦହନରେ । ଆତ୍ମଦର୍ଶନ ପ୍ରବୃଦ୍ଧ କବି ମଧ୍ୟ ଖୋଜୁଛନ୍ତି ମାୟାର କଦମ୍ବବନରୁ ନିରୁଦ୍ଦିଷ୍ଟ ହେବାକୁ ଯାଉଥିବା କାଦମ୍ବିନୀକୁ ? ମିଛ ବିଶ୍ୱାସର ସୁନୀଳ ଆୟତ ଛାତିରେ ଦୋଳାୟମାନ ଭାବେ ଆତଯାତ ସେଇ ପକ୍ଷୀ କାଦମ୍ବିନୀ । ମିଛ ବିଶ୍ୱାସର ଅପରପକ୍ଷର ଥାଇ ମାନସମନ୍ଥରେ ରତ କବି । ଖୋଜୁଛନ୍ତି, ମନ ପାଇଁ ସମର୍ପଣର ଆଉ ଏକ ବିସ୍ମୟ ବିଦ୍ୟମାନତାକୁ ।

ମନରୁ ବ୍ରହ୍ମ ଆଡ଼କୁ ଗତିଶୀଳ କବିଙ୍କର ମନ୍ମୟ ପଣ । ତନ୍ମୟ ଭବସତ୍ତାରେ କବି ଅନୁଭବକୁ ଆଣିଛନ୍ତି ମନ୍ମୟ ଭାବସତ୍ତାକୁ ଏବଂ ସେଇଠି କବି ଜାହିର କରିଛନ୍ତି ବ୍ରହ୍ମସତ୍ତାର ବଜ୍ର ଓଁକାର, ଆତ୍ମାର ଆତିଥ୍ୟ, ସାନ୍ନିଧ୍ୟ, ସମାଜର ଏବଂ ଚେତନଶୀଳତା ବା ସୋଲ କନ୍‌ସସ୍‌ନେସ୍‌କୁ । 'ମୁଁ ଥିବି' କବିତାରେ ଶ୍ରୀଯୁକ୍ତ ରାଉତ ସ୍ୱକୀୟ ସ୍ଥିତିବାଦୀ ପଦମାନଙ୍କରେ କହିଲେ- "ମୋତେ ଯେଉଁ ନାମରେ ଡାକିବ ଡାକ/ ମୋତେ ଯେଉଁ ଉପାଧୀ ଦେବ ଦିଅ/ ତୁମ ମନକୁ ଯାହା ଛୁଉଁଛି/ ସେହି ଭାବରେ ମୋତେ ସଂବୋଧନ କର/ କିମ୍ବା ମୋ' ଶରୀରର ଆକୃତିକୁ ବର୍ଣ୍ଣନା କରି/ ମୋର ଗୋଟେ ପରିଚୟ ସୃଷ୍ଟିକର/ ++++ ସେଥିରେ ମୋର ଯାଏ ଆସେ ନାହିଁ ++++ ଅନେକ ଦିନ ବିଶ୍ରାମ ପରେ ମୁଁ ବାହୁଡ଼ିଛି/ ଏବେ ଏଇ ଶରୀରରେ ମୋର ଅବସ୍ଥାନ/ ସୀମିତ ଅବଧି ମଧ୍ୟରେ/ ଅସୁମାରୀ ଅନୁଭବକୁ/ ଆଦରି ନେବାର ପ୍ରଲୋଭନ ତା'ର/ +++ ଏବେ ଯାହା ଏଠାରେ ଅଛି/ ହୁଏତ ଆଉ କେତେ କାଳପରେ/ ତାହା ଏଠାରେ ନ ଥିବ/ କିନ୍ତୁ ମୁଁ ଥିବି ।"

ରସ, ରାସ ଓ ଉଲ୍ଲାସର ଜୀବନକୁ କବି ବୁଝାଇଛନ୍ତି ଖେଳ କବିତାରେ । ସମୟର କ୍ରୀଡ଼ାନକ ଭାବରେ ମଣିଷକୁ ଉପସ୍ଥାପନ କଲାବେଳେ କବି କହିଛନ୍ତି- 'ନାନା ଖେଳନାରେ ଖେଳୁଥିବା ଶିଶୁ/ ବଡ଼ ହେଲେ ନିଜେ ଗୋଟେ ଖେଳନା ପାଲଟିଯାଏ/ ସେ ଖେଳନାର ଚାବିଥାଏ ଆଉ କେଉଁଠି/ ଚାବି ଦେଇ ଛାଡ଼ିଦେଲେ/ ଖେଳନା ମାତେ/ ଚାବିର ଆୟୁଷ ଶେଷ ନହେବା ଯାଏଁ ସେ ସେମିତି ଖେଳରେ ହିଁ ମାତିଥାଏ ।"

ଇଣ୍ଟରନେସନାଲ ହ୍ୟୁମାନିଷ୍ଟ ଆଣ୍ଡ ଏଥିକାଲ ୟୁନିଅନ (IHEU) ହ୍ୟାପି ହ୍ୟୁମେନ୍‌ର ତତ୍ତ୍ୱ ବାଣ୍ଟିଲାବେଳେ କବିଟିଏ ସମାଜତତ୍ତ୍ୱ, ଦର୍ଶନତତ୍ତ୍ୱ, ଜ୍ଞାନ ବିଜ୍ଞାନ ଓ ପ୍ରଜ୍ଞାନର ଦୀର୍ଘ ବକ୍ତୃତାରୁ ମୁକୁଳି କାନ ପାତି ଶୁଣିବାକୁ ଚେଷ୍ଟା କରୁଛି ଆତ୍ମାର ଆଶ୍ଳେଷମୟ ସଂଗୀତଟିଏ । ଏହାକୁ ସମର୍ଥନ କରିବ ଜନ୍‌ଷ୍ଟୁଆର୍ଟ ମିଲଙ୍କର ଉକ୍ତି- Eloquence is heard, poetry is overheard." ଏହି ଓଭର୍‌ହାର୍ଡ ବା ସ୍ୱଷ୍ଟତର କାବ୍ୟସ୍ୱରରେ ଗାମ୍ଭୀର୍ଯ୍ୟ ଏବଂ ଔଦାର୍ଯ୍ୟ ଖୋଜି ବସିଲେ 'ମିଛ ବିଶ୍ୱାସ' କବିତା କୃତି ଗୁଡ଼ିକ ଏହାର କିଛି ଉତ୍ତର ଦେଇପାରିବ, ଯାହାର ଆବେଦନ ବାହେନ୍ଦ୍ରୀୟକୁ ପଛରେ ପକାଇ ଅନ୍ତରିନ୍ଦ୍ରୀୟ ପର୍ଯ୍ୟନ୍ତ ଗତିଶୀଳ ଏବଂ ଅନୁଭବ୍ୟ । ଜଣେ ସ୍ୱଷ୍ଟବାଦୀ ଆତ୍ମନିଷ୍ଠ କବି ଭାବରେ 'ରେ ଆତ୍ମନ୍ ନିଦ୍ରା ପରିହରି' ପରି ଜୀବନକୁ ନେଇ ଅସାର ତତ୍ତ୍ୱକୁ ବୁଝାଇଛନ୍ତି କବି 'ଅଜଣା ଠିକଣା' କବିତାରେ । ଯଥା- "+++ ଆସନ୍ତାକାଲି କେତେ ଯୋଜନ ଅକ୍ତିଆର/ କରି ନେବାକୁ ମାଳ ମାଳ ଯୋଜନା ଓ ଗୁପ୍ତ ମନ୍ତ୍ରଣା/ ତୁମର ଗତି ଏବେ ଦୃପ୍ତ ଓ କ୍ଷିପ୍ର/ ତଥାପି ଯେତେବେଳେ ସବୁ ସଫଳତା/ ନିକଟରେ ବଶଂବଦ ତୁମେ କାହିଁକି ଉଦାସ/ ହୋଇପଡୁଛି ବେଳକୁ ବେଳ/ ଆଉ କ'ଣ ଲୋଡ଼ା ଜୀବନରେ/ କାହାକୁ ଖୋଜୁଛ/ କ'ଣ ଖୋଜୁଛ?/ ପଥ ନା/ ଯେଉଁ ପଥରେ ବହି ନେଇଯିବ/ ସାଥୀରେ ଅର୍ଜିତ ସକଳ ଐଶ୍ୱର୍ଯ୍ୟ/ ଯେବେ ଫେରିଯିବାକୁ ହେବ/ ଏଠାରୁ ତୁମକୁ/ ଏକ ଅଜଣା ଠିକଣାକୁ ।

କବି ଶ୍ରୀଯୁକ୍ତ ରାଉତ ସମଗ୍ର ସଂସାରକୁ ଯାଦୁ ନଗରୀ ବୋଲି ବୁଝାଇବାକୁ ଚେଷ୍ଟା କରିଛନ୍ତି (କବିତା-ଅତିଥି) । ପୁନଶ୍ଚ ସେଇ ଯାଦୁ ନଗରୀର ଏକକୀ ପଥିକ ଭାବରେ ନିଜର ଏକାଧିକ କବିତାରେ 'ନନ୍ଦଦାସ' ଚରିତ୍ରଟିଏ ଚାଲୁଥିବାର ଦୃଶ୍ୟ ଦେଖାଇଛନ୍ତି । ଦୁଇଟି ଭାଗରେ ବିଭକ୍ତ ତାଙ୍କର ଅନ୍ୟତମ କବିତା 'ଚଲାପଥ'ରେ ନନ୍ଦଦାସ ଚରିତ୍ରଟି କ'ଣ ଦୁଃଖମୟ ଜୀବନରୁ କାମନାର ବିନାଶ ଏବଂ ନିର୍ବାଣ ପ୍ରାପ୍ତିର ବିକଳ୍ପ ସଂଧାନୀ ବୋଧି ସତ୍ତ୍ୱ?

ବିଧି ଏବଂ ଅବିଧି ଭିତରେ ବୋଧ ହିଁ ବଦ୍ଧଜୀବକୁ ଦିଏ ମୁକ୍ତିର ମାର୍ଗ । ଏହାହିଁ ଶ୍ରୀଯୁକ୍ତ ରାଉତଙ୍କର କବିତାର ସୁକ୍ତି । ବୌଦ୍ଧିକ ଏବଂ ତାତ୍ତ୍ୱିକ ଶବ୍ଦ ଅପେକ୍ଷା ସହଜଗମ୍ୟ ଶବ୍ଦ ଭିତରେ ବି କବି ସ୍ୱକୀୟ କବିତାମାନଙ୍କୁ ଦେଇଛନ୍ତି ବାରହାତ ଖଡ଼ଗୀୟ ବର୍ଣ୍ଣନାର କଲ୍‌କୀ ଅବତାର । ସ୍ନାୟୁଠାରୁ ଆୟୁ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ କବି ଜୀବନପ୍ରତି ସଚେତନ; ଆତ୍ମଜାଗ୍ରତ ତଥା ଆତ୍ମଲିପ୍ତ ଶିବ ସଂକଳ୍ପରେ ସମାହିତ । ଆଲୟ, ମୁକ୍ତି, ଆସ୍ଥା, ନିଦାଦ, ଅସ୍ତିତ୍ୱ, ରୋମନ୍ଥନ, ରୂପାନ୍ତରଣ, ବୃକ୍ଷଗୁରୁ, ଏଯାତ୍ରାର ଶେଷ କେଉଁଠି, ମୁଁ ଥିବି ପ୍ରମୁଖ କବିତା ଭିତରେ କାବ୍ୟ ଚାତୁରୀ ଏବଂ ବର୍ଣ୍ଣନାର ଚଟୁଳତା ଅପେକ୍ଷା ଆତ୍ମ ବିଶୋଧନ ଏବଂ ଜୀବନାନୁଭବର ସ୍ଥିରଚିତ୍ର ସବୁ ଉଦ୍‌ଭାସିତ ।

ମହାକାଳକୁ ସମକାଳ ସହ ସଂଯୋଜିତ କରିପାରିବା ଭଳି ଅସୀମିତ ଦକ୍ଷତା ଓ ସାମର୍ଥ୍ୟ ଥାଏ କବିର କଲମରେ । ପୁଣି ସମକାଳକୁ ମହାକାଳର ସଂଜ୍ଞା ଓ ସଂକେତ ଦେଖାଇପାରେ କବିର କଲମ । ଅମୂର୍ତ୍ତ ମୁହୂର୍ତ୍ତର ମହିମାମଣ୍ଡିତ ଶବ୍ଦ ଶୁଣାଇ ସାମର୍ଥ୍ୟ କବିତା ଭିତରେ ଲୁଚିଥିଲେ, ସେ କବିତା ପାଲଟିଯାଏ ମନ୍ତ୍ର ପରି କ୍ରିୟାଶୀଳ ଏବଂ ସ୍ତୋତ୍ରପରି ଚେତନଶୀଳ । କବି ଶ୍ରୀଯୁକ୍ତ ରାଉତ ସ୍ୱକୀୟ 'ମିଛ ବିଶ୍ୱାସ' ଭିତରେ ଜୀବନକୁ ନେଇ ବିସ୍ମୟ ଉଚ୍ଛ୍ୱାସର ମହାନ୍ ଉଦ୍‌ଗାତା ପାଲଟିଛନ୍ତି ବୋଲି ସ୍ଥିତିବାଦୀ ଏବଂ ଜୀବନବାଦୀ ସାହିତ୍ୟର ସୁଧୀପାଠକ ସ୍ୱୀକାର କରିବେ ନିଶ୍ଚୟ ।



ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ,
ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

## ସୀତାରାମଙ୍କୁ ସହାୟ ହେଲା ଓଡ଼ିଶା - ମୋ ପରିବାର

ଭୁବନେଶ୍ୱର,୦୬।୦୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଧୂମାତ ଗ୍ରାମର ସୀତାରାମ ମଲ୍ଲିକ ଗତ ଆଠ ବର୍ଷ ହେଲା ଆଣ୍ଠୁ ଗଣ୍ଠି ରୋଗରେ ଆକ୍ରାନ୍ତ ହୋଇ କୋହଭରା କଣ୍ଠରେ ଗଣମାଧ୍ୟମ ଆଗରେ ଚିକିତ୍ସା ଲାଗି ସହାୟତା ମାଗିଥିଲେ । ଏ ଖବର ପାଇବା ପରେ ଓଡ଼ିଶା-ମୋ ପରିବାର ତରଫରୁ କେନ୍ଦ୍ରାପଡ଼ା ଜୀବନ ବିନ୍ଦୁ ସଂଯୋଜକ କାଳି ପ୍ରସାଦ ମିଶ୍ରଙ୍କୁ ଯୋଗାଯୋଗ କରି ସହାୟତାର ହାତ ବଢ଼ାଇବାକୁ ଚେଷ୍ଟା କରାଯାଇଥିଲା । ଶ୍ରୀ ମିଶ୍ର କେନ୍ଦ୍ରାପଡ଼ା ସବ୍ କଲେକ୍ଟର ନିରଞ୍ଜନ ବେହେରାଙ୍କୁ ଯୋଗାଯୋଗ କରି ସମସ୍ୟା ସମ୍ପର୍କରେ ଜଣାଇଥିଲେ । ଏହାପରେ ଶ୍ରୀ ବେହେରା ସୀତାରାମଙ୍କୁ କିପରି ନିୟମିତ ଭାବେ ଔଷଧ ଯୋଗାଇ ଦିଆଯିବ ସେ ବ୍ୟବସ୍ଥା କରିବା ସହ ତାଙ୍କ ପରିବାରକୁ କିଛି ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଥିଲେ ।

# ବାଲେଶ୍ୱର ଜିଲ୍ଲାପାଳ ନେଲେ ପ୍ରଥମ ଟିକା



ବାଲେଶ୍ୱର,୦୬।୦୨ (ନି.ପ୍ର): ସମଗ୍ର ଦେଶରେ ପ୍ରଥମ ପର୍ଯ୍ୟାୟ କରୋନା ଟିକାକରଣ ସଫଳତାର ସହ ଆଗେଇ ଚାଲିଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ଆରମ୍ଭ ହୋଇଛି ଦ୍ୱିତୀୟ ପର୍ଯ୍ୟାୟ ଟୀକାକରଣ । ଏଥିରେ ଜିଲ୍ଲା ପ୍ରଶାସନର ଅଧିକାରୀ ଓ କର୍ମଚାରୀ, ଜିଲ୍ଲା ପୁଲିସର ଅଧିକାରୀ ଓ କର୍ମଚାରୀ ଏବଂ ପୌର କର୍ମଚାରୀଙ୍କୁ ସାମିଲ କରାଯାଇଛି । ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ସହରର ଗାନ୍ଧୀସ୍ମୃତି ଭବନ ଏବଂ ପୁଲିସ ଅଧିକାରୀ ତଥା କର୍ମଚାରୀଙ୍କ ପାଇଁ ବ୍ୟାରେକ ହସପିଟାଲ ଏବଂ ପୌର କର୍ମଚାରୀଙ୍କ ପାଇଁ ମୀର୍ଜା ପୋଖରୀ ପାଖ ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ଭ୍ୟାକ୍ସିନ୍ ପ୍ରଦାନ କେନ୍ଦ୍ର ସ୍ଥାପନ କରାଯାଇଥିଲା । ଗାନ୍ଧୀସ୍ମୃତି ଭବନରେ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପ୍ରଥମେ ଟିକା ପ୍ରଦାନ କରାଯାଇଥିଲା । ପରେ ଡିଆରଡିଏ ପିଡି ରବୀନ୍ଦ୍ର କୁମାର ବେହେରା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ନାୟକ, ଡିଆରଡିଏ ଏପିଡି ନୀଲୁ ମହାପାତ୍ର ପ୍ରମୁଖଙ୍କ ସମେତ ଅନ୍ୟ ଅଧିକାରୀମାନେ ଟିକା ନେଇଥିଲେ । କୋ-ୱିନ ୱେବସାଇଟରେ ପରିଚୟ ସମ୍ପର୍କିତ ତଥ୍ୟ ଯାଂଚ ପରେ ସମସ୍ତଙ୍କୁ ଭେକ୍ସିନେସନ କେନ୍ଦ୍ରକୁ ନିଆଯାଇଥିଲା । ପ୍ରଥମ ପର୍ଯ୍ୟାୟ ଭଳି ସେଠାରେ ଟିକାକରଣ ପରବର୍ତ୍ତୀ ସତର୍କତା ଓ ପଦକ୍ଷେପ ସମ୍ପର୍କରେ ପରାମର୍ଶ ସହ ଟିକା ଦିଆଯାଇଥିଲା । ଟିକା ନେବା ପରେ ସନ୍ତୋଷ ପ୍ରକାଶ ସହ ଭୟଭୀତ ନହୋଇ ସମସ୍ତେ କୋଭିଡ ଭ୍ୟାକ୍ସିନ ନେବା ପାଇଁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ଆହ୍ୱାନ ଦେଇଥିଲେ । ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ପାଇଁ ସମୁଦାୟ ୯୪୮ ଡୋଜ ଟୀକା ବାଲେଶ୍ୱର ପହଂଚିଥିବା ବେଳେ କୋଭିଡ ପରିଚାଳନାରେ ସାମିଲ ହୋଇଥିବା ଜିଲ୍ଲା ପ୍ରଶାସନର ୪୦୦ ଜଣ ଅଧିକାରୀ ଓ କର୍ମଚାରୀ, ପୁଲିସ ବିଭାଗର ୪୦୦ ଜଣ ଓ ପୌରପାଳିକାର ୧୩୪ ଜଣ କର୍ମଚାରୀଙ୍କୁ ଟିକା ପ୍ରଦାନ କରାଯିବ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୁଲାଲ ସେନ ଜଗଦେବ ସୂଚନା ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପଶ୍ଚିମବଙ୍ଗରେ କାର୍ଯ୍ୟକାରୀ ....

ଏହାସହ ବର୍ତମାନ କ୍ରିୟାନ୍ୱିତ ହେଉଥିବା ଇଥାନଲ ଉତ୍ପାଦନରେ ବୃଦ୍ଧି, ବାୟୋମାସକୁ ଗୁରୁତ୍ୱ ଓ ସିବିଜି ପ୍ଲାଂଟ୍ ପ୍ରତିଷ୍ଠାକୁ ସଦୃଢ଼ କରିବା ଦିଗରେ କାମ କରିବା ପାଇଁ ପରାମର୍ଶ ଦେଇଥିଲେ । ସେ କହିଛନ୍ତି ଦେଶର ଉର୍ଜା କ୍ଷେତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତର ଏକ ଚାବିକାଠି । ଏହାସହ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଅର୍ଥନୀତିକୁ ଗତି ଦେବା ପାଇଁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରମୁଖ ପ୍ରକଳ୍ପ ଗୁଡିକର କାର୍ଯ୍ୟକ୍ଷମ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଏହାସହ ଇଣ୍ଡିଆନ ଅଏଲର ବିଶ୍ୱମାନର ଲ୍ୟୁବ୍ ଅଏଲ ବେସ୍ ଷ୍ଟୋକ ହଳଦିଆ ରିଫାଇନାରୀ କମ୍ପଲେକ୍ସ ପରିଦର୍ଶନ କରିବା ସହ ରିଫାଇନାରୀର କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ବାର୍ଷିକ ୮ ମିଲିୟନ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ହଳଦିଆ ରିଫାଇନାରୀ ପୂର୍ବ ଭାରତରେ ପେଟ୍ରୋଲିୟମ ଉତ୍ପାଦ ଯୋଗାଣ କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ନେବ ଏବଂ ଦେଶର ଉର୍ଜା ସୁରକ୍ଷା ସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆତ୍ମନିର୍ଭର ଭାରତକୁ ମଜବୁତ୍ କରିବାରେ ସହାୟକ ହେବ । ସୂଚନାଯୋଗ୍ୟ, ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ହଳିଦିଆ ଠାରେ ଆୟୋଜିତ ଏକ ବିଶାଳ କାର୍ଯ୍ୟକ୍ରମରେ ଯୋଗଦେଇ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ଓ ସଡ଼କ ପରିବହନ ବିଭାଗର ମୋଟ୍ ୪ ହଜାର ୭୦୦ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ୪ଟି ବିକାଶମୂଳକ ପ୍ରକଳ୍ପକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି । ୩୪୭ କିଲୋମିଟର ଲମ୍ବ ଧୋବି-ଦୁର୍ଗାପୁର ପ୍ରାକୃତିକ ଗ୍ୟାସ ପାଇପଲାଇନ, ଭାରତ ପେଟ୍ରୋଲିୟମ କର୍ପୋରେସନ(ବିପିସିଏଲ) ଦ୍ୱାରା ନିର୍ମିତ ଏଲପିଜି ଇମ୍ପୋର୍ଟ ଟର୍ମିନାଲ, ଜାତୀୟ ରାଜପଥ- ୪୧ର ହଳଦିଆର ରାଣୀଛକ ଠାରେ ୪ ଲେନ୍ ବିଶିଷ୍ଟ ଆରଓବି-କମ୍-ଫ୍ଲାଏ ଓଭରର ଲୋକାର୍ପଣ କରିବା ସହ ଭାରତୀୟ ତୈଳ ନିଗମର(ଆଇଓସିଏଲ) ହଳଦିଆ ରିଫାଇନାରୀର ଦ୍ୱିତୀୟ କାଟାଲିଟିକ୍ ଡ୍ରିୱାକ୍ସିଂ ୟୁନିଟର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି ।

### ମାହାଙ୍ଗା ଡବଲ ମର୍ଡର....

କିନ୍ତୁ ତାଙ୍କ ଟେର ପାଇପାରି ନ ଥିଲା ପୁଲିସ୍ । ପରେ ବିଳମ୍ବିତ ରାତିରେ ନୂଆବନ୍ଦାଳ ଛକରେ ଏକ ଟ୍ରକ୍ ଚାପାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ନେଇ ଟାଙ୍ଗୀ ଥାନା ପୁଲିସ୍ ଖବର ପାଇଥିଲା । ଅନ୍ୟପକ୍ଷରେ ପ୍ରଫୁଲ୍ଲଙ୍କ ମୃତ୍ୟୁ ପରେ ନା ନା କଥା ଆଲୋଚନା ହେଉଛି । ତାଙ୍କୁ ଟ୍ରକ୍ ଚାପି ଦେଲା ନା ଟ୍ରକ୍ ଚପାଇ ତାଙ୍କୁ ମାରି ଦିଆଯାଇଛି, ସେ ନେଇ ଜୋରସୋର ଆଲୋଚନା ଆରମ୍ଭ ହୋଇଛି । ସୂଚନାଯୋଗ୍ୟ, ଜାନୁଆରୀ ୨ ତାରିଖ ସନ୍ଧ୍ୟାରେ ସାଲେପୁର ନଗର ମଣ୍ଡଳର ପ୍ରଭାରୀ କୁଳମଣି ବରାଳ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କ ସହିତ ବାଇକ୍‌ରେ ନୃଗାଙ୍ଗସ୍ଥିତ ନିଜ ଘରକୁ ଫେରୁଥିବାବେଳେ ଜଂକୋଟି ଗାଁ ପାଖରେ କିଛି ଦୁର୍ବୃତ୍ତ ସେମାନଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ । କୁଳମଣି ଓ ଦିବ୍ୟସିଂହ ବାଇକ୍‌ରୁ ପଡ଼ିଯିବା ପରେ ମାରଣାସ୍ତ୍ରରେ ଉଭୟଙ୍କ ମୁଣ୍ଡ ଓ ମୁହଁକୁ ହାଣି ଅଭିଯୁକ୍ତମାନେ ପଳାଇଥିଲେ । ଉଭୟଙ୍କୁ ମାହାଙ୍ଗା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ଡାକ୍ତର କୁଳମଣିଙ୍କୁ ମୃତ ଘୋଷଣା କରିଥିଲେ । ଦିବ୍ୟସିଂହଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ବିଳମ୍ବିତ ରାତିରେ ସେଠାରେ ଦିବ୍ୟସିଂହଙ୍କର ମୃତ୍ୟୁ ଘଟିଥିଲା । କୁଳମଣିଙ୍କ ପୁଅ ରମାକାନ୍ତ ୧୩ ଜଣଙ୍କ ନାଁରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସେଥିରେ ଆଇନ୍ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାଁ ରହିଛି । ମାମଲାର ତଦନ୍ତ କରିବା ପାଇଁ କଟକ ସଦର ଏସ୍‌ପି ବି.ଯୁଗଳ କିଶୋର ୫ଟି ଟିମ୍ ଗଠନ କରିଥିଲେ ।

### ଶାନ୍ତିପୂର୍ଣ୍ଣ ଭାବେ ....

ସେପଟେ ସିଙ୍ଘୁ ବର୍ଡରରେ କୃଷକଙ୍କ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ରହିଥିଲେ ମଧ ଇଂଟରେନେଟ ସେବା ବନ୍ଦ ରଖାଯାଇଛି । ସେପଟେ ଦିଲ୍ଲୀର ୧୮ଟି ମେଟ୍ରୋ ଷ୍ଟେସନକୁ ୩ ଘଂଟା ପାଇଁ ପ୍ରବେଶ ଓ ପ୍ରସ୍ଥାନ ବନ୍ଦ ରଖାଯାଇଥିଲା । ଆଉ ଦିଲ୍ଲୀର ସହିଦ ପାର୍କରେ କୃଷକ ସଂଗଠନର ଚକାବନ୍ଦ ସମର୍ଥନରେ ତିନି ନୂଆ କୃଷି ଆଇନ ପ୍ରତ୍ୟାହାର ଦାବିରେ ବିକ୍ଷୋଭ କରୁଥିବା ବିକ୍ଷୋଭକାରୀଙ୍କୁ ଗିରଫ କରିଛି ପୁଲିସ । କୃଷକ ସଂଗଠନର ୩ ଘଂଟିଆ ଚକା ବନ୍ଦ ପରେ ଗାଜି ବର୍ଡରରେ କୃଷକଙ୍କୁ ସମ୍ବୋଧିତ କରିଥିଲେ ଚାଷୀ ନେତା ରାକେଶ ଟିକାୟତ । ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ପ୍ରତ୍ୟାହାର ଓ ଏମଏସପି ପାଇଁ ଆଇନ ଆଣିବାକୁ ଅକ୍ଟୋବର ୨ ତାରିଖ ଯାଏଁ ସମୟ ଦେଇଛନ୍ତି । ଦେଶବ୍ୟାପି ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି ଚକାବନ୍ଦ ଆନ୍ଦୋଳନ । ତେବେ ଦିଲ୍ଲୀ, ଉତରପ୍ରଦେଶ ଓ ଉତରାଖଣ୍ଡକୁ ଛାଡି ଦେଶର ଅନ୍ୟସ୍ଥାନଗୁଡିକରେ କୃଷକ ସଂଗଠନ ରାଜପଥ ବନ୍ଦ କରି ବିରୋଧ ପ୍ରଦର୍ଶନ କରିଛନ୍ତି ।

### ମୁଣ୍ଡବିହୀନ ଶବର ମିଳୁନି ....

କ୍ୟାପିଟାଲ ହସ୍ପିଟାଲ ପରେ ଏମ୍ସରେ ଦ୍ୱିତୀୟ ଥର ପାଇଁ ମୁଣ୍ଡ ବିହିନ ମହିଳାଙ୍କର ଶବ ବ୍ୟବଚ୍ଛେଦ ହୋଇଛି । ପ୍ରଥମ ଶବ ବ୍ୟବଚ୍ଛେଦରେ ମହିଳାଙ୍କ ମୃତ୍ୟୁ ଶ୍ୱାସରୋଧରୁ ହୋଇଥିବା ଜଣାପଡିଛି । ତେଣୁ ମହିଳାଙ୍କୁ ତଂଟିଚିପି ହତ୍ୟା କରାଯିବା ପରେ, ମୁଣ୍ଡରୁ ଗଣ୍ଡିକୁ ଅଲଗା କରାଯାଇଥିବା ସ୍ପଷ୍ଟ କରିଛି ପୁଲିସ । ଗତ ୪ ତାରିଖ ଦିନ ଚନ୍ଦକା ଦାସପୁର ରୋଡ କଡରେ ମିଳିଥିଲା ମହିଳାଙ୍କ ମୁଣ୍ଡ ବିହିନ ଶବ । କିନ୍ତୁ ମହିଳାଙ୍କ ପରିଚୟ ଖୋଜିବା ପାଇଁ ନାକେଦମ୍ ହେଲାଣି କମିଶନରେଟ୍ ପୁଲିସ ।

### ଓଡ଼ିଶା ଗାଁରେ ଭୋଟ...

ଭୋଟର ତାଲିକାରେ । ୬ରୁ ଅଧିକ ଗାଁରେ ଲାଗିଛି ଆନ୍ଧ୍ରର ରାଜନୈତିକ ଦଳର ପୋଷ୍ଟର ଓ ଦଳୀୟ ପତାକା । ଆନ୍ଧ୍ର ନିର୍ବାଚନ ପ୍ରକ୍ରିୟାରେ କେବଳ ସାମିଲ ହୋଇନାହାନ୍ତି, ସାବା କୋଟା ପଂଚାୟତର ୱାର୍ଡମେମ୍ବର ସଭ୍ୟ ପାଇଁ ପ୍ରାର୍ଥୀ ମଧ ହୋଇଛନ୍ତି ମାଣିକ ପାଟଣା ଗାଁର ମହିଳା । ସୀମାକୁ ନେଇ ବର୍ଷ ବର୍ଷର ବିବାଦ ଚାଲିଥିବା ବେଳେ ଦୁଇ ରାଜ୍ୟର ଭୋଟର ପରିଚୟ ରହିଛି ସୀମାନ୍ତରେ ଗ୍ରାମବାସୀଙ୍କ ନିକଟରେ । ଉଭୟ ରାଜ୍ୟର ସରକାରୀ ଯୋଜନାରୁ ଫାଇଦା ମଧ ପାଉଛନ୍ତି । ଓଡ଼ିଶାର ଗାଁରେ ଆନ୍ଧ୍ର ଭୋଟ କରୁଥିବା ସୂଚନା ପାଇବା ପରେ ଗଜପତି ଜିଲ୍ଲା ପ୍ରଶାସନ ଲୋକଙ୍କ ପାଖରେ ପହଁଚି ଆଲୋଚନା କରିଛି । ପଂଚାୟତ ନିର୍ବାଚନ କରି ଗାଁଗୁଡିକୁ କବଜା କରିବାକୁ ଚାହୁଁଛି ଆନ୍ଧ୍ର ପ୍ରଦେଶ । ସୀମା ବିବାଦକୁ ନେଇ ଓଡ଼ିଶା ସରକାର ଉଦାସୀନ ରହିଥିବା ବେଳେ ଷଡ଼ଯନ୍ତ୍ର ପରେ ଷଡ଼ଯନ୍ତ୍ର ରଚି ଚାଲିଛି ଆନ୍ଧ୍ର । ବିଭିନ୍ନ ଯୋଜନା କରି ସୀମାନ୍ତରେ ଥିବା ଗ୍ରାମବାସୀଙ୍କୁ ପ୍ରଲୋଭିତ କରିଚାଲିଛି ପଡୋଶୀ । ଏପଟେ କୋରାପୁଟ, ଗଂଜାମ ଓ ଗଜପତି ଜିଲ୍ଲା ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ କିଛି ଲୋକ ଆନ୍ଧ୍ର ମୁହାଁ ହେଉଛନ୍ତି । ଓଡ଼ିଶା ମାଟିରେ ଆନ୍ଧ୍ର ନିର୍ବାଚନ ବନ୍ଦ ନହେଲେ ଏହି ଗାଁଗୁଡିକ ହାତଛଡ଼ା ହେବା ଆଶଙ୍କା ରହିଛି । ଆନ୍ଧ୍ର ସରକାରଙ୍କ ସହ ଆଲୋଚନା ହେଉ କିମ୍ବା ଆଇନଗତ ପ୍ରକ୍ରିୟା ଜରିଆରେ ଆନ୍ଧ୍ରର ନିର୍ବାଚନ ବନ୍ଦ କରିବାକୁ ଦାବି ଜୋର ଧରିଛି ।

## ଅବସର ପ୍ରାପ୍ତ ଶିକ୍ଷକ ମହେନ୍ଦ୍ର ପ୍ରସାଦ ଜେନାଙ୍କ ସ୍ତ୍ରୀ ସୁରେଖା ଜେନାଙ୍କର ଦେହାନ୍ତ



ଖଇରା,୦୬।୦୨ (ନି.ପ୍ର): ଖଇରା ବ୍ଲକ ସାରକୋଣା ପଂଚାୟତ ମୁକ୍ତାବେଗୁନିଆ ଗ୍ରାମର ଅବସର ପ୍ରାପ୍ତ ଶିକ୍ଷକ ମହେନ୍ଦ୍ର ପ୍ରସାଦ ଜେନାଙ୍କ ସ୍ତ୍ରୀ ସୁରେଖା ଜେନା (୫୬) ଙ୍କର ଦେହାନ୍ତ ଘଟିଛି । ସେ ଆଜି ସକାଳେ ନିତ୍ୟକର୍ମ ସାରି ଘରେ ବସିଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କଲେ ତାଙ୍କୁ ସଙ୍ଗେ ସଙ୍ଗେ ଖଇରା ମେଡିକାଲ କୁ ପରିବାର ଲୋକ ନେଇ ଆସିଥିଲେ । ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ସେ ଜଣେ ପରୋପକାରୀ, ସମାଜ ସେବୀ, ମିଷ୍ଟଭାଷି ଓ ଧର୍ମ ପରାୟଣ ମହିଳା ଥିଲେ । ସେ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ମଧ ଜଡିତ ଥିଲେ । ତାଙ୍କର ମୃତ୍ୟୁ ଖବର ଶୁଣି ଅବସର ପ୍ରାପ୍ତ ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ନାୟକ, ଚିନ୍ତାମଣୀ ସାହାଣୀ, ନିରଞ୍ଜନ ବେହେରା , ଡ଼. ସୁପ୍ରଭା ଦାସ , ଉପସ୍ଥିତ ରହି ସମବେଦନା ଜ୍ଞ୍ୟାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କବି ରାଧାଶ୍ୟାମ ପଣ୍ଡା , ଡ଼. ହରେକୃଷ୍ଣ ରାଉତ , ଧନଞ୍ଜୟ ପଣ୍ଡା ତାଙ୍କ ଆତ୍ମାର ସଦଗତି କାମନା କରିଛନ୍ତି ।

## ବଡଦାଣ୍ଡରେ ଏଟିଏମ ଭାଙ୍ଗିବା ଯୋଜନାରେ ୬ଗିରଫ : ୨ଖଣ୍ଡା, ୨ଜୀବନ୍ତ ବୋମା ଜବତ

ପୁରୀ,୦୬।୦୨ (ନି.ପ୍ର): ବଡଦାଣ୍ଡ ମେଡିକାଲ ଛକରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଏଟିଏମ ଭାଙ୍ଗି ଲୁଟ କରିବା ପାଇଁ ନରେନ୍ଦ୍ରକୋଣ ଦେବୀ ଘାଟ ଦଶଟୁଠ ନିକଟରେ ୯ଜଣ ବ୍ୟକ୍ତି ଯୋଜନା କରୁଥିଲେ । ଏ ସଂପର୍କରେ କୁମ୍ଭାରପଡା ଥାନା ସୂଚନା ପାଇ ସେଠାରେ ଚଢାଉ କରିଥିଲା । ଘଟଣାସ୍ଥଳରେ ୬ଜଣଙ୍କୁ ଧରିଥିବା ବେଳେ ୩ଜଣ ଫେରାର ହୋଇଯାଇଥିଲେ । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ କୁମ୍ଭାରପଡା ଥାନା ଅନ୍ତର୍ଗତ ସୁଦର୍ଶନ ନଗରର ଶିବ ଦାସ (୨୮), ଟାଉନଥାନା ଅନ୍ତର୍ଗତ ଗଣାମଲ୍ଲସାହିର ରିତେଶ ମହାପାତ୍ର ଓରଫ ବିକି (୨୦), ବାଲିସାହିର ଆନନ୍ଦ ସ୍ୱାଇଁ (୨୦), ମଣିକର୍ଣ୍ଣିକା ସାହିର ଚି ରଞ୍ଜନ ମହାନ୍ତି ଓରଫ ପପୁ (୩୧), ବଳିଆପଣ୍ଡା ଥାନା ଅନ୍ତର୍ଗତ ବିଜୟ ନଗରର ସୁଦର୍ଶନ ସାହୁ ଓରଫ ସୁଧା (୪୫) ଓ ବାସେଳୀସାହି ଥାନା ଅନ୍ତର୍ଗତ ମିଶ୍ରସାହି ଜଗନ୍ନାଥ ବସ୍ତିର ମନୋଜ ପଣ୍ଡା ଓରଫ ମୁନା (୨୦) । ଏ ସଂପର୍କରେ କୁମ୍ଭାରପଡା ଥାନାରେ ଏସଆଇ ବିଜୟ କୁମାର ପଣ୍ଡାଙ୍କ ଅଭିଯୋଗ କ୍ରମେ ଥାନାରେ ୩୫/୨୦୨୧ରେ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଶିବ ଦାସଠାରୁ ଗୋଟିଏ ଖଣ୍ଡା, ବିକିଠାରୁ ୨ଟି ଜୀବନ୍ତ ବୋମା, ଆନନ୍ଦ ଠାରୁ ଗୋଟିଏ ଲୁହାରଡ, ପପୁଠାରୁ ଗୋଟିଏ ଟର୍ଚ୍ଚ ଲାଇଟ୍, ସୁଧାଠାରୁ ଗୋଟିଏ ଖଣ୍ଡା ଓ ମୁନାଠାରୁ ଗୋଟିଏ ଲୁହା ରଡ ରବ ଜବତ କରାଯାଇଛି ।

## ବଡଦାଣ୍ଡରୁ ୬୦ବୋତଲ କଫସିରପ ଜବତ, ୧ ଗିରଫ

ପୁରୀ,୦୬।୦୨ (ନି.ପ୍ର): ବଡଦାଣ୍ଡ ବଳଗଣ୍ଡି ଛକ ନିକଟ ତୁଳସୀ ଲଜ ସମ୍ମୁଖରେ ନିଶାଦ୍ରବ୍ୟ କପ ସିରଫ ବିକ୍ରି କରୁଥିବା ବେଳେ ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଆଜି ସକାଳ ୯ଟା୩୦ ମିନିଟ ସମୟରେ କୁମ୍ଭାରପଡା ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ସୂଚନା ପାଇ ବଳଗଣ୍ଡି ନିକଟକୁ ଯାଇ ସ୍କୁଟି ଡିକିରେ କପ ସିରଫ ରଖି ବିକ୍ରି କରୁଥିବା ଦେଖି ପୁଲିସ ତାକୁ ଧରିଥିଲା । ଅଭିଯୁକ୍ତ ଜଣକ ହେଲେ ବାସେଳିସାହି ପୁରୁଣା ଥାନା ପଛପଟର ସୂର୍ଯ୍ୟନାରାୟଣ ତ୍ରିପାଠୀ ଓରଫ କାଲୁ (୨୩) । ତା ଠାରୁ ୬୦ବୋତଲ ଏସକପ ସିରଫ ଜବତ କରିବା ସହ ଏକ ୟାମା ଫେକ୍ସିନୋ ସ୍କୁଟି ଜବତ କରିଛି । ଏ ସଂପର୍କରେ ଏସଆଇ ବେଣୁଧର ରାୟଙ୍କ ଅଭିଯୋଗ କ୍ରମେ ୩୫/୨୦୨୧ରେ ମାମଲା ରୁଜୁ ହୋଇ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ।

## ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ମାଲକାନଗିରି,୦୬।୦୨ (ନି.ପ୍ର): ଉତ୍କଳ ସାମ୍ବାଦିକ ସଙ୍ଘ ମାଲକାନଗିରି ଜିଲ୍ଲା ଶାଖା ପକ୍ଷରୁ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିଲ୍ଲୀପ କୁମାର ସାମନ୍ତରାୟଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ସଙ୍ଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବାରିଷ୍ଟ ସାମ୍ବାଦିକ ଅଶୋକ କୁମାର ମିଶ୍ର,ସଭାପତି ଦୁର୍ଯ୍ୟୋଧନ ପାତ୍ରଙ୍କ ସହ ସମସ୍ତ କର୍ମକର୍ତା ଏବଂ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ । ଶ୍ରୀ ସାମନ୍ତରାୟଙ୍କ ମାଲକାନଗିରି ଜିଲ୍ଲାରେ ଥିବା ଅବସ୍ଥାରେ ସରକାରୀ କାର୍ଯ୍ୟ ସୁଚାରୁ ରୂପେ ତୁଲାଇବା ସହ ଗଣମାଧମ ପ୍ରତିନିଧିମାନଙ୍କ ସହ ସୁସମ୍ପର୍କ ସମ୍ବନ୍ଧରେ ବକ୍ତା ମାନେ ଆଲୋକପାତ କରି ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ । କାର୍ଯ୍ୟ କ୍ରମକୁ ସଙ୍ଘର ସଦଷ୍ୟ ସୁଶାନ୍ତ କୁମାର ସାମଲ ପରିଚାଳନା କରିଥିଲା ବେଳେ ସମ୍ପାଦକ ସତ୍ୟ ନାରାୟଣ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଶ୍ରୀ ସାମନ୍ତରାୟଙ୍କୁ ଉପଢୌକନ ସହ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଥମୁନି ହାତୀ ଉପଦ୍ରବ : ଆଳୁ ଫସଲ ଖାଇଲେ ଓ ନଷ୍ଟ କଲେ

କେନ୍ଦୁଝର,୦୬।୦୨ (ନି.ପ୍ର): କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳରେ ବଣୁଆ ହାତୀ ପଲଙ୍କର ଆତଙ୍କରାଜ ଲାଗି ରହିଥିବା ବେଳେ ତେଲକୋଇ ରେଞ୍ଜ ଅନ୍ତର୍ଗତ ବିମଳା ଫରେଷ୍ଟ ବିଟ୍ ଅଂଚଳରେ କିନ୍ତୁ ହାତୀ ପଲଙ୍କର ଉପଦ୍ରବ ଥମିବାରେ ନାମ ନେଉ ନାହିଁ । ରାତ୍ରୀର ଅନ୍ଧାକରରେ ଗ୍ରାମ ମାନଙ୍କରେ ପଶି ହାତୀ ପଲ କେତେବେଳେ ଲୋକଙ୍କର ଘର ଭାଙ୍ଗୁଛି ତ କେତେବେଳେ ଘର ଭିତରେ ଭାଡିରେ ସଂଚିତ ଧାନ ଚାଉଳ ଖାବା ସହ ନଷ୍ଟ କରୁଛି । ଆଉ କେତେବେଳେ ବାଡିରେ ପଶି ପନି ପରିବା ନଷ୍ଟ କରୁଛି ତ କେତେବେଳେ ବିଲରେ ପଶି ଧାନ ଫସଲ ନଷ୍ଟ କରୁଛନ୍ତି । ସେ ସମ୍ୟରେ ସମ୍ମୁଖରେ ପଡୁଥିବା ଲୋକଙ୍କୁ ମଧ୍ୟ କଚାଡି ମାରୁଛନ୍ତି । ଯେଉଁଥିପାଇଁ ଲୋକମାନେ ସଂପୂର୍ଣ୍ଣ ଭୟଭୀତ ଅବସ୍ଥାରେ ରହିଛନ୍ତି । ଗତକାଲି ଶୁକ୍ରବାର ବିଳମ୍ବିତ ରାତ୍ରୀରେ ଏକ ତିନି ଟିକିଆ ହାତୀ ଦଳ ତେଲକୋଇ ରେଞ୍ଜ ଅଧିନସ୍ଥ ବିମଳା ଫରେଷ୍ଟ ବିଟ୍ ର ଭୀମକାଣ୍ଡ ଗ୍ରାମ ଭିତରେ ପଶି ଉପଦ୍ରବ କରିଛନ୍ତି । ଗାଁ ଲୋକଙ୍କର ଏକର ଏକର ଜମିର ଆଳୁ ଫସଲ ନଷ୍ଟ କରିବା ସହ ପାଦରେ ଦଳି ଚକଟି ନଷ୍ଟ କରି ପକାଇଛନ୍ତି । ମୁଣ୍ଡର ଝାଳ ତୁଣ୍ଡରେ ମାରି ବିଲରେ ଫଳାଇ ଥିବା ଆଳୁ ଫସଲ ହାତୀ ପଲଙ୍କ ଦ୍ୱାରା ନଷ୍ଟ ହେବା ଘଟଣାରେ ଭାଙ୍ଗି ପଡିଛି ବିଚରା ଚାଷୀ ।

## ଜିଲ୍ଲାପାଳଙ୍କ ଅଚାନକ ଆହାର କେନ୍ଦ୍ର ପରିଦର୍ଶନ ଓ ଭୋଜନ



ଭଦ୍ରକ,୦୬।୦୨ (ନି.ପ୍ର): ଜିଲ୍ଲାପାଳ ଡ. ଜ୍ଞାନ ଦାସ ଆଜି ଅଚାନକ ଅନ୍ୟ ଅଧିକାରୀଙ୍କ ସହିତ ନୂଆ ବସ୍‌ଷ୍ଟାଣ୍ଡ ନିକଟ ଦକ୍ଷିଣେଶ୍ୱରୀ କାଳୀମନ୍ଦିରକୁ ଲାଗି ରହିଥିବା ଆହାର କେନ୍ଦ୍ର ପରିଦର୍ଶନ କରିଥିଲେ । ତାଙ୍କ ସହିତ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଦୁଇଜଣ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର ଏବଂ ଇନ୍ଦ୍ରମଣି ନାୟକ, ସିଡିଏମ୍‌ଓ ଡାକ୍ତର ସନ୍ତୋଷ ପାତ୍ର ପ୍ରମୁଖ କେନ୍ଦ୍ର ପରିଦର୍ଶନ କରିବା ସହିତ ଆହାର କେନ୍ଦ୍ରରେ ଭୋଜନ କରିଥିଲେ । ପ୍ରସ୍ତୁତ ଖାଦ୍ୟର ମାନକୁ ନେଇ ଅଧିକାରୀଗଣ ସନ୍ତୋଷ ପ୍ରକଟ କରିବା ସହିତ ଆହାର କେନ୍ଦ୍ରକୁ ଅଧିକ ହାଇଜେନିକ କରିବା ପାଇଁ କେନ୍ଦ୍ର ପରିସର ଓ ବାହାରକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ପରାମର୍ଶ ଦେଇଥିଲେ ।

## ୭ଟି ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଚିଠି ଲେଖିଲେ ପିସିସି ସଭାପତି

ଭୁବନେଶ୍ୱର,୦୬।୦୨ (ନି.ପ୍ର): ରାଜ୍ୟ ସରକାରଙ୍କର "ମୋ ସ୍କୁଲ ଅଭିଯାନ" କାର୍ଯ୍ୟକ୍ରମ ଅନୁଯାୟୀ କେନ୍ଦୁଝର ଜିଲ୍ଲାର ୫ଟି ଓ ମୟୁରଭଞ୍ଜ ଜିଲ୍ଲାର ୨ଟି ସ୍କୁଲକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିବାକୁ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଇଛା ପ୍ରକାଶ କରିଛନ୍ତି । ଏ ସଂକ୍ରାନ୍ତରେ ଅନୁମତି ଦେବା ପାଇଁ ଅନୁରୋଧ କରି ସେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୁପିନ୍ଦର ସିଂ ପୁନିଆଙ୍କୁ ଏକ ପତ୍ର ଲେଖିଛନ୍ତି । ଏବଂ କରିଛନ୍ତି । ଶ୍ରୀ ପଟ୍ଟନାୟକ ଏ ସମ୍ପର୍କରେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ମଧ ପତ୍ର ମାଧମରେ ଅବଗତ କରାଇଛନ୍ତି । ସରକାର ଏହି ପ୍ରସ୍ତାବକୁ ଗ୍ରହଣ କରିବେ ବୋଲି ଶ୍ରୀ ପଟ୍ଟନାୟକ ଆଶାବ୍ୟକ୍ତ କରିଛନ୍ତି । ସେ ଅତୀତରେ ପଢ଼ିଥିବା ପ୍ରାଥମିକ ବିଦ୍ୟାଳୟ, ମାଧମିକ ବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟ ଏଥିରେ ଅନ୍ତର୍ଭୁକ୍ତ ବୋଲି ସେ କହିଛନ୍ତି ।

## ମୁଖ୍ୟ ଚିକିତ୍ସାଳୟ ଆବର୍ଜନା ପରିଚାଳନା କେନ୍ଦ୍ରରେ ଅଗ୍ନିକାଣ୍ଡ

କେନ୍ଦୁଝର,୦୬।୦୨ (ନି.ପ୍ର): ଆଜି ସକାଳେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ଆବର୍ଜନା ପରିଚାଳନା କେନ୍ଦ୍ରରେ ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଛନ୍ତି । ଏଥିରେ କୌଣସି କ୍ଷୟକ୍ଷତି ହୋଇନଥିବା ଜଣାପଡିଛି । ତେବେ କିପରି ଓ କେଉଁ ପରିସ୍ଥିତିରେ ନିଆଁ ଲାଗିଲା ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ ।

## କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ସ୍ମୃତିଚାରଣ ଓ ସଂଗୀତ ସନ୍ଧ୍ୟା ୱେବିନାର

ବାଲେଶ୍ୱର,୦୬।୦୨ (ନି.ପ୍ର): ଅଗ୍ରଣୀ ସାରସ୍ୱତ ପ୍ରତିଷ୍ଠାନ ସୃଜନୀ ପରିବାର, ଚେନ୍ନାଇ ପକ୍ଷରୁ ଗତ ୩୧.୦୧.୨୦୨୧, ରବିବାର ସନ୍ଧ୍ୟା ଛଅଟା ସମୟରେ ୱେବିନାର ମାଧ୍ୟମରେ ଓଡ଼ିଶା ମାଟିର ବରେଣ୍ୟ ନାଟ୍ୟକାର ତଥା ଯଶସ୍ୱୀ ଗୀତିସ୍ରଷ୍ଟା କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ବାଣୀ ଅର୍ପିତ ବିସ୍ତୃତ ଜୀବନାଲେଖ୍ୟର ଆଲୋଚନା ଏବଂ ମନୋଜ୍ଞ ସଂଗୀତସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ନାଟ୍ୟଶାସ୍ତ୍ରର ଭରତମୁନି ଭାବରେ ଚର୍ଚ୍ଚିତ ତଥା ଜଣେ ପ୍ରବୀଣ ଓଡ଼ିଶୀ ସଙ୍ଗୀତଜ୍ଞ, କବି ଓ ଗୀତିକାର ଭାବରେ ଓଡ଼ିଶାର ମଞ୍ଚ ଜଗତ ଏବଂ ବାଣୀଭଣ୍ଡାର ପାଇଁ କବିଚନ୍ଦ୍ର କାଳୀଚରଣଙ୍କର ଅବଦାନ ଅତୁଳନୀୟ । ତାଙ୍କର ସାରସ୍ୱତ ସାଧନାର ସରଣୀ ପ୍ରାକ୍ ସ୍ୱାଧୀନତା ଅର୍ଥାତ୍ ୪ର୍ଥ ଦଶକରୁ ସ୍ୱାଧୀନୋତ୍ତର ସତୁରୀଦଶକ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ଏବଂ ଓଡ଼ିଶୀ ସଂଗୀତ ତଥା ଓଡ଼ିଆ ନାଟ୍ୟ ଆନ୍ଦୋଳନର ନବବିଧାଣୀ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ଅୟୋଜିତ ୱେବିନାରରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସଂଗୀତ ଏକାଡେମୀ ପୁରସ୍କାରପ୍ରାପ୍ତ କବି ତଥା ବରିଷ୍ଠ ଗୀତିକାର ଶ୍ରୀଯୁକ୍ତ ଗୌର ପଟ୍ଟନାୟକ ଯୋଗ ଦେଇ ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନର ସଂପାଦକ ଅଶୋକ କୁମାର ସାମନ୍ତଙ୍କ ଆବାହକତ୍ୱ ଏବଂ ଶିକ୍ଷାବିତ୍ ତଥା କବି ରମେଶ ଚନ୍ଦ୍ର ପସାଏତଙ୍କ ସଞ୍ଚାଳନାରେ ଆୟୋଜିତ ଏହି ଆଲୋଚନାଚକ୍ର ଓ ସଂଗୀତ ସଂଧ୍ୟାରେ ପ୍ରତିଷ୍ଠାନର ମୁଖ୍ୟ ଉପଦେଷ୍ଟା ଶ୍ରୀଯୁକ୍ତ ଆଶୁତୋଷ ସାମନ୍ତସିଂହାର, ପ୍ରାପ୍ତବସର ଆଇ ଏଫ୍ ଏସ୍ ଯୋଗଦେଇ ଉଦ୍‌ଘାଟନୀ ବକ୍ତବ୍ୟ ରଖିଥିଲା ବେଳେ ଅନ୍ୟତମ ଆଲୋଚକ ଭାବରେ ବରିଷ୍ଠ ଗୀତିକବି ତଥା କଳାସୌରଭ ପ୍ରତିଷ୍ଠାନର ସଂପାଦକ ବିଷ୍ଣୁପ୍ରସାଦ ପଟ୍ଟନାୟକ ଯୋଗଦେଇ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କୁ ଭାବମୟ ଗୀତିଗଙ୍ଗାର ଉପାସକ ଜ୍ୟୋତିର୍ମୟ ଭଗୀରଥ ଭାବରେ ଚିତ୍ରଣ କରିଥିଲେ । ଏହି ଅବସରରେ ସୁସାହିତ୍ୟିକା ତଥା ଆକାଶବାଣୀ ଉପସ୍ଥାପିକା ସୁମତି ମୁଣ୍ଡ କବିଚନ୍ଦ୍ର କାଳୀଚରଣଙ୍କ ଉପରେ ପ୍ରସ୍ତୁତ ସ୍ୱକୀୟ ଭିତ୍ତିନିବନ୍ଧ ପାଠ କରିଥିଲେ । ଆଲୋଚନା ପର୍ବ ସହ ଆୟୋଜିତ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ସଂଗୀତ ସନ୍ଧ୍ୟାର ଅନନ୍ୟ ଆକର୍ଷଣଭାବରେ ଆକାଶବାଣୀ ତଥା ଦୂରଦର୍ଶନ ସ୍ୱୀକୃତିପ୍ରାପ୍ତ ଗାୟକ ପ୍ରଶାନ୍ତ ସାମଲ ଏବଂ ଗାୟିକା ଦୀପ୍ତି ଦାସ ସଂଗୀତ ପରିବେଷଣ କରିଥିଲା ବେଳେ ଶିଶୁ କଣ୍ଠଶିଳ୍ପୀ ସତାୟନୀ ପଟ୍ଟନାୟକ ଏବଂ ବଜ୍ରରୂପା ବ୍ରହ୍ମାଙ୍କର ସୁଲଳିତ ସଂଗୀତ ସମସ୍ତଙ୍କୁ ମୁଗ୍ଧ କରିଥିଲା । ପ୍ରାରମ୍ଭରେ ବିଶ୍ୱଭାରତୀ ଦାଶ ଜଗନ୍ନାଥ ଜଣାଣ ପରିବେଷଣ କରିଥିଲା ବେଳେ ପ୍ରତିଷ୍ଠାନର ସଂପାଦକ ଧନ୍ୟବାଦ ଅର୍ପଣ କରିବା ସହ ଆଗାମୀ କାର୍ଯ୍ୟକ୍ରମ ବାବଦରେ ସୂଚନା ପ୍ରଦାନ କରିଥିଲେ ।

## ବାଲିଆପାଳ ବ୍ଲକରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି : ଉନୟନ୍ନ କାର୍ଯ୍ୟ ବାଧାପ୍ରାପ୍ତ

ବାଲିଆପାଳ,୦୬।୦୨ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଂଚଳରେ ଅନେକ ଦାରିଦ୍ର୍ୟ ଦୂରୀକରଣ ଓ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହାକୁ କାର୍ଯ୍ୟକାରୀ କରିବାରେ ବ୍ଲକ ଗୁଡିକର ଗୁରୁତ୍ୱପୂର୍ଣ ଭୂମିକା ରହିଥିବା ବେଳେ ବାଲିଆପାଳ ବ୍ଲକରେ ଦୀର୍ଘ ଦିନ ଧରି ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡିଥିବାରୁ ଉନୟନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ସରକାରଙ୍କର ବିଭିନ୍ନ ଜନକଲ୍ୟାଣ ଯୋଜନାର ସୁବିଧା ଜନସାଧାରଣ ପାଇପାରୁନାହାନ୍ତି । ୨୮ ଟି ପଂଚାୟତ ଓ ୨ ଲକ୍ଷରୁ ଉର୍ଦ୍ଧ ଲୋକଙ୍କୁ ନେଇ ଗଠିତ ବାଲିଆପାଳ ବ୍ଲକର ପରିସୀମା ୨୦ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ପରିବ୍ୟାପ୍ତ । ବ୍ଲକ ସଦର ମହକୁମାରୁ ଗୋଟିଏ ଗୋଟିଏ ପଂଚାୟତର ଦୂରତା ମଧ୍ୟ ୨୦/୨୫ କି.ମି. ଦୂର । ପ୍ରତିଦିନ ଶହ ଶହ ଲୋକ ବିଭିନ୍ନ ପଂଚାୟତରୁ ନିଜ ନିଜ କାମ ପାଇଁ ବ୍ଲକକୁ ଆସିଥାଆନ୍ତି । ଗତ ଜାନୁୟାରୀ ୨୫ ତାରିଖରେ ବାଲିଆପାଳ ବିଡିଓ ଛବିରାଣୀ ସାହୁଙ୍କର ରେମୁଣା ବ୍ଲକକୁ ବଦଳି ହୋଇଛି ।ତାଙ୍କ ସ୍ଥାନରେ ରେମୁଣା ବିଡିଓ ଲଳିତ ସୋରେଙ୍ଗଙ୍କର ବାଲିଆପାଳ ବ୍ଲକକୁ ବଦଳି ହୋଇଛି ।ତେବେ ଶ୍ରି ସୋରେଙ୍ଗ ଅଦ୍ୟାବଧି ଏଠାରେ ଯୋଗଦେଉନଥିବା ବେଳେ ବସ୍ତା ବିଡିଓ କୁକୁମିନା ଦାସ ଭାରପ୍ରାପ୍ତ ବିଡିଓ ଭାବରେ ଦାୟିତ୍ୱ ନେଇଛନ୍ତି । ସ୍ଥାୟୀ ବିଡିଓ ରହୁନଥିବାରୁ ଲୋକଙ୍କ କାମ ହୋଇ ପାରୁନାହିଁ । ସେହିପରି ବ୍ଲକରେ ଦୀର୍ଘଦିନ ଧରି ଏବିଡିଓ,ସିନିୟର କ୍ଲର୍କ, ଜୁନିୟର କ୍ଲର୍କ, ସମାଜ ମଙ୍ଗଳ ସଂପ୍ରସାରଣ ଅଧିକାରୀ ପଦବୀ ଖାଲି ପଡିଛି । ବ୍ଲକର ୨୮ ଟି ପଂଚାୟତରେ ୨୮ ଜଣ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରହିବା କଥା ମାତ୍ର ଅଛନ୍ତି ମାତ୍ର ୧୨ ଜଣ । ଜଣେ ଜଣେ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ୨/୩ ଟି ଲେଖାଏଁ ପଂଚାୟତର ଦାୟିତ୍ୱ ଦିଆଯାଇଛି । ସେହିପରି ୨୮ ଜଣ ଜିଆରଏସ ସ୍ଥାନରେ ଅଛନ୍ତି ୧୮ ଜଣ । ଦୁଇଟି କନିଷ୍ଠଯନ୍ତ୍ରୀ ପଦବୀ ମଧ କାଲି ପଡିଛି ।ଯାହା ଫଳରେ ପଂଚାୟତ ଗୁଡିକରେ ବହୁ ବିକାଶମୂଳକ କାର୍ଯ୍ୟ ସଠିକ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ । ବ୍ଲକର ଏମଆରଇଜିଏସ ର ସହକାରୀ ପ୍ରୋଗ୍ରାମ ଅଫିସର ଓ ଯୋଗାଣ ଅଧିକାରୀଙ୍କୁ ବାଲିଆପାଳ ବ୍ଲକ ସହିତ ଅନ୍ୟ ବ୍ଲକର ଦାୟିତ୍ୱ ଦିଆଯାଇଥିବାରୁ ସେମାନଙ୍କ ବିଭାଗର କାର୍ଯ୍ୟ ମଧ୍ୟ ଠିକ ଭାବରେ ହୋଇପାରୁନାହିଁ । ଏ ଦିଗରେ ସରକାରତୁରନ୍ତ ପଦକ୍ଷେପ ନେଇ ଖାଲି ପଡିଥିବା ପଦବୀ ଗୁଡିକ ପୁରଣ କରିବା ପାଇଁ ଜନସାଧାରଣ ଦାବୀ କରିଛନ୍ତି ।

# ଧଉଳି କଳିଙ୍ଗ ମହୋତ୍ସବ ଆରମ୍ଭ

ଭୁବନେଶ୍ୱର,୦୬।୦୨ (ନି.ପ୍ର): ଐତିହାସିକ ଧଉଳିର ପାଦଦେଶରେ ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ଏବଂ ଆର୍ଟ ଭିଜନ୍ ଦ୍ୱାରା ଆୟୋଜିତ ୧୭ତମ ଧଉଳି କଳିଙ୍ଗ ମହୋତ୍ସବ ଉଦଘାଟିତ ହୋଇଯାଇଛି। ସଂଧ୍ୟାର ପ୍ରଥମ ପରିବେଷଣ ଥିଲା ଓଡ଼ିଶୀ ନୃତ୍ୟରେ ଭଗବାନ ବିଷ୍ଣୁଙ୍କ ଦଶାବତାର - ଜୟ ଜଗଦିଶ ହରେ ଯାହାକୁ ପରିବେଷଣ କରିଥିଲେ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ଶିକ୍ଷୀମାନେ ଯାହାର ନୃତ୍ୟ ପରିକଳ୍ପନା ତଥା ବ୍ୟାଖ୍ୟା କରିଥିଲେ ଡ଼. ସୁବାସ ପାଣି ଓ ନୃତ୍ୟ ସଂରଚନା କରିଥିଲେ ଗୁରୁ ସର୍ମିଳା ବିଶ୍ୱାସ । ସଂଧ୍ୟାର ଦ୍ୱିତୀୟ ପ୍ରସ୍ତୁତିରେ ଥିଲା କଥକ ନୃତ୍ୟ ଯାହାକୁ ପରିବେଶଣ କରିଥିଲେ କଲିକତାର ଉପାସନା ସେଂଟର ଫର ଡ୍ୟାନ୍ସ ଅନୁଷ୍ଠାନର ଶିକ୍ଷୀମାନେ । ସେମାନଙ୍କର ପ୍ରସ୍ତୁତିରେ ଥିଲା ପ୍ରତିମ୍ବିବ ଯାହା ଜୀବନର ପ୍ରତିଛାଇ ଆମେ ଏକା ଭାବିଲେ ମଧ ଏକା ନୁହେଁ, ପାପ-ପୂର୍ଣ୍ୟ, ଭଲ-ମନ୍ଦ, ଧର୍ମ-ଅଧର୍ମର ସମନ୍ୱୟ ହେଉଛି ଜୀବନ ଯାହା ମାୟାରେ ପରିପୂର୍ଣ୍ଣ । ଯାହାର ନୃତ୍ୟ ସଂରଚନା କରିଥିଲେ ଅସିମବନ୍ଧୁ ଭଟ୍ଟାଚାର୍ଜୀ । ଅନ୍ତିମ ପ୍ରସ୍ତୁତିରେ ଥିଲା ମୟୁରଭଞ୍ଜ ଛଉ ନୃତ୍ୟ କପଟ କଥା ଯାହାକୁ ପରିବେଶଣ କରିଥିଲେ ଅର୍ଗିକା ଅନୁଷ୍ଠାନର ଶିକ୍ଷୀମାନେ । କପଟ କଥା ହେଉଛି ମହାଭାରତ ଉପାଖ୍ୟାନର ଭୀଷ୍ମପର୍ବ, ଚକ୍ରବ୍ୟୁହ, ପଦ୍ମବ୍ୟୁହ, କନିଷ୍କପର୍ବ ଆଦି ଯୁଦ୍ଧ ଉପାଖ୍ୟାନର ସମ୍ମିଶ୍ରଣ ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ସଦାଶିବ ପ୍ରଧାନ । ଛଉ ସମରକଳା ନୃତ୍ୟ ପରିବେଷଣ ଯାହା ଦର୍ଶକମାନଙ୍କୁ ଆଶ୍ଚର୍ଯ୍ୟ ଓ ବିସ୍ମିତ କରିଥିଲା । ଉଦଘାଟନୀ ସନ୍ଧ୍ୟାରେ ଅତିଥି ଭାବରେ ଯୋଗଦେଇଥିଲେ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ଼. ପ୍ରୀୟମ୍ବଦା ମହାନ୍ତି ହେଜମାଦୀ; ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା; ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ; ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ; ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ; ନାଲକୋର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର; ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ସଚିବ ଗୁରୁ ଅରୁଣା ମହାନ୍ତି ଏବଂ ଆର୍ଟ ଭିଜନର ସଚିବ ଇଲିୟାନା ସିତାରିଷ୍ଟ। କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡ଼. ଇ. ଶ୍ରୀନିବାସ ଘଟୁଆରୀ ଏବଂ ନାଜିଆ ସାୟିଦ୍।

# ଗୋଟିଏ ଦିନରେ ୮୨ କରୋନା ଆକ୍ରାନ୍ତ ଚିହ୍ନଟ

## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୫୪୬୬

ଭୁବନେଶ୍ୱର,୦୬।୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୫୫୪୮ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୩୨୭୩୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୮୫୩ ରହିଛି । ଆଜି ଚିହ୍ନଟ ହୋଇଥିବା ୮୨ ଜଣଙ୍କ ମଧ୍ୟରୁ ୪୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୧୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୯ ଜଣ ଓ ବାଲେଶ୍ୱର ଜିଲ୍ଲାରୁ ୩ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ଼ରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ, ଭଦ୍ରକ ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରେ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ କେହି ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୧ . ଗଂଜାମ ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୩ ଜଣ, ଝାରସୁଗୁଡ଼ାରୁ ୨ ଜଣ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦୁଝର ଜିଲ୍ଲାରୁ ୨ , ଖୋର୍ଦ୍ଧାରୁ ୫ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ଓ ମାଲକାନଗିରି ଜିଲ୍ଲାରୁ କେହି ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

# ସାମୁଦ୍ରିକ ନୀଳରକ୍ତ କଙ୍କଡ଼ା ଓ ଜୈବ ସୁରକ୍ଷା ମଞ୍ଚ ବୈଠକ

## ଉପକୂଳରୁ କଙ୍କଡ଼ା-ଶାମୁକା ଚୋରା ଚାଲାଣ ରୋକିବାକୁ ଦାବି

ବାଲେଶ୍ୱର,୦୬।୦୨ (ନି.ପ୍ର): ସାମୁଦ୍ରିକ ନୀଳରକ୍ତ କଙ୍କଡ଼ା ଓ ଜୈବ ସୁରକ୍ଷା ମଞ୍ଚର ବୈଠକ ବରିଷ୍ଠ ନାଗରିକ ମଞ୍ଚ ସଭାଗୃହରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀଧର ବେହେରା ଏଥିରେ ଅଧକ୍ଷତା କରିବା ସହିତ ସାମ୍ପ୍ରତିକ ସ୍ଥିତିରେ ବାଲେଶ୍ୱର ଜିଲ୍ଲାର ସମୁଦ୍ର ଉପକୂଳରୁ ବେଆଇନ ଭାବେ ଚାଲାଣ ହେଉଥିବା ଶାମୁକା ଓ ନୀଳରକ୍ତ କଙ୍କଡ଼ା ସମ୍ପର୍କରେ ଅବଗତ କରିଥିଲେ। ଏହାକୁ ନେଇ ବୈଠକରେ ଉଦହେବଗ ପ୍ରକାଶ ପାଇଥିଲା। ସମୁଦ୍ର ତଟବର୍ତ୍ତୀ ଥାନା ମାନଙ୍କ ତରଫରୁ ଏଥିପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବିଭିନ୍ନ ଗଣମାଧମରେ ଏହି ବେଆଇନ କାରବାର ସଂପର୍କରେ ସମ୍ବାଦ



ପ୍ରକାଶ ପାଇଥିଲେ ମଧ ଜିଲ୍ଲା ପ୍ରଶାସନ ବା ପୁଲିସ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି। ଏନେଇ ଆସନ୍ତା ସୋମବାର ଦିନ ଜିଲ୍ଲାପାଳଙ୍କୁ ଏ ସଂପର୍କରେ ଲିଖିତ ଅଭିଯୋଗ କରିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ଚଳିତ ବଜେଟ୍‌ରେ କେନ୍ଦ୍ର ସରକାର 'ଡିପ୍ ଓସେନ୍ ମିଶନ୍' ପାଇଁ ୪ ହଜାର କୋଟି ଟଙ୍କା ଖର୍ଚ୍ଚ ଅଟକଳକୁ ବୈଠକରେ ସ୍ୱାଗତ କରାଯାଇଛି। ବାଲେଶ୍ୱରରେ ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୀବମାନଙ୍କ ଉପରେ ଏକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ବୈଠକରେ କେନ୍ଦ୍ରସରକାରଙ୍କୁ ନିବେଦନ କରାଯାଇଛି।ଏହି ନୂତନ ସଂଗଠନ ସୁପରିଚାଳନା ପାଇଁ ସଭାପତି-ଲକ୍ଷ୍ମୀଧର ବେହେରା, ଉପସଭାପତି-ଗୌରାଙ୍ଗ ପାଣିଗ୍ରାହୀ ଓ ଶିଳ୍ପୀ କେଶୁଦାସ, ସଂପାଦକ-ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ସହସଂପାଦକ-ଗଗନ କୁମାର ସେଠୀ ଓ ମମତା ବେହେରା, କୋଷାଧକ୍ଷ-ଜ୍ଞାନାନନ୍ଦ ମିଶ୍ରଙ୍କୁ କର୍ମକର୍ତ୍ତା ଭାବେ ମନୋନୀତ କରାଯାଇଛି। କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଡ. ସିଦ୍ଧାର୍ଥ ପତି, ନିରଞ୍ଜନ ପରିଡ଼ା, ମନୋଜ ନାୟକ, ସୁଧାକର ସେଠୀ, ସୀତାରାମ ପ୍ରଧାନ, ତୁଷାରକାନ୍ତ ତପସୀ, ରଞ୍ଜିତ୍ କୁମାର ପୃଷ୍ଟି, ପ୍ରବୀର କୁମାର କମିଲା ଏବଂ ସ୍ଥାୟୀ ନିମନ୍ତିତ ସଦସ୍ୟ ଭାବେ ଅନ୍ତର୍ଯ୍ୟାମୀ ପ୍ରଧାନ, ସୁଶାନ୍ତ ବେରା, ବାସୁଦେବ ସାହୁ ଓ ଗଣେଶ୍ୱର ରାଉତଙ୍କୁ ମନୋନୀତ କରାଯାଇଛି। ଗଗନ କୁମାର ସେଠୀ ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ଆଜି ସନ୍ଧ୍ୟାରେ ଭର୍ଚୁଆଲ୍ ମୋଡ୍‌ରେ ବିରଲି ଓ ଡାଙ୍ଗ ନୃତ୍ୟ

ଭୁବନେଶ୍ୱର,୦୬।୦୨ (ନି.ପ୍ର): ସ୍ଥାନୀୟ ୟୁନିଟ୍-୧ ସ୍ଥିତ ଆଦିବାସୀ ପଡ଼ିଆଠାରେ ଜାନୁଆରୀ ୨୬ ତାରିଖଠାରୁ ଆଦିବାସୀ ମେଳା ଅନୁଷ୍ଠିତ ହେଉଛି । ପ୍ରତିଦିନ ସନ୍ଧ୍ୟା ୬ଟାଠାରୁ ୭ଟା ପର୍ଯ୍ୟନ୍ତ ଆଦିବାସୀ ମେଳାର ୱେବ୍‌ସାଇଟ୍ http//:www.adivasimela2021.com ରେ ସମସ୍ତେ ଘରେ ବସି ଆଦିବାସୀ ନୃତ୍ୟ ଦେଖିପାରିବେ । ଆଜି ଅର୍ଥାତ୍ ଫେବୃଆରୀ ୬ ତାରିଖ ଦିନ ଦୁରୁଆ ଜନଜାତିଙ୍କର ବିରଲି ନୃତ୍ୟ ଓ ସାନ୍ତାଳ ଜନଜାତିଙ୍କର ଡାଙ୍ଗ ନୃତ୍ୟକୁ ଦର୍ଶକମାନେ ଉପଭୋଗ କରିପାରିବେ। ଫେବୃଆରୀ ୭ ତାରିଖ ଦିନ କୋହ୍ଲ ଜନଜାତିଙ୍କର ବା ପରବ ନୃତ୍ୟ, ବଣ୍ଡା ଜନଜାତିଙ୍କର ଚଇତି ଯାତ୍ରା ନୃତ୍ୟ, କନ୍ଧ ଜନଜାତିଙ୍କର ଢାପ ନୃତ୍ୟ, ମୁଣ୍ଡା ଜନଜାତିଙ୍କର ମାଗେ ପରବ ନୃତ୍ୟ ପ୍ରଦର୍ଶିତ ହେବ ବୋଲି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ସୂତ୍ରରୁ ପ୍ରକାଶ ।

# ଯାଜପୁରରେ ୨୪ ଘଂଟାରେ ୧୩୪୦୦୦ ଟଙ୍କା ଜୋରିମାନା ଆଦାୟ

ଭୁବନେଶ୍ୱର,୦୬।୦୨ (ନି.ପ୍ର): ଯାଜପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା, ସାମାଜିକ ଦୂରତ୍ୱ ନିୟମକୁ ନ ମାନିବା, ବାହାରେ ଛେପ ପକାଇବା ଓ ମୋଟର ଯାନ ଆଇନ ଭାଙ୍ଗିବା ଅଭିଯୋଗରେ ୧୩୪୦୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ବେଳେ ୦୫ ଜଣଙ୍କର ଡ୍ରାଇଭିଂଗ ଲାଇସେନ୍ସକୁ ନିଲମ୍ବିତ କରା ଯାଇଛି । ଯାଜପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ସମେତ ୫୩୬ ଜଣ ସରକାରୀ କର୍ମଚାରୀ ନେଲେ କୋଭିଡ୍ ଟିକା

ଭଦ୍ରକ,୦୬।୦୨ (ନି.ପ୍ର): ଆଜି କୋଭିଡ୍ ଟୀକାକରଣ କାର୍ଯ୍ୟରେ ଭଦ୍ରକ ଜିଲ୍ଲାର ସରକାରୀ ଅଧିକାରୀ ଏବଂ କର୍ମଚାରୀ ଟୀକା ଗ୍ରହଣ କରିଛନ୍ତି। ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଏସ୍‌ପି ଚରଣ ସିଂ ମୀନାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ସହରର ୩ଟି ସ୍ଥାନରେ ହୋଇଥିବା ଟୀକାକରଣ କେନ୍ଦ୍ରରେ ଟୀକା ନେଇଛନ୍ତି। ପ୍ରଥମେ ଜିଲ୍ଲାପାଳ ଡ. ଦାସ ସଂସ୍କୃତି ଭବନରେ ଅନୁଷ୍ଠିତ ଟୀକାକରଣ କେନ୍ଦ୍ରରେ ଟୀକା ନେଇଥିଲେ। ପରେ ଏସ୍‌ପି ଶ୍ରୀଯୁକ୍ତ ମୀନା, ଅତିରିକ୍ତ ଜିଲ୍ଲାପାଳ ଦୁଇଜଣ ଅରୁଣ କୁମାର ମହାପାତ୍ର ଏବଂ ଇନ୍ଦ୍ରମଣି ନାୟକ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ



ଦାସ, ଉପଜିଲ୍ଲାପାଳ ପୀତାମ୍ବର ସାମଲଙ୍କ ସମେତ ଅଧିକାରୀ ଓ କର୍ମଚାରୀ ଟୀକା ଗ୍ରହଣ କରିଥିଲେ। ସଂସ୍କୃତି ଭବନରେ ମୋଟ ୨୭୭ଜଣ ଟୀକା ନେଇଥିବା ବେଳେ ଅନ୍ୟ କେନ୍ଦ୍ର ଦିବାରାତ୍ର ଆଶ୍ରୟ କେନ୍ଦ୍ରରେ ୧୧୧ଜଣ ଏବଂ ବ୍ଲକ କଲୋନୀ ସ୍ଥିତ କମ୍ୟୁନିଟି ହଲ୍‌ରେ ୧୪୮ଜଣ ଟୀକା ନେଇଛନ୍ତି। ସମସ୍ତଙ୍କୁ ମିଶାଇ ମୋଟ ୫୩୬ଜଣ ଆଜି ଟୀକା ନେଇଥିବା ବେଳେ ଆଗାମୀ ଦିନରେ ବାକି ରହିଥିବା ଅଧିକାରୀ ଏବଂ କର୍ମଚାରୀ ମଧ ଟୀକା ନେବେ ବୋଲି ଜଣା ପଡ଼ିଛି।

# ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଚ୍ଛନ୍ଦ ଚରଣ ପ୍ରଧାନଙ୍କ ଦେହାନ୍ତରେ ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୬।୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଚ୍ଛନ୍ଦ ଚରଣ ପ୍ରଧାନଙ୍କ ଦେହାନ୍ତରେ ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଚ୍ଛନ୍ଦ ଚରଣ ପ୍ରଧାନଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ଅମର ଆତ୍ମାର ସଦଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି।

# ସଂସଦରେ ବିଭ୍ରାନ୍ତିକର ତଥ୍ୟ ଦେଉଛି ବିଜେଡି : ବିଜେପି

## କୃଷି ଓ କୃଷକ ସମସ୍ୟା ପ୍ରସଙ୍ଗରେ ବିତର୍କ ପାଇଁ ବିଜେଡିକୁ ଖୋଲା ଆହ୍ୱାନ

ଭୁବନେଶ୍ୱର,୦୬।୦୨ (ନି.ପ୍ର): ପବିତ୍ର ସଂସଦରେ ଶାସକ ବିଜୁ ଜନତା ଦଳର ସଦସ୍ୟମାନେ ମିଥ୍ୟା ଓ ବିଭ୍ରାନ୍ତକର ତଥ୍ୟ ଉପସ୍ଥାପନା କରି ଦ୍ୱନ୍ଦ ସୃଷ୍ଟି କରୁଛନ୍ତି। ଗତ କାଲି ବିଜେଡି ସାଂସଦ ଡା.ସସ୍ମିତ ପାତ୍ର ରାଜ୍ୟସଭାରେ ଧନ୍ୟବାଦ ଆଲୋଚନାରେ କଷ୍ଟ ଅଫ ପ୍ରଡକ୍ସନକୁ ନେଇ ଡା.ପାତ୍ର ସାଧାରଣରେ ଦ୍ୱନ୍ଦ ସୃଷ୍ଟି କରିଛନ୍ତି । ଚାଷୀଙ୍କ ରୋଜଗାର ୨ ଗୁଣ କରିବା ସଂପର୍କରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିସ୍ତୃତ ଭାବରେ ରାଜ୍ୟସଭାରେ ବକ୍ତବ୍ୟ ଦେଇସାରିଲା ପରେ ତାଙ୍କୁ କଟାକ୍ଷ କରି ଡା.ପାତ୍ର ଯେଉଁ ମିଥ୍ୟା ଉଦାହରଣ ଉପସ୍ଥାପନ କରିଛନ୍ତି, ତାହା ସଂପୂର୍ଣ୍ଣ ଭାବେ ମିଥ୍ୟା ଓ ବିଭ୍ରାନ୍ତକର ଅଟେ । ସ୍ୱାମୀନାଥନ ରିପୋର୍ଟ ଏବଂ ଆନ୍ତଃମନ୍ତ୍ରୀସ୍ତରୀୟ ରିପୋର୍ଟକୁ ଭଲ ଭାବେ ନପଢି ବିଭ୍ରାନ୍ତିକାରୀ ବକ୍ତବ୍ୟ ଦେଇ ଦ୍ୱନ୍ଦ ସୃଷ୍ଟି କରିଛନ୍ତି । ବୁଝି ନପାରିଲେ ଆଲୋଚନା କରି ବକ୍ତବ୍ୟ ଦିଅନ୍ତୁ ନଚେତ୍ ଖୋଲା ବିତର୍କକୁ ଆସି ଆଲୋଚନା କରିବାକୁ ଡା.ପାତ୍ରଙ୍କୁ ଆହ୍ୱାନ ଦେଇଛନ୍ତି ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ । ଶନିବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, କେନ୍ଦ୍ର ସରକାର ସ୍ୱାମୀନାଥନ କମିଟିର ସୁପାରିଶକ୍ରମେ ଧାନର ଏମଏସପି ଧାର୍ଯ୍ୟ କରିନାହାନ୍ତି ବୋଲି ଅଭିଯୋଗ କରିବା ସଂପୂର୍ଣ୍ଣ ମିଥ୍ୟା । ୨୦୦୪ ମସିହା ଫେବୃଆରୀ ମାସରେ ଡା.ଏମ.ଏସ. ସ୍ୱାମୀନାଥନଙ୍କ ନେତୃତ୍ୱରେ ନ୍ୟାସନାଲ କମିଶନ ଅନ୍ ଫାର୍ମର୍ସ (ଏନସିଏଫ) ଗଠନ କରାଇଯାଇଥିଲା ଏବଂ ଏନସିଏଫର ସୁପାରିଶ ଅନୁସାରେ ସରକାର ନ୍ୟାସନାଲ ପଲିସି ଫର ଫାର୍ମର୍ସ ଇନ ୨୦୦୭ (ଏନଆପଏଫ ୨୦୦୭)କୁ ଅନୁମୋଦନ କରିଥିଲେ । ଏମ.ଏସ.ସ୍ୱାମୀନାଥନଙ୍କ ନେତୃତ୍ୱରେ ଗଠିତ ହୋଇଥିବା ଏନସିଏଫ ପରାମର୍ଶ ଦେଇଥିଲେ ଯେ, ଉତ୍ପାଦନ ଖର୍ଚ୍ଚର ହାରାହାରି ମୂଲ୍ୟଠାରୁ ଏମଏସପି ସର୍ବନିମ୍ନ ୫୦ ପ୍ରତିଶତ ଅଧିକ ହେବା ଉଚିତ୍। ଏହି ସୁପାରିଶ ସମୟରେ ସ୍ୱାମୀନାଥନ ସଠିକ୍ ଭାବରେ ଏମଏସପି ଧାର୍ଯ୍ୟ ପାଇଁ କେଉଁ ମୂଲ୍ୟ ଏ୨ + ଏଫଏଲ କିମ୍ବା (ଏ୨ + ଏଫଏଲ ବା ସି୨) କୁ ବିଚାର କରାଯିବା ଉଚିତ୍ ତାହା ଉଲ୍ଲେଖ କରିନାହାନ୍ତି । ଏଥିରୁ ଡା.ପାତ୍ରଙ୍କ ଅଭିଯୋଗ ସଂପୂର୍ଣ୍ଣ ମିଥ୍ୟା ବୋଲି ସ୍ପଷ୍ଟ ହୋଇଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । ଅନ୍ୟ ପଟେ ମୋଦି ସରକାର ୨୦୧୪ ମସିହାରେ ଶାସନ କ୍ଷମତାକୁ ଆସିବା ପରେ ଧାନର କ୍ୱିଂଟାଲ ପିଛା ଏମଏସପି ମୂଲ୍ୟ ୨୦୧୪-୧୫ ଆର୍ଥିକ ବର୍ଷରେ ମାତ୍ର ୧୩୬୦ ଟଙ୍କା ଥିବାବେଳେ ବର୍ତମାନ ୨୦୨୦-୨୧ ଆର୍ଥିକ ବର୍ଷରେ ଏହା ୧୮୬୮ ଟଙ୍କାକୁ ବୃଦ୍ଧି ପାଇଛି ।

# ପୋଲିସ ଓ ଏସଟିଏଫର ଚଢ଼ଉ : ବିପୁଳ ପରିମାଣର ନକଲି ପାନ ମସଲା, ଜର୍ଦ୍ଦା ଜବତ

ଖୋର୍ଦ୍ଧା,୦୬।୦୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅଂଚଳର ନୂଆସାହି ଓ ପିଚୁକୁଳିରେ ପୋଲିସ ଓ ଏସଟିଏଫ ପକ୍ଷରୁ ଚଢ଼ଉ କରାଯାଇଛି । ଚଢ଼ଉ ବେଳେ ସେଠାରୁ ବିପୁଳ ପରିମାଣର ନକଲି ପାନ ମସଲା, ଜର୍ଦ୍ଦା, ଓ ଅନ୍ୟାନ୍ୟ ନକଲି ସାମଗ୍ରୀ ଜବତ ହୋଇଛି। ଘଟଣାରେ ଦୁଇ ଜଣଙ୍କୁ ଅଟକ ରଖି ପଚରା ଉଚୁରା ଚଳାଇଛି ପୋଲିସ ।

# କୃଷି ଆଇନ ପ୍ରତ୍ୟାହାର ଦାବିରେ ବାଲେଶ୍ୱରରେ ଚକାବନ୍ଦ

ବାଲେଶ୍ୱର,୦୬।୦୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ସମଗ୍ର କରି ଦେଶରେ ଆଜି ପ୍ରତୀକ ଚକାବନ୍ଦ ଆନ୍ଦୋଳନ ଅନୁଷ୍ଠିତ ହୋଇଥିବା ବେଳେ ଅନୁରୂପ ଭାବେ ବାଲେଶ୍ୱରରେ ମଧ୍ୟ ୩ଘଣ୍ଟାରୁ ଅଧିକ ସମୟ ଧରି ଜାତୀୟ ରାଜପଥ ଅବରୋଧ କରାଯାଇଥିବା ଦେଖିବାକୁ ମିଳିଥିଲା। ୧୬ନଂ ଜାତୀୟ ରାଜପଥର ରେମୁଣା ଗୋଲେଇଠାରେ ଶହଶହ କୃଷକ, କୃଷି ଶ୍ରମିକ ଓ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ରାସ୍ତାରୋକ କରିଥିଲେ। କେନ୍ଦ୍ର ସରକାରଙ୍କ ନୂତନ




କୃଷିଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀ ଉପକଣ୍ଠରେ ଗତ ନଭେମ୍ବର ୨୬ ତାରିଖରୁ ଲକ୍ଷ ଲକ୍ଷ କୃଷକ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ସମର୍ଥନ କରି ସଂଯୁକ୍ତ କିଶାନ ମୋର୍ଚ୍ଚାର ଆହ୍ୱାନରେ ଦେଶବ୍ୟାପୀ 'ଚକାଜାମ୍' ଆନ୍ଦୋଳନ ହୋଇଛି। ବାଲେଶ୍ୱରରେ ପ୍ରାୟ ୧୦ଟି କୃଷକ ସଂଗଠନ ଏହି ଆନ୍ଦୋଳନକୁ ସମର୍ଥନ କରି ଜାତୀୟ ରାଜପଥକୁ ୩ଘଣ୍ଟା ଧରି ଅବରୋଧ କରିଥିଲେ। ଫଳରେ ରାଜପଥର ଦୁଇପାର୍ଶ୍ୱରେ ଶହଶହ ଗାଡ଼ି ଅଟକିଥିଲା। ଅବରୋଧ ସ୍ଥଳରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ସଂଜୀବ ଗିରି, ଶିଶିର ହୁଇ, ଭାଗବତ ପ୍ରତିହାରୀ, ଅରୁଣ ଜେନା, ନିରାକାର ପାଣ୍ଡବ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି କେନ୍ଦ୍ର ସରକାରଙ୍କ କୃଷକ ବିରୋଧି ୩ଟି ଆଇନ କିପରି କୃଷକ ଓ ଖାଉଟି ବିରୋଧୀ ବୋଲି ସେମାନେ ଦର୍ଶାଇଥିଲେ।

# ଟ୍ରକ ଧକ୍କାରେ ପରିବା ଚାଷୀଙ୍କ ଘଟଣାସ୍ଥଳରେ ମୃତ

ବସ୍ତା,୦୬।୦୨ (ନି.ପ୍ର): ଆଜି ସକାଳ ଆଠଟା ସମୟ ରେ ୬୦ନମ୍ବର ଜାତୀୟ ରାଜପଥ ବସ୍ତା ଥାନା ଅମର୍ଦ୍ଦାଫାଣ୍ଡି ଅଧିନରେ ଥିବା ସୁବର୍ଣ୍ଣରେଖା ନଦୀ ପୋଲ ଉପରେ ସକିଲା ୮ ଟା ସମୟରେ ବେଣାପୁର ହାଟକୁ ଚାଲନ୍ତି ଗ୍ରାମର ହରେକୃଷ୍ଣ ମାହାନ୍ତି (୫୩) ପରିବା ବିକିବା ପାଇଁ ସାଇକେଲରେ ପରିବା ବୋଝେଇକରି ଯାଉଥିବା ବେଳେ ଜଳେଶ୍ୱରରୁ ବାଲେଶ୍ୱରମୁଖା ଜାଉଥିବା ଏକ ନମ୍ବର ଥିବା ଟି ଏମ୍ ୫୨ କେ ୩୬୬୯ ବୃଦ୍ଧ କୁ ଧକ୍କା



ଦେଇଥିଲା ଫଳରେ ବୃଦ୍ଧଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଖବର ପାଇ ଜାତୀୟ ରାଜପଥ ଆମ୍ବୁଲାନ୍ସର କର୍ମଚାରୀ ନିଶାନ୍ତ ମଣ୍ଡଳ ଓ ତାଙ୍କ ସହଯୋଗୀ ମାନେ ବସ୍ତା ଡାକ୍ତରଖାନାକୁ ନେଇ ଆସିଥିଲେ । ଡାକ୍ତର ଦେଖୀ ତାଙ୍କୁ ମୃତ ଘୋଷଣା କରିଥିଲେ । ଅର୍ମଦ୍ଧା ଫାଣ୍ଡି ଅଧିକାରୀ ରସାନନ୍ଦ ବେହେରା ଘଟଣା ଘଟେଇଥିବା ଟ୍ରକକୁ ଜବଦ କରିବା ସହିତ ଏକ ଅପମୃତ ମାମଲା କେସ ନଂ ୩୩/୨୦୨୧ ରେ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛନ୍ତି ।

# ବାଲେଶ୍ୱରରେ ରୁଚି 'ଫ୍ରୋଜିଟ' ଆଉଟଲେଟ୍

ବାଲେଶ୍ୱର,୬।୨(): ଓଡ଼ିଶାର ପ୍ରସିଦ୍ଧ ମସଲା ଉତ୍ପାଦ କମ୍ପାନି 'ରୁଚି'ର ଫୁଡ୍ ଲାଇନ 'ଫ୍ରାଜିଟ' ବିଭାଗର ଏକ ନୂତନ ଆଉଟଲେଟ୍ ବାଲେଶ୍ୱର ସହରର ଓଟିରୋଡ୍ ପାର୍ଶ୍ୱ ଜିଲ୍ଲା ଶିଳ୍ପକେନ୍ଦ୍ର ଛକଠାରେ ଉଦ୍‌ଘାଟିତ ହୋଇଯାଇଛି । 'ପାର୍ବତୀ ଏଣ୍ଟରପ୍ରାଇଜେସ' ନାମରେ ଏହି ନୂତନ ଫ୍ରାଜିଟ ଆଉଟଲେଟକୁ ରଚି କମ୍ପାନିର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ରଚି କମ୍ପାନି ଦ୍ୱାରା ପ୍ରସ୍ତୁତ ହେଉଥିବା ସମସ୍ତ ଉତ୍ପାଦ କେବଳ ଓଡ଼ିଶାର ନୁହେଁ ଭାରତର ଅନ୍ୟାନ୍ୟ ରାଜ୍ୟରେ ମଧ୍ୟରେ ଆଦୃତ ହେବାରେ ଲାଗିଛି ବୋଲି ଡକ୍ଟର ସାହୁ ସୂଚନା ଦେଇଥିଲେ। ତେବେ ବାଲେଶ୍ୱରରେ ଏହି ଫ୍ରୋଜିଟ ଆଉଟଲେଟ୍ ସମଗ୍ର ଉତ୍ତର ଓଡ଼ିଶାରେ ପ୍ରଥମ ହୋଇଥିବା ବେଳେ ୪ ଜିଲ୍ଲାର ଲୋକଙ୍କ ଚାହିଦା ପୂରଣରେ ଏହା ବେଶ୍ ସହାୟକ ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଭବିଷ୍ୟତରେ ବାଲେଶ୍ୱର ଆଉଟଲେଟରେ ଯାଜପୁରଠାରୁ କୋଲକାତା ପର୍ଯ୍ୟନ୍ତ ବ୍ୟାପକ ଅଞ୍ଚଳ ପାଇଁ ଫ୍ରୋଜନ ଫୁଡ୍ ସମେତ କମ୍ପାନିର ସମସ୍ତ ଉତ୍ପାଦ ଉପଲବ୍ଧ ହେବ ବୋଲି ଡକ୍ଟର ସାହୁ ଉଲ୍ଲେଖ କରିଥିଲେ। ରଚି କମ୍ପାନିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ କମ୍ପାନି ପକ୍ଷରୁ ପ୍ରସ୍ତୁତ କରାଯାଉଥିବା ବିଭିନ୍ନ ସାମଗ୍ରୀର ଉତ୍ତମ ଗୁଣାବତ୍ତା ସମ୍ପର୍କରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ବାଲେଶ୍ୱର ଆଉଟଲେଟ୍‌ରୁ ରେଳଯାତ୍ରୀଙ୍କ ପାଇଁ ମଧ୍ୟ ଫ୍ରୋଜନ ଫୁଡ୍ ଯୋଗାଇ ଦେବାକୁ ଉଦ୍ୟମ କରାଯାଉଛି ବୋଲି ସେ କହିଥିଲେ। ରଚି କମ୍ପାନି ଫ୍ରୋଜନ ଫୁଡର ବାଲେଶ୍ୱର ଅଧିକୃତ ବିକ୍ରେତା ତଥା ପାର୍ବତୀ ଏଣ୍ଟରପ୍ରାଇଜେସର ନିର୍ଦ୍ଦେଶକ ରଂଜନ ନାୟକ ଏହି ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନିର ସଂଯୋଜକ ଉଲ୍ଲାସ ବେହେରାଙ୍କ ସମେତ ଆଉଟଲେଟ୍‌ର ନିର୍ଦ୍ଦେଶିକା ପାର୍ବତୀ ଦେବୀ, ସହଯୋଗୀ ରାଜେଶ ଘଡ଼େଇ ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିଲେ।

# ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ପ୍ରତୀକ ଧାରଣା

ଭଦ୍ରକ,୦୬।୦୨ (ନି.ପ୍ର): ଚଳିତ ଫେବୃୟାରୀ ମାସ ୧୧,୧୨,୧୩ ଓ ୧୪ ତାରିଖ ଦିନ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ,ଧାମନଗର ବିଧାୟକ ବିଷ୍ଣୁ ସେଠୀ, ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଏବଂ ସାଂସଦ ମଂଜୁଲତା ମଣ୍ଡଳଙ୍କ ବାସ ଭବନ ଆଗରେ ପ୍ରତୀକ ଧାରଣାରେ ବସିବା ପାଇଁ ଭଦ୍ରକ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ତରଫରୁ ନିଷ୍ପତ୍ତି ନିଆଯାଇଛି। ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ଭଦ୍ରକରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସର୍ବସାଧାରଣରେ ଦାବି ହୋଇ ଆସୁଛି। ଏଇ କିଛି ବର୍ଷ ମଧ୍ୟରେ ରାଜ୍ୟରେ ବର୍ତ୍ତମାନ ୧୫ଟି ମେଡିକାଲ କଲେଜ ପ୍ରତିଷ୍ଠା ହୋଇ



ସାରିଥିଲେ ମଧ୍ୟ ଭଦ୍ରକର ଦାବିକୁ ରାଜ୍ୟ ସରକାର ଅଣଦେଖା କରି ଆସୁଛନ୍ତି । ଭଦ୍ରକର ସମସ୍ତ ପଡୋଶୀ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହୋଇ ସ୍ୱାସ୍ଥ୍ୟ ସେବାରେ ବ୍ୟାପକ ଉନ୍ନତି ଘଟିଥିଲେ ମଧ୍ୟ ଭଦ୍ରକର ସ୍ଥିତି ଅତ୍ୟନ୍ତ ଶୋଚନୀୟ ରହିଛି । ଏହି ମର୍ମରେ ଭଦ୍ରକ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ତରଫରୁ ଭଦ୍ରକ ଜିଲ୍ଲାର ସମସ୍ତ ବିଧାୟକ ଏବଂ ସାଂସଦଙ୍କ ବାସଭବନ ସମ୍ମୁଖରେ ପ୍ରତୀକ ଧାରଣାରେ ବସିବା ପାଇଁ ନିଷ୍ପତି ଗ୍ରହର କରାଯାଇଛି । ଏହି ପରିପ୍ରେକ୍ଷୀରେ ବିଧାୟକ ସଂଜୀବ ମଲିକ, ବିଧାୟକ ବିଷ୍ଣୁ ସେଠୀ ଏବଂ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପ୍ରତିନିଧି ଲୁଲୁ ସାମଲଙ୍କୁ କ୍ରିୟାନୁଷ୍ଠାନ କମିଟି ତରଫରୁ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଡାକ୍ତର ହରେକୃଷ୍ଣ ନାୟକ, ଅଭୟ ଦ୍ୱିବେଦୀ, ଶାନ୍ତନୁ ରାଉତ, ସୁଧାକର ରାଉତ, ପର୍ଶୁରାମ ଦ୍ୱିବେଦୀ, ବଳରାମ ମିଶ୍ର, ସଂଗ୍ରାମ ମହାନ୍ତି ପ୍ରମୁଖ ସଦସ୍ୟମାନେ ସାକ୍ଷାତ କରି ପ୍ରତୀକ ଧାରଣା ସଂପର୍କରେ ଚିଠି ପ୍ରଦାନ କରିଛନ୍ତି । ଆଗାମୀ ୧୮ ତାରିଖରୁ ବିଧାନସଭା ଅଧିବେଶନ ବସିବାକୁ ସ୍ଥିର ହୋଇଥିବାବେଳେ, ଏହି ପ୍ରତୀକ ଧାରଣା, ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବ ବୋଲି ଭଦ୍ରକବାସୀ ଅତ୍ୟନ୍ତ ଆଶାବାଦୀ ଅଟନ୍ତି ।

# କାହାକୁ ଇଞ୍ଚେ ଜାଗା ଦିଆଯିବନି : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୦୬ ଜାନୁଆରୀ – କୋରାପୁଟ ଓ ଗଜପତି ଜିଲ୍ଲାର କିଛି ସ୍ଥାନରେ ଆନ୍ଧ୍ରର ନିର୍ବାଚନ ପ୍ରସଙ୍ଗରେ କାହାକୁ ଇଂଚେ ଜାଗା ଦିଆଯିବନାହିଁ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି। ଘଟଣା ସମ୍ପର୍କରେ ରାଜ୍ୟ ସରକାର ଅବଗତ ଥିଲେ। କିଛି ଦିନ ପୂର୍ବେ ମୁଖ୍ୟମନ୍ତ୍ରୀ ଉକ୍ତ ଅଂଚଳରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିଛନ୍ତି। ଆମ ତରଫରୁ ଯାହା କରିବାର ଅଛି ଯଥାସମ୍ଭବ କରାଯିବ। ଆମେ ଦୃଢ ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo